ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ପୁରୁଣା ବର୍ଷକୁ ବିଦାୟ ଅବସରରେ ଶୁକ୍ରବାର ରବୀନ୍ଦ୍ରମଣ୍ଡପ ସମ୍ମୁଖରେ ଆୟୋଜିତ ହୋଇଥିଲା ସାହିତ୍ୟ ଆସର 'ପଚିଶିର ପଚିଶି'। ଅସୀମ ଦା' ଖଟିରେ ଏକାଠି ହୋଇଥିଲେ ୨୫ଜଣ କବି, କଥାକାର ଓ କଳାକାର। ଏମାନଙ୍କ ସହ ସାମିଲ ହୋଇଥିଲେ ୧୦ଜଣ ଯୁବ ପ୍ରତିଭା। ଖଟିରେ ଆବୃତ୍ତି କରିଥିଲେ ଗପ ଓ କବିତା। ଆସରରେ ବହୁ ସଂଖ୍ୟାରେ ଯୋଗଦେଇଥିଲେ କବି, କଥାକାର, ଚିତ୍ରଶିଳ୍ପୀ ଓ କଳାକାର। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଫାଉଣ୍ଡେଶନର ସଭାପତି ଚିତ୍ରଶିଳ୍ପୀ ରାମହରି ଜେନା, ଉପଦେଷ୍ଟା ସ୍ତମ୍ଭକାର ଅସିତ୍ ମହାନ୍ତି, ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ କପିଳାସ ଭୂୟାଁ ଓ କବି ପବିତ୍ର ମୋହନ କର। ଏହି ଅବସରରେ କବିତା ଅବୃତ୍ତି କାର୍ଯ୍ୟକ୍ରମରେ ସୂର୍ଯ୍ୟ ମିଶ୍ର, କେଦାର ମିଶ୍ର, ଅକ୍ଷୟ ବେହେରା, ଭରତ ମାଝୀ, ଅମରେଶ ବିଶ୍ୱାଳ, ରମାକାନ୍ତ ସାମନ୍ତରାୟ, ରମାକାନ୍ତ ଗୋଚ୍ଛାୟତ, ଉମାକାନ୍ତ ରାଉତ, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ଭାସ୍ୱତି ବସୁ, ସୁମନ ଦାଶ, ଶ୍ରୋତସିନି ପରିଡ଼ା, ବାଦଲ ମହାନ୍ତି, ଭରଦ୍ୱାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପବିତ୍ର ମୋହନ କର ସଭା ପରିଚାଳନା ଓ ଦେବଦତ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷକରେ ୪୩ ହଜାର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)

ଚଳିତ ବର୍ଷ ଭାରତୀୟ ରେଳପଥ ୪୪ ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଛି। ମହାକୁମ୍ଭ ସମୟରେ ଜାନୁଆରୀ ୧୩ରୁ ଫେବୃଆରୀ ୨୮ ମଧ୍ୟରେ ୧୭,୩୪୦ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଥିଲା, ଯାହା ହଜାର ହଜାର ତୀର୍ଥଯାତ୍ରୀଙ୍କ ଯାତାୟାତକୁ ସହଜ କରିଥିଲା। ହୋଲି ପାଇଁ ମାର୍ଚ୍ଚ ୧ରୁ ୨୨ ମଧ୍ୟରେ ୧,୧୪୪ ଟି ସ୍ୱତନ୍ତ୍ର ଟ୍ରେନ ଯାତ୍ରା କରିଥିଲା। ଗ୍ରୀଷ୍ମ ଋତୁରେ ଏପ୍ରିଲ ୧ରୁ ଜୁନ ୩୦ପର୍ଯ୍ୟନ୍ତ ୧୨,୪୧୭ଟି ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଯାତ୍ରା ପରିଚାଳିତ ହୋଇଥିଲା। ଛଟ୍ ପୂଜା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇଥିଲା। ଅକ୍ଟୋବର ୧ରୁ ନଭେମ୍ବର ୩୦ ମଧ୍ୟରେ ୧୨,୩୮୩ଟି ସ୍ୱତନ୍ତ୍ର ଟ୍ରେନ ଯାତ୍ରା କରିଥିଲା। ଜାନୁଆରୀ ୩୦ରୁ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ପରିଚାଳିତ ଆସ୍ଥା ସ୍ୱତନ୍ତ୍ର ସେବା ସମୟରେ ତୀର୍ଥଯାତ୍ରୀଙ୍କ ଗତିବିଧିକୁ ସହଜ କରିବା ପାଇଁ ୩୨୬ଟି ସ୍ୱତନ୍ତ୍ର ବୃତ୍ତାକାର ଟ୍ରେନ ଯାତ୍ରା କରାଯାଇଥିଲା। ସେହିପରି ୨୦୨୪ ହୋଲି ପାଇଁ ମାର୍ଚ୍ଚ ୧୨ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଭାରତୀୟ ରେଳପଥରେ ଭିଡ଼ ପରିଚାଳନା ପାଇଁ ୬୦୪ଟି ସ୍ୱତନ୍ତ୍ର ଟ୍ରେନ ଯାତ୍ରା କରିଥିଲା। ଗ୍ରୀଷ୍ମ ଋତୁରେ ୧୨,୯୧୯ଟି ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଯାତ୍ରା କରିଥିବାବେଳେ ଛଟ୍ ପୂଜା ପାଇଁ ଅକ୍ଟୋବର ୧ରୁ ୩୧ ଡିସେମ୍ବର ମଧ୍ୟରେ ୭,୯୯୦ଟି ସ୍ୱତନ୍ତ୍ର ଟ୍ରେନ ଯାତ୍ରା ଅନ୍ତର୍ଭୁକ୍ତ ଥିଲା।

# ବିଫଳତାରୁ ଲବ୍ଧ ସଫଳତା ଜୀବନକୁ ଅଧିକ ମୂଲ୍ୟବାନ୍ କରିଥାଏ



ଉତ୍ସବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କିଶୋର କୁମାର ବାସାଙ୍କ ସହ ଅନ୍ୟ ଅତିଥି।

## ଡିଏଭି ୟୁନିଟ୍-୮ର ବାର୍ଷିକ ଉତ୍ସବ 'ଉର୍ବୀ'

ଭୁବନେଶ୍ୱର,୨୬।୧୨
(ଅନୁରାଧା ମହାରଣା)

ଡିଏଭି ପବ୍ଲିକ୍ ସ୍କୁଲ ୟୁନିଟ୍-୮ର ବାର୍ଷିକ ଉତ୍ସବ 'ଉର୍ବୀ' ଶୁକ୍ରବାର ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜାତୀୟ ସ୍ମାରକ ପ୍ରତିଷ୍ଠାନର ଅଧିକାରୀ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କିଶୋର କୁମାର ବାସା ଯୋଗଦେଇଥିଲେ। ସେ କହିଲେ, ବିଫଳତାରରୁ ଲବ୍ଧ ସଫଳତା ଜୀବନକୁ ଅଧିକ ସରସ ଓ ମୂଲ୍ୟବାନ୍ କରି ତୋଳିଥାଏ। ପରିଚାଳନା ସମିତି ସଭାପତି ସନ୍ତୋଷ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷା ଈପ୍‌ସିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ର ଓ ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଶିକ୍ଷୟିତ୍ରୀଶିକ୍ଷକ ଓ କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାମୂହିକ ସଙ୍ଗୀତ 'ଅଭିନନ୍ଦନ', ସୃଷ୍ଟି ଦ୍ୱ, ପୁଷ୍ପିତ ସୂର୍ଯ୍ୟକିରଣ, ପ୍ରକୃତିର ସ୍ୱରଲିପି, ମୂଳଦୁଆରୁ ଶୀର୍ଷ ସୋପାନ, ସୁନ୍ଦରବନର ପ୍ରଭା, ଭାରତର ଐତିହ୍ୟ, ମୂକ ଅଭିନୟରେ ନାରୀ ଶକ୍ତି, ବିଭିନ୍ନ ରାଜ୍ୟର ସଙ୍ଗୀତ ସମାହାର, ଜୀବନର ସାତ ସୋପାନ, ପଞ୍ଚଅବତାର ପୂର୍ଣ୍ଣତା, ଓଡ଼ିଆ ନାଟକ 'ଘରଭଡ଼ା', ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଆଦି ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ସୁଦର୍ଶନ ସାହୁ, ପ୍ରଧାନ ହିସାବ ମହାଲେଖାକାର ଅତୁଲ ପ୍ରକାଶ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମନ୍ତ୍ରୀ, ଅନୁପମା ଉପାଧ୍ୟାୟ, ଡ. ଡି.ଏନ. ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିଜୟ ଭାରତୀ ଶର୍ମା ଧନ୍ୟବାଦ ଦେଇଥିଲେ।

# ସିରିଜ୍ ଚୋରି: ଥାନାରେ ଅଭିଯୋଗ

ବାରଙ୍ଗ,୨୬।୧୨(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ବଜାରସ୍ଥିତ କେତେକ ଦୋକାନରୁ ସିରିଜ୍ ଚୋରି ହୋଇଥିବା ନେଇ ବାରଙ୍ଗ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ର ଛାଡ଼ି ପଳାଇଛନ୍ତି। ଏନେଇ ଦୋକାନୀମାନଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁରୁବାର ବିଳମ୍ବିତ ରାତିରେ ବଜାର ଉପରେ ଥିବା କୃଷ୍ଣଚନ୍ଦ୍ରପୁର ଗ୍ରାମର କେଦାର ସାମଲ, ହଳଧର ସାମଲ, ପିଣ୍ଟୁ ବାରିକ ଏବଂ କାଜିପାଟଣା ଗ୍ରାମର ବିମଳ ରାଉତଙ୍କ ଦୋକାନରୁ ଚୋରି ହୋଇଛି। ଦୋକାନରେ ପଡ଼ିଥିବା ଟିଣଚଦର ତାଡ଼ି ଓ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନରୁ ଚୋରିକରି ନେଇଛନ୍ତି। ଦୋକାନୀମାନେ ଶୁକ୍ରବାର ସକାଳେ ଦୋକାନ ଖୋଲିବାକୁ ଆସିବା ବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

# ମଦର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)

ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ 'ସଂସ୍କୃତି – ଦି ଇକୋସ୍ ଅଫ୍ ଓଡ଼ିଶା' ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚତୁର୍ଥରୁ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶାର ପର୍ବପର୍ବାଣି, ନୃତ୍ୟ ଏବଂ ଜୀବନୀକୁ ପ୍ରଦର୍ଶନ କରାଯାଇଥିଲା। ଚିତ୍ରକଳା, ସଙ୍ଗୀତ, ପାରମ୍ପରିକ କଳା ମାଧ୍ୟମରେ ସାଂସ୍କୃତିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଓଡ଼ିଆ ସଂସ୍କୃତିର ପ୍ରଚାର ଓ ପ୍ରସାର ପ୍ରୟାସକୁ ପ୍ରଶଂସା କରିଥିଲେ। ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲର ସିଇଓ ସୁପ୍ରୀତ ରାଜପାଲ, ସିଏଫ୍ଓ ଆଦିତ୍ୟ ସାବତ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ମହାପାତ୍ର, ସୁଚେତା ଭଞ୍ଜ ଯୋଗଦେଇଥିଲେ। ପ୍ରିନ୍ସିପାଲ ତଥା ଚେୟାରପର୍ସନ ପଲି ପଟ୍ଟନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଡାଇରେକ୍ଟର ଶ୍ରୀଜିତ୍ ପଟ୍ଟନାୟକ ଏବଂ ମ୍ୟାନେଜିଂ ଡାଇରେକ୍ଟର ମିନତି ସାବତ ଅଭିଭାଷଣ ରଖିଥିଲେ। ଶ୍ରୀଜଗନ୍ନାଥ ସ୍ତୋତ୍ରମ୍‌ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଅକ୍ଷୟ ତୃତୀୟା ଏବଂ ଚନ୍ଦନଯାତ୍ରାକୁ ନେଇ ଛାତ୍ରୀଛାତ୍ରଙ୍କ ପରିବେଷଣ ବେଶ୍ ମନୋରଞ୍ଜନଧର୍ମୀ ଥିଲା। ରଜପର୍ବ ଓ ଲକ୍ଷ୍ମୀପୂଜା ମଧ୍ୟ ଓଡ଼ିଆ ପରମ୍ପରା ଏବଂ ସଂସ୍କୃତିକୁ ଉଜ୍ଜୀବିତ କରିଥିଲା। ପରେ କୁମାର ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ସହ ଛଉନୃତ୍ୟ, ନୂଆଖାଇ, ରଥଯାତ୍ରାକୁ ନେଇ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ଛୁଇଁଥିଲା।

# ଆଧାତ୍ମିକ ଗୁରୁଜୀ ଡ. ଚନ୍ଦ୍ରଭାନୁଙ୍କ ୮୦ତମ ଜନ୍ମଦିନ ପାଳନ



ଭୁବନେଶ୍ୱର,୨୬। ୧୨ (ସୌମ୍ୟରଞ୍ଜନ ରାଉତ)

ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆଧାତ୍ମିକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ତମ ଜନ୍ମଦିନ ଜୟଦେବ ବିହାରସ୍ଥିତ ଚେତନା ମାନସିକ ଅନଗ୍ରସର ଅନୁଷ୍ଠାନରେ ଦିବ୍ୟାଙ୍ଗ ଶିଶୁମାନଙ୍କ ଗହଣରେ ପାଳନ କରାଯାଇଥିଲା। ଅତିଥି ଭାବେ ଏମ୍‌ପି ମୁନ୍ନା ଖାଁ, ଭାଜପା ନେତା ଗୋଲକ ମହାପାତ୍ର ପ୍ରମୁଖ ଯୋଗଦେଇ ଅଧାତ୍ମିକ କ୍ଷେତ୍ରକୁ ଗୁରୁଜୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏଥିସହ କେକ୍ କାଟି ମହମବତୀ ଜାଳି ଗୁରୁଜୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ପରେ ଦିବ୍ୟାଙ୍ଗ ଶିଶୁମାନଙ୍କୁ ସୁସ୍ୱାଦୁ କେକ ଦ୍ୱାରା ଆପ୍ୟାୟିତ କରାଯାଇଥିଲା। ସେହିପରି ଅପରାହ୍ନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଯୋଗଦେଇ କରିଥିଲେ। ଜ୍ଞାନବ୍ରତ ମହାନ୍ତି ପରିଚାଳନା କରିଥିବାବେଳେ ସଙ୍ଗୀତ ଅଧ୍ୟାପକ ଅମିତାଭ ସାହୁ, ଓକିଲ ବନମାଳୀ ବାବୁ, ମହିଳା ଆୟୋଗର ପରାମର୍ଶଦାତା ଡ. ଟୁନା ସାହୁ, ଚିତ୍ରଶିଳ୍ପୀ ସତ୍ୟ ଶେଖର ପରିଡାଙ୍କ ସମେତ ଅନ୍ୟାନ ପ୍ରମୁଖ ସହଯୋଗ କରିଥିଲେ।

# ପୁଣି ଜୀବନ ନେଲା ଆମ ବସ୍

ବାରଙ୍ଗ/ ଭୁବନେଶ୍ୱର,୨୬।୧୨
(ଲିଙ୍ଗରାଜ ରାଉତ/ତ୍ରିନାଥ ମହାନ୍ତି)

ପୁଣି ଜୀବନ ନେଲା ଆମ ବସ୍। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଅନ୍ଧାରୁଆ-ଚନ୍ଦକା ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ଚନ୍ଦକା ଥାନା ଅନ୍ତର୍ଗତ ଚନ୍ଦକା-ଅନ୍ଧାରୁଆ ବସ୍‌ଷ୍ଟାଣ୍ଡ ନିକଟ ଡିଭାଇଡରରେ ପିଟିହୋଇ ଜଣେ ବାଇକ ଆରୋହୀ ରାସ୍ତାର ଅପରପାର୍ଶ୍ୱକୁ ଛିଟିକି ପଡିଥିଲେ। ଏହି ସମୟରେ ଉକ୍ତ ପାର୍ଶ୍ୱରେ ଯାଉଥିବା ଆମ ବସ୍‌ଟି ତାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଯୁବକ ହେଲେ ଜଗତ୍‌ସିଂହପୁରର ଲୋକନାଥ ଦାସ। ଦୁର୍ଘଟଣାରେ ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରି ହୋହଲ୍ଲା କରିଥିଲେ। ଥାନାଧିକାରୀ ସମୀତା ମିଶ୍ର ଓ ପୋଲିସ ଟିମ୍ ପହଞ୍ଚି ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ପୋଲିସ ଆମ ବସ୍‌କୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖିଛି। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଛି। ସୂଚନାଯୋଗ୍ୟ, ଲୋକନାଥ ବାଇକରେ କଳିଙ୍ଗ ଷ୍ଟୁଡିଓ ଛକରୁ ଚନ୍ଦକା ଅଭିମୁଖେ ଯାଉଥିଲେ। ଏହି ସମୟରେ ଆଗରୁ ଆସୁଥିବା ଏକ ଗାଡି ଲାଇଟ ଆଖିରେ ପଡିବାରୁ ସେ ଭାରସ୍ୟାମ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇଯାଇଥିଲେ। ବାଇକଟି ଡିଭାଇଡରରେ ଲାଖି ଯାଇଥିବା ବେଳେ ଚାଳକ ଜଣକ ରାସ୍ତାର ଅପରପାର୍ଶ୍ୱକୁ ଛିଟିକି ପଡିଥିଲେ। ସେହି ସମୟରେ ଦ୍ରୁତଗତିରେ ଚନ୍ଦକାରୁ ଭୁବନେଶ୍ୱର ଆସୁଥିବା ଆମ ବସଟି ତାଙ୍କ ଉପରେ ଚଢ଼ିଯାଇଥିଲା।

# ୨୦ତମ ଭାରତୀୟ ଜଳବାୟୁ କଂଗ୍ରେସ ଉଦ୍‌ଘାଟିତ

## ଦିଲ୍ଲୀରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିପାରିବ ଇକୋ ରୁଫ୍ ଗାର୍ଡେନ୍

ଭୁବନେଶ୍ୱର, ୨୬।୧୨(ବନ୍ଦନା ସେଠୀ)

୨୦ତମ ଭାରତୀୟ ଜଳବାୟୁ କଂଗ୍ରେସ (ଆଇସିସି) ନୂଆଦିଲ୍ଲୀର ଓଡ଼ିଶା ନିବାସଠାରେ ଉଦ୍‌ଘାଟିତ ହୋଇଯାଇଛି। ଆଇସିସି ପ୍ରତିଷ୍ଠାତା ପ୍ରଫେସର ଡ. ସଞ୍ଜୟ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ 'ଦିଲ୍ଲୀରେ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଛାତ ଉପରେ ବଗିଚା' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ କହିଲେ, ନଗରୀୟ ଉଷ୍ମତା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଛାତ ଉପର ବାଗିଚା କେତେକାଂଶରେ ସହାୟକ ହୋଇପାରିବ। ଦିଲ୍ଲୀ ଭଳି ମହାନଗରୀରେ ଗବେଷଣାଭିତ୍ତିକ ଏବଂ ପ୍ରକୃତିଭିତ୍ତିକ ଏଭଳି ଉପାୟର ଆବଶ୍ୟକତାକୁ ଗୁରୁତ୍ୱ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବୈଷୟିକ ବିଶେଷଜ୍ଞ ଡ. ସୁଷମା ମୁଧିଶ୍ରୀ ଯୋଗଦେଇ ଜାତୀୟ ବର୍ଷାଜଳ ନିର୍ଭରଶୀଳ ଅଞ୍ଚଳ ପ୍ରାଧିକରଣର କାର୍ଯ୍ୟଧାରା ଓ ପ୍ରତ୍ୟେକ ବୁନ୍ଦା ବର୍ଷାଜଳକୁ ଛାତ ଉପର ବଗିଚାରେ ବ୍ୟବହାରର ବିଭିନ୍ନ ବୈଜ୍ଞାନିକ ଉପାୟ ସମ୍ବନ୍ଧରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥିତପ୍ରଜ୍ଞାନ ସେନାପତି, ଇଂ. କୁମାର, ପ୍ରବୀନ ନାୟକ, ଜିତେନ୍ଦ୍ର କୁମାର ହାତୀ, ତନୟ ଦାସ, ଡ. ବୀରକିଶୋର ଦାସ ପ୍ରମୁଖ ବୈଷୟିକ ନିବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରତିମା ସାମନ୍ତରାୟ ପରିଚାଳନା କରିଥିବାବେଳେ ରୋଜିନା ଓ୍ୱାଙ୍ଗେରାମ୍ ଧନ୍ୟବାଦ ଅର୍ପଣ କରିଥିଲେ।




ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଜଳବାୟୁ କଂଗ୍ରେସରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀଙ୍କ ସହ ଅନ୍ୟ ଅତିଥିମାନେ।

# ପିଜିଡିଏସ୍ ବିଜେତାଙ୍କୁ ସମ୍ମାନିତ କଲା ବିଆଇପିଏଫ୍

ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)

ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ପକ୍ଷରୁ ଶୁକ୍ରବାର ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରଶିପ୍ ଫର୍ ହାୟର ଏଜୁକେଶନ(ପିଜିଡିଏସ୍) ବିଜେତାଙ୍କୁ ସମ୍ମାନିତ କରାଯାଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ୪ଜଣ ଡାକ୍ତରୀ ପାଠ ପଢୁଥିବା ଏମ୍ସ ଭୁବନେଶ୍ୱରର ଚୁମ୍କି ଜେନା, କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲର ଅନ୍ନପୂର୍ଣ୍ଣା ଚକ୍ରବର୍ତ୍ତୀ, ପୁରୀ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲର ଜ୍ଞାନରଞ୍ଜନ ବେହେରା, କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲର ଧବଳେଶ୍ୱର ପୂଜାରୀ, ଏନ୍‌ଆଇଟି ରାଉରକେଲାରେ ବି.ଟେକ୍ କମ୍ପ୍ୟୁଟର ସାଇନ୍ସ ଛାତ୍ର ନବଜ୍ୟୋତି ଗିରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିବର୍ଷ ଇଞ୍ଜିନିୟରିଂ, ମେଡିସିନ, ଷ୍ଟେମ୍ ଏବଂ ଲିବରାଲ ଆର୍ଟରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରମାନେ ଏହି ପ୍ରତିଷ୍ଠିତ ଛାତ୍ରବୃତ୍ତି ପାଆନ୍ତି। ମନୋନୀତ ପ୍ରାର୍ଥୀମାନେ ୪ ବର୍ଷର ପାଠ୍ୟକ୍ରମ ଲାଗି ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାଗତ ଫି' ଏବଂ ଯୋଗ୍ୟ ଖର୍ଚ୍ଚର ସର୍ବାଧିକ ୯୦% ଯାଏ ପାଇବେ। ଇମ୍ଫା ଦ୍ୱାରା ୨୦୦୫ରୁ ଇତିହାସ ବିଜ୍ଞାନୀ ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାସଙ୍କ ନାମରେ ଏହି ବୃତ୍ତି ପ୍ରଦାନ କରାଯାଉଛି। ସ୍ୱର୍ଗତ ଇଲା ପଣ୍ଡାଙ୍କ ପିତା ଉଚ୍ଚଶିକ୍ଷାକୁ ସହଜ କରିବା ପାଇଁ ଆର୍ଥିକ ସହାୟତା ମାଧ୍ୟମରେ ସମାନ ସୁଯୋଗ ପ୍ରଦାନ କରିବା ପାଇଁ ଏହାର ପରିକଳ୍ପନା କରିଥିଲେ। ୨୦୧୬ରୁ ବିଆଇପିଏଫ୍ ଏହି ଛାତ୍ରବୃତ୍ତିର ଦାୟିତ୍ୱ ଗ୍ରହଣ କରିଛି। ସମସ୍ତ ପ୍ରାପ୍ତକର୍ତ୍ତା ୨୦ରୁ ଅଧିକ ମଡ୍ୟୁଲ ଉପରେ ପରାମର୍ଶ, ପ୍ରଶିକ୍ଷଣ ଏବଂ ଭର୍ଚ୍ଚୁଆଲ ଅଧିବେଶନ ପାଇବେ। ବିଆଇପିଏଫ୍ ପ୍ରତିଷ୍ଠାତା ସିଇଓ ତଥା ଟ୍ରଷ୍ଟି ଶୈଫାଳିକା ପଣ୍ଡା କହିଛନ୍ତି, ଶିକ୍ଷା ମୌଳିକ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିଙ୍କ ପାଇଁ ଏହାର ପ୍ରଭାବ ପରିବାରକୁ ଉନ୍ନତ କରିଥାଏ ଏବଂ ସମଗ୍ର ସମ୍ପ୍ରଦାୟକୁ ପରିବର୍ତ୍ତନ କରିଥାଏ। ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସମର୍ଥନ କରି ଆମେ ଜାତୀୟ ଅଭିବୃଦ୍ଧି ପାଇଁ ସକ୍ଷମ ହେବା ଲାଗି ସେମାନଙ୍କ ସମ୍ଭାବନାକୁ ଇନ୍ଧନ ଦେଉଛୁ।




ଅତିଥିଙ୍କ ଗହଣରେ ପିଜିଡିଏସ୍‌ର ବିଜେତା ଛାତ୍ରୀଛାତ୍ର।

## ସଂକ୍ଷେପରେ

### ବିସ୍ଫୋରଣରେ ଜଣେ ଗୁରୁତର

ଖୋର୍ଦ୍ଧା,୨୬।୧୨(ପ୍ରଭାତ ପାଣିଗ୍ରାହୀ)

ବିସ୍ଫୋରଣରେ ଶୁକ୍ରବାର ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଆଦର୍ଶ ଥାନା ଅଧୀନ ଗୁରୁଜଙ୍ଗ ଭୋଇସାହିର କିଶୋର ନାୟକ(୪୫)। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ଘଟଣା ଚନ୍ଦକା ଥାନା ଅନ୍ତର୍ଗତ ମହୁଲ ଓ ମଧୁପୁର ନିକଟବର୍ତ୍ତୀ ଜଙ୍ଗଲରେ ଘଟିଥିବା ବେଳେ ଖବରପାଇ ଶିଳ୍ପାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ତେବେ ବିସ୍ଫୋରଣ କାରଣ ଅସ୍ପଷ୍ଟ କରହିଛି। ଏନେଇ ଥାନାଧିକାରୀ ଉମେଶ ସାହୁ କହିଛନ୍ତି ଯେ, ଏସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନି। ଖବର ଜଣାପଡିବା ଏହାର ତଦନ୍ତ ଆରମ୍ଭ କରାଯାଇଛି।

### ବାଜପେୟୀଙ୍କ ଜୟନ୍ତୀ ଉତ୍ସବ

ନିରାକାରପୁର,୨୬।୧୨
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ରାମମନ୍ଦିର ପରିସର ମାରୁତି ମଣ୍ଡପରେ ଗୁରୁବାର ସାଗର ବାରିକଙ୍କ ନେତୃତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଛି। ସେହିପରି ବଡ଼ପୋଖରିଆ ଶକ୍ତି କେନ୍ଦ୍ର ଭାଜପାର ବରିଷ୍ଠ ନେତା କେଲୁ ଚରଣ ଜଗଦ୍ଦେବଙ୍କ ନେତୃତ୍ୱରେ ବାଜପେୟୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ପ୍ରଶାସକ ଦେବରାଜ ସେନାପତି, ବଡପୋଖରିଆ ସମିତିସଭ୍ୟ ଜ୍ୟୋତ୍ସ୍ନାରାଣୀ ଜେନା, ଅଚ୍ୟୁତପୁର ସମିତିସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### ବିଜେଡିର ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା,୨୬।୧୨
(ପ୍ରଭାତ ପାଣିଗ୍ରାହୀ)

ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ବିଜୁପଟ୍ଟନାୟକ ଉଦ୍ୟାନ ପରିସରରେ ବିଜୁ ବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜୁ ପ୍ରେମୀ ଏକ ହୋଇ ଫଳ ବଣ୍ଟନ କରିଥିଲେ। ଏଥିରେ କାଉନ୍‌ସିଲର ଅମୀୟ ମହାନ୍ତି, ସୁଶାନ୍ତ ଜେନା, କାଉନ୍‌ସିଲର ପ୍ରତିନିଧି ବଦ୍ରିନାରାୟଣ ସାହୁ, ସେକ୍ ଅବଦୁଲ ରହିମ, ମିଡିଆ ସେଲ ସଂଯୋଜକ ଲଳିତ ମୋହନ ମହାପାତ୍ର, ବ୍ଲକ ପ୍ରତିନିଧି ବ୍ରହ୍ମାନନ୍ଦ ଜେନା, ଆଇଟି ସେଲ ସଂଯୋଜକ ବିରଞ୍ଚି ନାରାୟଣ ଜେନା, ତାହିର ଖାନ, ସ୍ମୃତିରଞ୍ଜନ ହୋତା, ଇନ୍ଦ୍ରଜିତ୍ ସାହୁଙ୍କ ସମେତ ବିଭିନ୍ନ ୱାର୍ଡର କାଉନ୍‌ସିଲର, ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ବୋଲଗଡ଼ ମହୋତ୍ସବ 'ଆଶା' ଉଦ୍‌ଘାଟିତ

ବୋଲଗଡ଼,୨୬।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମ ସମ୍ମୁଖ ପଡ଼ିଆରେ ଶୁକ୍ରବାର ୨୨ତମ ବୋଲଗଡ଼ ମହୋତ୍ସବ ଆଶା-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ବିଧାୟକ ପ୍ରଦୀପ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାଧାରଣ ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଏବଂ ସମ୍ମାନିତ ଅତିଥିଭାବେ ଇଂ.ଅକ୍ଷୟ ପଟ୍ଟନାୟକ, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଶିକ୍ଷାବିତ୍ କାଳିଚରଣ ଜୟସିଂହ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ପୂର୍ବତନ ସରପଞ୍ଚ ଉମେଶ ମହାପାତ୍ର, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାରେ ଐତିହାସିକ ରବୀନ୍ଦ୍ର ପରିଡା ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀମାନେ ଆବାହନୀ ସଙ୍ଗୀତ ଗାନ ପରେ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ବୀର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମହୋତ୍ସବର ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ବିଶେଷ କୃତିତ୍ୱ ପାଇଁ ଜମ୍ମେଶ୍ୱର ମଙ୍ଗରାଜ, ରଘୁନାଥ ସାହୁ, ପ୍ରିୟ ରଞ୍ଜନ ସାହୁ, ଯଦୁନାଥ ସାମନ୍ତରାୟଙ୍କୁ ବୋଲଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଲକ୍ଷ୍ମୀଧର ଚୌଧୁରୀ ଓ ଭଞ୍ଜକିଶୋର ଯତି କାର୍ଯ୍ୟକ୍ରମ ସଂଯୋଜନା, ସୋମେଶ ଓ ତ୍ରିଲୋଚନ ଉପସ୍ଥାପନା କରିଥିଲେ। ସକାଳେ ମା'ରାମଚଣ୍ଡୀଙ୍କ ପୀଠରୁ ଢୋଲ ମୃଦଙ୍ଗ ଝାଞ୍ଜ ଓ ଶଙ୍ଖଧ୍ୱନି ମଧ୍ୟରେ ମଶାଲ ଆସି ମଞ୍ଚରେ ସ୍ଥାପନ ହୋଇଥିଲା। ମଧ୍ୟାହ୍ନରେ ବିଦ୍ୟାର୍ଥୀଙ୍କ ସମ୍ମୁଖରେ କୁଇଜ ମାଷ୍ଟର ଡ.ଚନ୍ଦ୍ର ବିଜୟୀ ମିଶ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚ ସ୍ଥାନୀୟ ଗ୍ରାମ୍ୟ କଳାକାରଙ୍କ ଦ୍ୱାରା ସଙ୍କୀର୍ତ୍ତନ, ପାଲା, ଖଞ୍ଜଣି ଭଜନ ସହ ନିରାକାରପୁରର ଶ୍ରୀସାଇ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ, ନୟାଗଡ଼ ଆରଡ଼ାର ଶ୍ରୀଚୈତନ୍ୟ ମାଧୁରୀ ସାଂସ୍କୃତିକ କଳାପରିଷଦ ଦ୍ୱାରା ପରିବେଷଣ କରାଯାଉଥିଲା। ସାଂସ୍କୃତିକ ସମ୍ପାଦକ ଡ.ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


ବିଧାୟକ ପ୍ରଦୀପ ସାହୁ ବୋଲଗଡ଼ ମହୋତ୍ସବ 'ଆଶା'ଉଦ୍‌ଘାଟନ କରୁଛନ୍ତି।



ବୋଲଗଡ଼ ମହୋତ୍ସବ ଅବସରରେ ଶୁକ୍ରବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ୩ ମୃତ ବିଦେଶାଗତ ପକ୍ଷୀ ଜବତ, ଶିକାରୀ ଗିରଫ



ଟାଙ୍ଗୀ,୨୬।୧୨(ରଘୁନାଥ ସାହୁ)

ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ୍ ଅଧୀନ ମଙ୍ଗଳାଯୋଡ଼ି ନିକଟ କଟିଲାଗୋଠ ପାଟଣା ଅଞ୍ଚଳରେ ବିଭାଗୀୟ କର୍ମଚାରୀମାନେ ଚଢ଼ାଉ କରି ୩ଟି ମୃତ ବିଦେଶାଗତ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ପ୍ରଫୁଲ୍ଲ ପ୍ରଧାନ ଓରଫ୍ ଗନ୍ଧିଆ। ସୂଚନା ମୁତାବକ, ବିଭାଗୀୟ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ପ୍ରଫୁଲ୍ଲ ଏକ ପଲିଥିନ ବ୍ୟାଗରେ କିଛି ସାମଗ୍ରୀ ନେଉଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ସେମାନେ ବ୍ୟାଗ୍ ତନଖିବାରୁ ୩ ମୃତ ବିଦେଶୀପକ୍ଷୀ ଥିବା ଦେଖିବାକୁ ପାଇଥିଲେ। ମୃତ ପକ୍ଷୀ ରଖିବା ପାଇଁ ପ୍ରଫୁଲ୍ଲ କୌଣସି ଆଇନଗତ କାଗଜପତ୍ର ଦେଖାଇପାରି ନ ଥିଲେ। ପଲିଥିନ କ୍ୟାରି ବ୍ୟାଗ ସହିତ ନର୍ଦ୍ଦଣ୍ଡ ପିଷ୍ଟେଲ (ଆନସ ଆକୁଟା) ଜବତ କରାଯାଇଥିଲା। ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।ପରେ ମୃତ ପକ୍ଷୀକୁ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା ବୋଲି ବାଲୁଗାଁ ବନ୍ୟପ୍ରାଣୀ ଡିଏଫ୍‌ଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି।

## ବରିଷ୍ଠ ଷ୍ଟେନୋ ହେମନ୍ତ ଭୋଇଙ୍କ ପରଲୋକ

ଖୋର୍ଦ୍ଧା,୨୬।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଷ୍ଟେନୋ ହେମନ୍ତ ଭୋଇଙ୍କ ପରଲୋକ ଘଟିଛି। ସେ ଜିଲାପରିଷଦ ଅଧ୍ୟକ୍ଷାଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୪ତାରିଖ ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଶୋକ ପ୍ରକାଶ କରିଛନ୍ତି। ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରୁ ହେମନ୍ତ ଚାକିରୀ ଜୀବନ ଆରମ୍ଭ କରିବା ପରେ ୧୯୯୫ରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ବରିଷ୍ଠ ଷ୍ଟେନୋ ଭାବେ ଯୋଗଦେଇଥିଲେ। ପ୍ରଥମେ ଅତିରିକ୍ତ ଜିଲାପାଳ ଶିତାଂଶୁ ରାଉତଙ୍କ ବ୍ୟକ୍ତିଗତ ସହାୟକଭାବେ କାମ କରିବା ପରେ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକଭାବେ କାମ କରିଥିଲେ। ୨୦୨୩ ମସିହାରେ ତତ୍କାଳୀନ ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ମତାନ୍ତର ନେଇ ଚର୍ଚ୍ଚାକୁ ଆସିଥିଲେ।

## ଟ୍ରେନ୍ ଧକ୍କାରେ ଜଣେ ମୃତ

ନିରାକାରପୁର,୨୬।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଟ୍ରେନ୍ ଧକ୍କାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଖବରପାଇ ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସେ ଦୀର୍ଘଦିନ ଧରି ନିରାକାରପୁର ଅଞ୍ଚଳରେ ମାନସିକ ବିକାରଗ୍ରସ୍ତଭାବେ ବୁଲୁଥିଲେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ନିରାକାରପୁର ରେଲୱେ ପୋଲିସ ଅପମୃତ୍ୟୁ ମାମଲା (ନଂ.୭୧/୨୫) ରୁଜୁକରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତକଙ୍କ ଚିହ୍ନଟ ଉଦ୍ଦେଶ୍ୟରେ ଫ୍ରିଜରରେ ରଖାଯାଇଛି ବୋଲି ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି।

## ଠଣାପଲ୍ଲୀ ପଲ୍ଲୀ ମହୋତ୍ସବ ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କଳାପଥର,୨୬।୧୨(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ମିଳିତ ଯୁବକ ସଂଘର ସୁବର୍ଣ୍ଣ ଜୟନ୍ତୀ ତଥା ପଲ୍ଲୀ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଆୟୋଜିତ ଏହି ଉତ୍ସବକୁ ବିଧାୟକ ପ୍ରଦୀପ ସାହୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ଅବସରପ୍ରାପ୍ତ ପ୍ରଶାସକ ନୀଳମଣି ମହାପାତ୍ର, ଜଙ୍ଗଲ ବିଭାଗ ଅଧିକାରୀ ବିପିନ ବିହାରୀ ବେହେରା, ଆକାଶବାଣୀ କଟକ କେନ୍ଦ୍ରର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିଲୋଚନ ଦାଶ, ଗେଡିଆପଲ୍ଲୀ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଭାଜପା ନେତା ପ୍ରକାଶ ରଣବିଜୁଳି, ସାମାଜିକକର୍ମୀ ବାସୁଦେବ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧର୍ମୁଧର ଯୁଝାରସିଂହ ଅତିଥିଭାବେ ଯୋଗଦେଇଥିଲେ। କୃତୀ ପ୍ରତିଭା, ଖବରଦାତା, ମହିଳା ଗୋଷ୍ଠୀ, ଗ୍ରାମ ମୁଖିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଦିବସରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବଲପୁରୀ, ଆଦିବାସୀ, ଘୋଡ଼ାନାଚ, ଓଡ଼ିଶୀ ନୃତ୍ୟ, ଝୁମର, ଛଉ ଏବଂ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଯୁବକ ସଂଘର ସମ୍ପାଦକ ଭାଗୀରଥି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜ କିଶୋର ସାହୁ ଓ ସୂର୍ଯ୍ୟକାନ୍ତ ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧ୍ରୁବ ଚରଣ ମହାପାତ୍ର, ସୁରେଶ ପ୍ରଧାନ, ପ୍ରଶାନ୍ତ କୁମାର ମହାପାତ୍ର, ରତ୍ନାକର ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଚାଷଜମି ରାସ୍ତା ଅବରୋଧକୁ ବିରୋଧ

ଖୋର୍ଦ୍ଧା,୨୬।୧୨(ପ୍ରଭାତ ପାଣିଗ୍ରାହୀ)

### ଆମରଣ ଅନଶନ ଚେତାବନୀ

ଖୋର୍ଦ୍ଧା ପୌରପରିଷଦ ଅଧୀନ ପଲଟନ ପୋଖରୀ ଉନ୍ନତ୍ତୀକରଣ ଆଳରେ ଚାଷଜମି ରାସ୍ତାକୁ ଅବରୋଧ କରାଯାଇଛି। ଏହି ରାସ୍ତାକୁ ଅବରୋଧମୁକ୍ତ ଲାଗି ଜିଲାପାଳଙ୍କ ନିକଟରେ ଦୀର୍ଘଦିନ ହେବ ଗୁରୁଜଙ୍ଗ ଗ୍ରାମର ବରିଷ୍ଠ ନାଗରିକ ଶଶିଭୂଷଣ ମିଶ୍ର ଦାବି କରି ଆସୁଛନ୍ତି। ତେବେ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ଶଶିଭୂଷଣ ଶେଷରେ ଚାଷଜମି ରାସ୍ତା ଅବରୋଧ ମୁକ୍ତ କରିବା ଦାବିରେ ଆସନ୍ତା ୨୯ ଡିସେମ୍ବର ତାରିଖରେ ଖୋର୍ଦ୍ଧା ତହସିଲଦାରଙ୍କ ଅଫିସ ସମ୍ମୁଖରେ ଆତ୍ମାହୁତି ଓ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।ସୂଚନା ମୁତାବକ, ପୋଖରୀ ହୁଡାକୁ ଅଭିଯୋଗକାରୀଙ୍କ ଚାଷଜମି ଉପରକୁ ମଡାଯାଇ ଗ୍ରୀଲ କରାଯାଇ ଅବରୋଧ କରାଯାଇଛି। ଫଳରେ ଚାଷଜମିକୁ ଯାତାୟାତ କରିବାରେ ଅସୁବିଧା ହେଉଅଛି।ସରକାରୀ ନକ୍ସା ଅନୁଯାୟୀ ରାସ୍ତା ଉପରେ ଖୋର୍ଦ୍ଧା ପୌରପାଳିକା ପକ୍ଷରୁ କମ୍ୟୁନିଟି ଘର କରାଯାଇ ଚାଷଜମିକୁ ରାସ୍ତା ଅବରୋଧ କରାଯାଇଛି। ଏନେଇ ଖୋର୍ଦ୍ଧା ତହସିଲଦାର, ଉପଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାସ୍ତା ଅବରୋଧ ଯୋଗୁ ଅଭିଯୋଗକାରୀଙ୍କ ଚାଷଜମି ୧୭ବର୍ଷ ହେବ ଚାଷଜମି ପଡିଆ ପଡ଼ିରହିଛି। ଚାଷଜମି ରାସ୍ତା ଅବରୋଧକୁ ମୁକ୍ତ ଦାବିରେ ଅଭିଯୋଗକାରୀ ଗତ ୧୨ତାରିଖରେ ଜିଲାପାଳ, ଏସ୍‌ପି, ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଜଣାଇଛନ୍ତି ଯେ, ୧୫ଦିନ ମଧ୍ୟରେ ଅବରୋଧମୁକ୍ତ କରାନଗଲେ ଆସନ୍ତା ୨୯ ତାରିଖରେ ଖୋର୍ଦ୍ଧା ତହସିଲ ଅଫିସ ସମ୍ମୁଖରେ ଆମରଣ ଅନଶନ ଓ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏନେଇ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପାଣ୍ଡିଆନଙ୍କ ପ୍ରତି ନବୀନଙ୍କ ଆସ୍ଥା, ବିଶ୍ୱାସ ରହିଛି: ରାଜେନ୍ଦ୍ର

ଖୋର୍ଦ୍ଧା,୨୬।୧୨(ପ୍ରଭାତ ପାଣିଗ୍ରାହୀ)

ପାଣ୍ଡିଆନଙ୍କ ପ୍ରତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆସ୍ଥା ଓ ବିଶ୍ୱାସ ରହିଛି ବୋଲି ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି।

ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ସେ ପାଣ୍ଡିଆନ ଦମ୍ପତ୍ତିଙ୍କୁ ପ୍ରଶଂସା କରିବା ସହ ଭାଜପା ସରକାରଙ୍କୁ ସମାଲୋଚନା କରିଛନ୍ତି। ୨୦୨୬ରେ ବିଜେଡି ନୂଆ ସମୀକରଣ ନେଇ ମଇଦାନକୁ ଓହ୍ଲାଇବା ପାଇଁ ଯୋଜନା କରୁଛି। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ନୂଆ ଷ୍ଟ୍ରାଟେଜିରେ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଯୋଜନା କରିଛି। ଜାନୁଆରୀ ପହିଲାରୁ ଦଳ ନୂଆ ରୂପରେ ତୃଣମୂଳସ୍ତରରେ ପହଞ୍ଚିବ ବୋଲି ରାଜେନ୍ଦ୍ର ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ନବୀନ ପଟ୍ଟନାୟକ ଦୀର୍ଘ ୨୪ବର୍ଷ ଧରି ଲୋକଙ୍କ ସେବା କରିଛନ୍ତି। ତାଙ୍କ ସୈନିକ ଭାବେ ଆମେ ଲୋକଙ୍କ ସେବା କରିବୁ। ଏଥିସହ ସୁଜାତା ପାଣ୍ଡିଆନଙ୍କୁ ଦଳ ରାଜ୍ୟ ସଭା ପଠାଇବା ପାଇଁ ମସୁଧା ଚଳାଇଥିବା ପ୍ରଶ୍ନରେ ରାଜେନ୍ଦ୍ର କହିଥିଲେ, ପାଣ୍ଡିଆନ ଦମ୍ପତ୍ତି ରାଜ୍ୟ ପାଇଁ ବହୁତ କିଛି କରିଛନ୍ତି। ଲୋକଙ୍କ ସେବା ପାଇଁ ଭି.କେ.ପାଣ୍ଡିଆନ ଆଇଏଏସ୍ ଭଳି ଚାକିରି ଛାଡ଼ି ଦଳରେ ମିଶିବା ପରେ ରାଜ୍ୟର ଅନେକ ପରିବର୍ତ୍ତନ ଆଣିଛନ୍ତି। ପାଣ୍ଡିଆନଙ୍କ ଉପରେ ନବୀନ ପଟ୍ଟନାୟକଙ୍କ ଗଭୀର ବିଶ୍ୱାସ ରହିଛି। ତାଙ୍କ ଦ୍ୱାରା ନବୀନ ଓଡ଼ିଶାରେ ଅନେକ ପ୍ରକଳ୍ପ, ଯୋଜନା କରି ସଫଳ ହୋଇଛନ୍ତି। ସୁଜାତା ଦଳରେ ଯୋଗଦେଇ ରାଜ୍ୟ ସଭା ଗଲେ କୌଣସି ଅସୁବିଧା ନାହିଁ। ଦଳର ସୁପ୍ରିମୋ ହେଉଛନ୍ତି ନବୀନ। ସେ ଯାହାଙ୍କୁ ଚାହିଁବେ, ତାଙ୍କୁ ପଠାଇବେ। ସୁଜାତା ରାଜ୍ୟ ସଭା ଗଲେ ଓଡ଼ିଶାର ପ୍ରଭାବ ବଢ଼ିବ ବୋଲି ରାଜେନ୍ଦ୍ର କହିଛନ୍ତି ।

## ଫାଇନାଲରେ ଏସ୍‌ଏସ୍‌ଏ

ଖୋର୍ଦ୍ଧା,୨୬।୧୨(ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୬ତମ ଶରଧାପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଆୟୋଜକ ଟିମ୍ ଏସ୍‌ଏସ୍‌ଏ ଏବଂ ବାଇଗୁଣିଆ ଦଳ ଖଣ୍ଡପଡ଼ା ମଧ୍ୟରେ ହୋଇଥଲା। ମ୍ୟାଚ୍ ପ୍ରଥମାର୍ଦ୍ଧର ୨୦ ମିନିଟରେ ଏସ୍‌ଏସ୍‌ଏ ଟିମର ସୋନୁ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଏସ୍‌ଏସ୍‌ଏର ସୋନୁ ଏବଂ ଲାଲା ୨ଟି ଗୋଲ ଦେଇଥିଲେ। ତେବେ ବାଇଗୁଣିଆ ଦଳ କୌଣସି ଗୋଲ ଦେଇ ପାରି ନ ଥିଲା। ଫଳରେ ୩-୦ଗୋଲରେ ଏସ୍‌ଏସ୍‌ଏ ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରେଫରି ଭାବେ ଶେଖାଓ୍ୱତ ଖାଁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସଗିର ଅହମ୍ମଦ ଏବଂ ଗିରିଶ ଚନ୍ଦ୍ର ଜାନି ସହାୟତା କରିଥିଲେ। ଚତୁର୍ଥ ରେଫେରି ଭାବେ ମକବଲ ଅହମ୍ମଦ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ସଞ୍ଜୟ ହରିଚନ୍ଦନ, ମହମ୍ମଦ ଫକିରୁଦ୍ଦିନ, ମହମ୍ମଦ ଜମିଲୁର ରେହମାନ, ଲକ୍ଷ୍ମୀଧର ବଡ଼ଜେନା, ମୀନକେତନ ବଡ଼ଜେନା, ଜାପାନି ନାୟକ, ଅଲ୍ଲୀ ଅହମ୍ମଦ, ବନମାଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଫାଇନାଲ ମ୍ୟାଚ ଏସ୍‌ଏସ୍‌ଏ ଏବଂ କେରଙ୍ଗ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଏସ୍.କେ.ହୁଦା ସୂଚନା ଦେଇଛନ୍ତି।



## ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ | ଧାନବାଦ୍ ଫୁଟ୍‌ବଲ କ୍ଲବ୍ ଫାଇନାଲରେ



ଟାଙ୍ଗୀ,୨୬।୧୨(ରଘୁନାଥ ସାହୁ)

କୁହୁଡ଼ି ଜନତା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ନୟାଗଡ଼ କ୍ରୀଡ଼ା ଛାତ୍ରାବାସ ଏବଂ ଧାନବାଦ୍ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକରରେ ୪-୨ ଗୋଲରେ ଧାନବାଦ୍ ଫୁଟ୍‌ବଲ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପ୍ରଫେସର ରବି ନାରାୟଣ ସୁବୁଧି, ଫାଲକନ କମ୍ପାନୀ ମ୍ୟାନେଜର ଚିତ୍ତରଞ୍ଜନ ମିଶ୍ର, ଜନତା କଲେଜ ଅଧ୍ୟକ୍ଷ ଟୁକୁନା ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଉପସଭାପତି ରାଜ କିଶୋର ବୈରିଗଞ୍ଜନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜୁ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ସରୋଜ ସିଂ, ଗୋପାଳ ସାମନ୍ତରାୟ, ପ୍ରଫୁଲ୍ଲ ବେହେରା ସହଯୋଗ କରିଥିଲେ। ମହାବୀର ଆଥ୍‌ଲେଟିକ ଆସୋସିଏଶନର ବରିଷ୍ଠ ସ୍ୱେଚ୍ଛାସେବୀଙ୍କୁ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ ଉତ୍ତରୀୟ ସହ ୧ହଜାର ଟଙ୍କା ଦେଇ ସମ୍ମାନିତ କରିଥିଲେ। କମିଟିର ରତ୍ନାକର ସାମନ୍ତରାୟ, କେଦାର ପାତାଳସିଂ, ବାବୁ ବିଶ୍ୱାଳ, ତ୍ରିନାଥ ପାତ୍ର ,ଲକ୍ଷ୍ମୀଧର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଓଡ଼ିଶା ପୋଲିସ ଏବଂ ମା'କାମାକ୍ଷା କ୍ଲବ ବକ୍ସର ବିହାର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ମନୋଜ କୁମାର ମାନସିଂହ କହିଛନ୍ତି।

## ଏୟାରପୋର୍ଟ ଆସେସ୍ ଭୁବନେଶ୍ୱର ବିଜୟୀ

ନିରାକାରପୁର,୨୬।୧୨
(ମାନସ ଚନ୍ଦ୍ର ପଟ୍ଟନାୟକ)

ଭୁଷଣ୍ଡପୁରସ୍ଥିତ ରିଫ୍ୟୁଜ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ମହାବୀର ଚାଲେଞ୍ଜ କ୍ରିକେଟ କପ୍ ଟୁର୍ନାମେଣ୍ଟରେ ଶୁକ୍ରବାର ଏୟାରପୋର୍ଟ ଆସେସ ଭୁବନେଶ୍ୱର ଏବଂ ଜଟଣୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏୟାରପୋର୍ଟ ଆସେସ ଭୁବନେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ବିନିମୟରେ ୨୪୬ ରନ ସଂଗ୍ରହ କରିଥିଲା। ଜବାବରେ ଜଟଣୀ ଟିମ୍ ୧୭ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏୟାରପୋର୍ଟ ଆସେସ ଟିମ୍ ବିଜୟୀ ହେବାସହ ଚିତ୍ତରଞ୍ଜନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଅତିଥିଭାବେ ଦେବେନ୍ଦ୍ର ବେହେରା, ମାନସ ରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମୀର ମଲ୍ଲିକ ଏବଂ ରମେଶ ସାହୁ ମ୍ୟାଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଗୌରହରି ମଲ୍ଲିକ, ସମ୍ପାଦକ ରମେଶ ସାହୁ, ଉପସଭାପତି ପ୍ରଶାନ୍ତ ଦାସ, ଆୟୋଜକ ମାନସ ମଲ୍ଲିକ, ମିଲୁ ସାହୁ, ସ୍ମୃତି ରଞ୍ଜନ ଦଳାଇ, ଅନାଥ ଦଳାଇ, ଜିତେନ୍ଦ୍ର ସାହୁ, ମନୋଜ ମଲ୍ଲିକ, ଶ୍ରୀମନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।




୨୬।୧୨।୨୦୨୫

| | |
|---|---|
| ୬,୭୨,୫୨୧ ଟଙ୍କା | |
| ସୁନା | ୧୮୦ ମିଲିଗ୍ରାମ୍ |
| ରୁପା | ୧୪.୬୦୦ ଗ୍ରାମ୍ |

## ସଂକ୍ଷେପରେ

### ନୂଆହାଟ ଛକରେ ମର୍ମନ୍ତୁଦ ଦୁର୍ଘଟଣା: ଜଣେ ମୃତ, ୩ ଗୁରୁତର

ବଳଙ୍ଗା, ୨୬।୧୨ (କେଦାରେଶ୍ୱର ନନ୍ଦ)

ସାତଶଙ୍ଖ-ବଳଙ୍ଗା ପୂର୍ତ୍ତ ସଡ଼କ ନୂଆହାଟ ଛକଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ମହିଳା ଥିବାବେଳେ ଦୁଇ ଜଣ ଶିଶୁପୁତ୍ର ଥିଲେ। ଆହତଙ୍କୁ ସ୍ଥାନୀୟ ଲୋକ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନେ ହେଲେ ପିପିଲି ବ୍ଲକ ରଥପୁରୁଷୋତ୍ତମପୁର ପଞ୍ଚାୟତ ବାଲିଗାଁର। ବଣଭୋଜି ଯିବା ପାଇଁ ଘରୁ ବାହାରି ନୂଆହାଟ ଛକକୁ ଆସୁଥିବା ସମୟରେ ପଛରୁ ଏକ ଚାରିଚକିଆ ଗାଡ଼ି ଦ୍ରୁତ ବେଗରେ ଆସି ଧକ୍କା ଦେଇଥିଲା। ମୃତକ ହେଲେ ପ୍ରଭାକର ବେହେରା। ସ୍ଥାନୀୟ ସରପଞ୍ଚ ସୁବାସ ଚନ୍ଦ୍ର ପଲେଇ ପହଞ୍ଚି ବଳଙ୍ଗା ଥାନାକୁ ଖବର ଦେଇଥିଲେ। ଖବରପାଇ ବଳଙ୍ଗା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ବଡ଼ ମେଡିକାଲକୁ ପଠାଇବା ସଙ୍ଗେସଙ୍ଗେ ତଦନ୍ତ ଜାରି ରଖିଛି।

### ସେମିରେ ଜଟଣୀ ଫ୍ରେଣ୍ଡ୍ସ ପାରାଡାଇଜ୍

ବଳଙ୍ଗା, ୨୬।୧୨ (କେଦାରେଶ୍ୱର ନନ୍ଦ)

ରାଜ୍ୟସ୍ତରୀୟ ୨୪ତମ ଲଙ୍କେଶ୍ୱରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବଳଙ୍ଗା ମିନି ଷ୍ଟାଡିୟମ୍‌ରେ ଫ୍ରେଣ୍ଡ୍ସ ପାରାଡାଇଜି, ଜଟଣୀ ଓ ସେଞ୍ଚୁରିଆନ ୟୁନିଭର୍ସିଟି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଦିନରେ ଫ୍ରେଣ୍ଡ୍ସ ପାରାଡାଇଜି, ଜଟଣୀ ୧-୦ ଗୋଲରେ ସେଞ୍ଚୁରିଆନ ୟୁନିଭର୍ସିଟି ଭୁବନେଶ୍ୱରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଜ୍ୟୋତିରଞ୍ଜନ ସ୍ୱାଇଁ, ସୁନିଲ ହେମ୍ବ୍ରମ, ସମର ବରାଳ, ସୁଶାନ୍ତ କୁମାର ରାଉତ ଓ ସୁଦୀପ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ଲଙ୍କେଶ୍ୱରୀ ଫୁଟବଲ କ୍ଲବର ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଜଟଣୀ ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା, ବଳଙ୍ଗା ପଞ୍ଚାୟତ ସଭାପତି ପ୍ରଭାକର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ପ୍ରସ୍ତୁତ ଥଇଥାନ ପ୍ୟାକେଜ ଲାଗୁ ହେଉ

## ସାକ୍ଷୀଗୋପାଳ ରେଲ୍‌ୱେ ଓଭର ବ୍ରିଜ୍ ନିର୍ମାଣ ପାଇଁ ଜନଶୁଣାଣି ଶିବିର

ସାକ୍ଷୀଗୋପାଳ, ୨୬।୧୨ (ଭରତ ରାଉତ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)


କାର୍ଯ୍ୟକ୍ରମ ରେ ଯୋଗ ଦେଇଥିବା ଅଧିକାରୀମାନେ।

ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପରିସରରେ ସାକ୍ଷୀଗୋପାଳ ଅଲଗୁମ ରାସ୍ତାରେ ପ୍ରସ୍ତାବିତ ରେଲ୍‌ୱେ ଓଭର ବ୍ରିଜ୍ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ଯୋଜନାର ଚିଠା ପ୍ରସ୍ତାବ ଓ ଏହାର ପ୍ୟାକେଜ ଉପରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ରାଜକିଶୋର ଜେନା, ଭୂମି ଅଧିଗ୍ରହଣ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ଜିଲା ମଙ୍ଗଳ ଅଧିକାରୀ ମମତା ପରିଡ଼ା ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ।

ଜନଶୁଣାଣିରେ ପ୍ରଥମେ ସାକ୍ଷୀଗୋପାଳ ବଜାର କମିଟି ସଭାପତି ବିରେନ୍ଦ୍ର ଭୂଷଣ ହୋତା ଲିଖିତ ଭାବେ ଉପସ୍ଥିତ ଉପଜିଲାପାଳ ତଥା ପ୍ରଶାସକ ପୁନର୍ବାସ ଓ ଥଇଥାନ ଅଧିକାରୀଙ୍କୁ ସାକ୍ଷୀଗୋପାଳ ରେଲ୍‌ୱେ ଓଭର ବ୍ରିଜ୍ ନିର୍ମାଣ ଉଦ୍ଦେଶ୍ୟରେ ସରକାରଙ୍କ ପ୍ରସ୍ତୁତ ଚିଠାରେ ଏଠାର ବ୍ୟବସାୟୀ ସଂଘ ଅସନ୍ତୁଷ୍ଟ ଥିବା ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା କ୍ଷତିପୂରଣ ରାଶିକୁ ୫ ଗୁଣ ବଢ଼ାଯାଉ। ତତ୍‌ସହିତ ପ୍ରଭାବିତ ବ୍ୟବସାୟୀ ଓ ଭଡ଼ାଟିଆ ବ୍ୟବସାୟୀ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଉଚ୍ଛେଦ ସମୟରେ ଥଇଥାନ ବ୍ୟବସ୍ଥା କିମ୍ବା ଅନ୍ୟତ୍ର ଘର କରିବା ପାଇଁ ଅନ୍ୟୁନ ୩ଲକ୍ଷ ଟଙ୍କାର ସହାୟତା ଦିଆଯିବା ସହ ଉଚ୍ଛେଦ ସମୟରେ ତାଙ୍କ ପରିବାର କିମ୍ବା ସନ୍ତାନ ଘରେ ଥିବା ବୟସ୍କ ବ୍ୟକ୍ତି , ପାଠ ପଢ଼ୁଥିବା ପିଲା, ଛୋଟ ଶିଶୁ, ଶଯ୍ୟାଶାୟୀ ଅର୍ଥାତ ରୁଗ୍ଣ ବ୍ୟକ୍ତିଙ୍କ ଭରଣପୋଷଣ ପାଇଁ ଉପଯୁକ୍ତ ସହାୟତା ପ୍ରଦାନ କରାଯାଉ। ଉଚ୍ଛେଦ ହେଉଥିବା ସ୍ଥାନ ଠାରୁ ଦୂରରେ ବ୍ୟବସାୟ ଅନୁଷ୍ଠାନ ନିର୍ମାଣ ନ କରି ଉଚ୍ଛେଦ ସ୍ଥାନର ପଛପାର୍ଶ୍ୱ କିମ୍ବା ନିକଟରେ ଥିବା ସରକାରୀ ଜମି ଚିହ୍ନଟ କରାଯାଇ ସେଠାରେ ପୁନର୍ବାସ ଓ ବ୍ୟବସାୟ କରିବା ପାଇଁ ସୁଯୋଗ ଦିଆଯାଉ। ବ୍ୟବସାୟ ଅନୁଷ୍ଠାନରେ ଥିବା କର୍ମଚାରୀ ଓ ସେମାନଙ୍କ ପରିବାରକୁ ଉପଯୁକ୍ତ ଥଇଥାନ ସହ ଠିକ୍ କ୍ଷତିପୂରଣ ଦିଆଯିବା ପାଇଁ ସଭାପତି ହୋତା ଅନୁରୋଧ କରିଥିଲେ। ସେହିଭଳି ବ୍ୟବସାୟୀ ବାଉରୀବନ୍ଧୁ ସ୍ୱାଇଁ ପୂର୍ବରୁ କରାଯାଇଥିବା ମାପ ଉପରେ ସନ୍ତୁଷ୍ଟ ନ ଥିବା ସହ ସରକାରଙ୍କ ଦ୍ୱାରା ଥଇଥାନ ପ୍ୟାକେଜକୁ ୨୦ ଗୁଣ ବୃଦ୍ଧି ପାଇଁ ନିବେଦନ କରିଥିଲେ।

ବଜାର କମିଟି ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର, ଉପସଭାପତି ଶଙ୍କର୍ଷଣ ପ୍ରଧାନ, ବୁଦ୍ଧିଜୀବୀ ପ୍ରହ୍ଲାଦ ଘଟୁଆରୀ, ବ୍ୟବସାୟୀ ସୂର୍ଯ୍ୟପ୍ରସାଦ ରଥ, ଅମୀୟ କୁମାର ସ୍ୱାଇଁ, ରଶ୍ମିତା ଦାଶ , ପ୍ରତାପ ମହାଭୋଇ, ନିର୍ମଳ ଚନ୍ଦ୍ର ନନ୍ଦ, ବୀଣାପାଣି ଜେନା, ବିରଞ୍ଚି ନାରାୟଣ ଦାଶ, ମୋହନ ସାହୁ, ଉମାକାନ୍ତ ହୋତା ପ୍ରମୁଖଙ୍କ ସହ ଅନ୍ୟମାନେ ଏହି ଅଭିଯୋଗ ଶୁଣାଣିରେ ସେମାନଙ୍କ ଅଭିଯୋଗ ସମ୍ପର୍କରେ ମତାମତ ରଖିଥିଲେ। ବ୍ୟବସାୟୀଙ୍କ ପକ୍ଷରୁ ପୁରୀ ମାଟିଆପଡ଼ା ଲେଭ୍‌ୱେ ଓଭର ବ୍ରିଜ୍ ନିର୍ମାଣରେ ଦିଆଯାଉଥିବା ପୁନର୍ବାସ ଓ ଥଇଥାନ ଯୋଜନାକୁ ଏଠାରେ ଲାଗୁ କରିବାକୁ ଅନୁରୋଧ କରାଯାଇଥବା ନିଷ୍ପତ୍ତି ଉପରେ ବିଚାର ବିମର୍ଶ କରାଯିବା ସହ କିଛି ଅଭିଯୋଗ ଉପରେ ସିଧାସଳଖ ଉତ୍ତର ତୁରନ୍ତ ସେହିଠାରେ ଦେଇଥିଲେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର। ଉକ୍ତ ଜନଶୁଣାଣିରେ ଅନ୍ୟୁନ ୨ଶହରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଅଧିକାରୀ ପୋଲିସ ଫୋର୍ସ ସହ ଶୃଙ୍ଖଳା ରକ୍ଷା କରିବା ପାଇଁ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆବେଦନ କଲେଣି ୧୪୨

- ଜାନୁଆରୀ ୮ ପର୍ଯ୍ୟନ୍ତ ବଢ଼ିଲା ଆବେଦନ ତାରିଖ
- ବିବାହ ପାଇଁ ମିଳିବ ୫୧ ହଜାର ଟଙ୍କା

ପୁରୀ, ୨୬।୧୨ (ଅଜିତ୍ କୁମାର ମହାନ୍ତି)

ସରକାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଆବେଦନ ତାରିଖକୁ ୨୦୨୬ ଜାନୁଆରୀ ୮ ତାରିଖ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଶୁକ୍ରବାର ଶେଷ ତାରିଖ ଥିଲା। ଓଡ଼ିଶାରେ ଝିଅଙ୍କ ବିବାହ ଲାଗି ଆର୍ଥିକ ସହାୟତା ପାଇଁ ଏକ ଯୋଜନା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ନାମରେ ଲାଗୁ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଆବେଦନ କରିଥିବା କନ୍ୟାଙ୍କ ମଧ୍ୟରୁ ୧୪୨ ଜଣ ଦମ୍ପତି ଚୂଡ଼ାନ୍ତ ହୋଇଥିବା ବେଳେ ରେଜିଷ୍ଟ୍ରେଶନ ପାଇଁ ୮୩ ଜଣଙ୍କୁ ଅନୁମତି ପ୍ରଦାନ କରାଯାଇଛି ବୋଲି ସମାଜ କଲ୍ୟାଣ ଅଧିକାରୀ ସୂଚନା ଦେଇଛନ୍ତି। ଆର୍ଥିକ ଭାବରେ ଦୁର୍ବଳ ବର୍ଗ, ଗରିବଙ୍କ ପାଇଁ ନିର୍ଦ୍ଦିଷ୍ଟ ସୁବିଧା ସହିତ ସିଧାସଳଖ ବ୍ୟାଙ୍କ ସ୍ଥାନାନ୍ତର (ଡିବିଟି) ପାଣ୍ଠି, ବିବାହ ଉପହାର କିଟ ଦିଆଯିବ। ଯାହାର ଲକ୍ଷ୍ୟ ବିବାହ ପଞ୍ଜିକରଣକୁ ପ୍ରୋତ୍ସାହିତ କରିବା ଏବଂ ବାଲ୍ୟବିବାହକୁ ରୋକିବା। ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ୨୧ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ପ୍ରଥମ ଥର ବିବାହ ପାଇଁ ଏହି ଅର୍ଥ ଯୋଗାଇ ଦିଆଯିବ। ସେହିପରି ବିଧବାଙ୍କ ପୁନଃବିବାହ ପାଇଁ ମଧ୍ୟ ଏହି ସହାୟତା ମିଳିପାରିବ। ୩୫ ହଜାର ଟଙ୍କା କନ୍ୟାଙ୍କ ଆକାଉଣ୍ଟକୁ ଯିବାକୁ ଥିବାବେଳେ ୧୦ ହଜାର ଟଙ୍କାରେ ବିବାହ ସରଞ୍ଜାମ କିଟ୍ ଓ ୬ ହଜାର ଟଙ୍କାରେ ବିବାହ ସାଜସଜ୍ଜା କରାଯିବ। ସାଧାରଣତଃ ବୟସ/ଆୟ ପ୍ରମାଣପତ୍ର ଭଳି ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ ଉମଙ୍ଗ/ମାଁ ସ୍କିମ୍ ପୋର୍ଟାଲ ମାଧ୍ୟମରେ ଆବେଦନକାରୀ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ ବୋଲି ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଅବଗତ କରାଯାଇଛି।

# ମାଟିତୋଟା ଯୋଗକେନ୍ଦ୍ରର ପ୍ରଥମ ସ୍ଥାପନା ଦିବସ

ପୁରୀ, ୨୬।୧୨ (ଅଜିତ୍ କୁମାର ମହାନ୍ତି)

ଭାରତୀୟ ଯୋଗ ସଂସ୍ଥାନ (ପଞ୍ଜୀକୃତ) ପୁରୀ ଯୋଗ ଜିଲାସ୍ଥିତ ମା'ମଙ୍ଗଳା କଲ୍ୟାଣମଣ୍ଡପ ମାଟିତୋଟା ଯୋଗକେନ୍ଦ୍ରର ପ୍ରଥମ ସ୍ଥାପନା ଦିବସ ଅନୁଷ୍ଠିତ ହୋଇଛି। ଅତିଥିଙ୍କ ଦ୍ୱାରା ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପରେ ଚିନ୍ମୟୀ ଗୁରୁମା, ମମତା ପରିଡ଼ା ଓ ତାଙ୍କ ଗ୍ରୁପ୍ ଦ୍ୱାରା ସରସ୍ୱତୀଙ୍କ ବନ୍ଦନା ଗାନ କରାଯାଇଥିଲା। ଶ୍ରୀଜଗନ୍ନାଥ କ୍ଷେତ୍ର ପ୍ରଧାନ ପଞ୍ଚାନନ ବେହେରା, କେନ୍ଦ୍ର ପ୍ରମୁଖ ତ୍ରିଲୋଚନ ସାହୁ, ଦୁର୍ଯ୍ୟୋଧନ ବିଶ୍ୱାଳ ଯୋଗାଭ୍ୟାସ କରାଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଯୋଗ, ପ୍ରାଣାୟମ ଓ ଧ୍ୟାନର ଉପଯୋଗିତା, ଆବଶ୍ୟକତା ଉପରେ ବିଶଦ ଚର୍ଚ୍ଚା ସହ ନିଜ ନିଜ ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ସାମାଜିକ କର୍ମୀ ଭାବେ ଅର୍ଜୁନ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଯୋଗ ଜିଲାର ଉପଦେଷ୍ଟା ରାମ ସ୍ୱାଇଁ, ଜିଲା ପ୍ରଧାନ ମନମୋହନ ମହାପାତ୍ର, ଯୋଗ ଜିଲା ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତ, ଶିକ୍ଷାବିତ୍ ସସ୍ମିତା ରାଉତରାୟ, ସନ୍ତୋଷ ମହାପାତ୍ର ଓ ଯୋଗ ଜିଲାର ଅନ୍ୟାନ୍ୟ ଅଧିକାରୀ, ଶ୍ରୀଜଗନ୍ନାଥ ଯୋଗ କ୍ଷେତ୍ର ତଥା ଗୁଣ୍ଡିଚାବିହାର ଯୋଗ କ୍ଷେତ୍ରର ପ୍ରଧାନ ଓ ଅଧିକାରୀଗଣ ମଞ୍ଚାସୀନ ଥିଲେ। ଶତାଧିକ ସାଧକ, ସାଧିକା, ଅତିଥିଗଣ ଉପସ୍ଥିତ ଥିଲେ। ମଞ୍ଚ ସଞ୍ଚାଳନ ଉପ ପ୍ରମୁଖ ସୁକାନ୍ତ କୁମାର ସ୍ୱାଇଁ କରିଥିବା ବେଳେ ବଦ୍ୟାଧର ପରିଡ଼ା, ମାନସ ମହାପାତ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।। ଶେଷରେ ଶ୍ରବଣ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଅଗ୍ନିଶମ ବିଭାଗର ସମୀକ୍ଷା

ପୁରୀ, ୨୬।୧୨ (ଅଜିତ୍ କୁମାର ମହାନ୍ତି)


ଅଗ୍ନିଶମ ବିଭାଗ ପକ୍ଷରୁ ସମୀକ୍ଷା କରାଯାଉଛି ।

ପୁରୀ ସହରରେ ଆସନ୍ତା ୩୧ ଡିସେମ୍ବର ଓ ନୂତନ ବର୍ଷ ୨୦୨୬ ଅବସରରେ ଅଧିକ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହେବାକୁ ଥିବା ପରିପ୍ରେକ୍ଷୀରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଏସ୍‌ପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ବଡ଼ଦାଣ୍ଡସ୍ଥିତ ଅଗ୍ନିଶମ କେନ୍ଦ୍ରର ଏକ ବିସ୍ତୃତ ସମୀକ୍ଷା କରାଯାଇଛି। ସମୀକ୍ଷା କାର୍ଯ୍ୟକ୍ରମରେ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟତଃ ବଡ଼ଦାଣ୍ଡ, ଶ୍ରୀମନ୍ଦିର ଆଖପାଖ, ଚାରି ଦ୍ୱାର, ମୁଖ୍ୟ ଭକ୍ତ ଚଳାଚଳ ମାର୍ଗ ଓ ଜନସମାଗମ ଅଧିକ ଥିବା ସ୍ଥାନଗୁଡ଼ିକରେ ଅଗ୍ନିଜନିତ ଦୁର୍ଘଟଣା ପ୍ରତିରୋଧ ଓ ଆପାତକାଳୀନ ସେବା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସମୀକ୍ଷା ସମୟରେ ଅଗ୍ନିଶମ କେନ୍ଦ୍ରର ଉପଲବ୍ଧ ଯାନବାହନ, ଅଗ୍ନିନିର୍ବାପଣ ଉପକରଣ, ଜଳସ୍ରୋତ, ଆପାତକାଳୀନ ସହାୟତା ବ୍ୟବସ୍ଥା ଓ ଦ୍ରୁତ ପ୍ରତିକ୍ରିୟା କ୍ଷମତାକୁ ନିକଟରୁ ଦେଖିଥିଲେ। ଅଗ୍ନିଶମ କର୍ମଚାରୀମାନଙ୍କୁ ସଦା ସଚେତନ ଓ ସତର୍କ ରହିବା ସହ ଯେକୌଣସି ଆପାତକାଳୀନ ପରିସ୍ଥିତିକୁ ତୁରନ୍ତ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଏସ୍‌ପି ସିଂ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ବୋଲି ଜଣାଇଥିଲେ। ନୂତନ ବର୍ଷ ଉତ୍ସବ ସମୟରେ ହୋଟେଲ, ଲଜ୍, ଧର୍ମଶାଳା, ବଜାର ଅଞ୍ଚଳ, ଆଲୋକସଜ୍ଜା ଥିବା ସ୍ଥାନ ଓ ଭିଡ଼ ଅଧିକ ଥିବା ଅଞ୍ଚଳଗୁଡ଼ିକରେ ଅଗ୍ନି ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସେହିପରି ପୋଲିସ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ମଧ୍ୟରେ ଆନ୍ତଃବିଭାଗୀୟ ସମନ୍ୱୟକୁ ଆହୁରି ମଜଭୁତ କରିବାକୁ ଜୋର୍ ଦିଆଯାଇଥିଲା। ଆପାତକାଳୀନ ସ୍ଥିତିରେ ଦ୍ରୁତ ସୂଚନା ଓ ରେସପନ୍ସ ପାଇଁ ଏକ ସୁସ୍ପଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁରୀ ପୋଲିସ ପକ୍ଷରୁ ସାଧାରଣ ଜନସାଧାରଣ, ଭକ୍ତ ଓ ପର୍ଯ୍ୟଟକଙ୍କୁ ଅନୁରୋଧ କରାଯାଉଛି ଯେ, ନୂଆବର୍ଷ ଉତ୍ସବ ସମୟରେ ସମସ୍ତ ସୁରକ୍ଷା ନିୟମ ମାନିବେ, ପ୍ରଶାସନକୁ ସହଯୋଗ କରିବେ ଓ କୌଣସି ସନ୍ଦେହଜନକ କିମ୍ବା ଆପାତକାଳୀନ ପରିସ୍ଥିତି ଦେଖିଲେ ତୁରନ୍ତ ପୋଲିସ ବା ଅଗ୍ନିଶମ ବିଭାଗକୁ ସୂଚନା ଦେବେ। ପୋଲିସ ଆସନ୍ତା ୩୧ ଡିସେମ୍ବର ଓ ନୂତନ ବର୍ଷ ୨୦୨୬ ଅବସରରେ ସହରରେ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ପରିବେଶ ରଖିବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି।

# ଆଦର୍ଶ ଶିଶୁ ଶିକ୍ଷା ମନ୍ଦିର ବାର୍ଷିକ ଉତ୍ସବ

ପିପିଲି, ୨୬।୧୨ (ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ମଙ୍ଗଳପୁରଠାରେ ଥିବା ଆଦର୍ଶ ଶିଶୁ ଶିକ୍ଷା ମନ୍ଦିରର ୧୨ତମ ବାର୍ଷିକୋତ୍ସବ ସମ୍ପାଦକ ସାରଦା ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ମୀନକେତନ ମହାପାତ୍ର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପିପିଲି ତହସିଲଦାର ହୃଷିକେଶ ତ୍ରିପାଠୀ ଓ ସମ୍ମାନିତ ଅତିଥି ସୌମେନ୍ଦୁ ଶେଖର ତ୍ରିପାଠୀ, ବରିଷ୍ଠ ଖବରଦାତା ରାଜକିଶୋର ସ୍ୱାଇଁ, ଦୁର୍ଗାଦାଶପୁର ସରପଞ୍ଚ ବିଭୁତିଭୂଷଣ ନାଥ, ମଙ୍ଗଳପୁର ପଞ୍ଚାୟତ ସମିତିସଭ୍ୟ ଗଦାଧର ପରିଡ଼ା, ସାମାଜିକ କର୍ମୀ ଜଗତବଲ୍ଲଭ ଖଟେଇ, ବବୁଲ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଉପରେ ଅଭିଭାବକଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ବିଧାୟକ ପଟ୍ଟନାୟକ କହିଥିଲେ। ଶିକ୍ଷକ ହେମନ୍ତ କୁମାର ସାହୁ, ଅନନ୍ତ କୁମାର ସାହୁ, ସାର୍ଥକ ମହାପାତ୍ର, ମମତା ମିଶ୍ର, ସଙ୍ଗିତା ଦାଶ ରାଜଲକ୍ଷ୍ମୀ ଦଳେଇ, ଅନିତା ପ୍ରଧାନ, ମିଲି ଘୋଷ, ସବିତା ସାହୁ, ମାମାଲି ସେଠୀ, ମାମୁନି ଗୁରୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ମେଡାଲ ଦିଆଯାଇ ସମ୍ମାନିତ କରାଯାଇଥିଲା।

# ଆଜି ବି ନବୀନ ବାବୁଙ୍କ ଲୋକପ୍ରିୟତା ଶୀର୍ଷରେ




ପିପିଲି, ୨୬।୧୨ (ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି ନିର୍ବାଚନମଣ୍ଡଳୀର ବିଜେଡି କାର୍ଯ୍ୟାଳୟ ପରିସରରେ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ସ୍ଥାନୀୟ ନେତୃବୃନ୍ଦମାନେ ବିଜୁ ବାବୁ ଓ ପ୍ରଦୀପ ମହାରଥୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ପାଇଁ ବିଜୁ ଜନତା ଦଳ ୨୪ବର୍ଷ ସରକାରରେ ରହିଥିଲା। ଆଜି ବି ନବୀନ ବାବୁଙ୍କ ଲୋକପ୍ରିୟତା ଶୀର୍ଷରେ ରହିଛି ବୋଲି ମହାରଥୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ବିଜେଡି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ବିଶ୍ୱଜିତ ଦାଶ, ପିପିଲି ଏନ୍‌ଏସି ବିଜେଡି ସଭାପତି ଶରତ ବେହେରା, ବିଜେଡି ସମ୍ପାଦକ ସତ୍ୟଜିତ୍ ରାୟଚୌଧୁରୀ, ପିପିଲି ଏନ୍‌ଏସିର ଯୁବ ବିଜେଡି ସଭାପତି ଅଜୟ ମହାରଣା, ଯୁବ ବିଜେଡି ନେତା ଆର୍ତ୍ତବନ୍ଧୁ ସାମନ୍ତରାୟ, ପୂର୍ବତନ ସରପଞ୍ଚ ପ୍ରକାଶ ଧଳ, ବିରଜା ପ୍ରସାଦ ପଟ୍ଟନାୟକ, ରବି ନାରାୟଣ ତାଡ଼, ରଶ୍ମିରଞ୍ଜନ ଭଞ୍ଜ ପ୍ରମୁଖ ସମେତ ସରପଞ୍ଚ, ସମିତିସଭ୍ୟ, କାଉନସିଲର ଓ କର୍ମୀମାନେ ଉପସ୍ଥିତ ଥିଲେ।

# ସଞ୍ଜୀବ ହିରୋ'ରେ ଲକି ଡ୍ର, ଗ୍ରାହକ ଜିତିଲେ ଆକର୍ଷଣୀୟ ପୁରସ୍କାର

ପୁରୀ, ୨୬।୧୨ (ଅଜିତ୍ କୁମାର ମହାନ୍ତି)

ବାଇକ୍ ଏବଂ ସ୍କୁଟର କ୍ଷେତ୍ରରେ ପୁରୀର ଭରସାଯୋଗ୍ୟ ଶୋ ରୁମ୍ 'ସଞ୍ଜୀବ ହିରୋ' ପ୍ରତିଟି କ୍ଷେତ୍ରରେ ଗ୍ରାହକଙ୍କ ବିଶ୍ୱାସ ଜିତିପାରିଛି। ସବୁବର୍ଗଙ୍କ ପାଇଁ ଆକର୍ଷଣୀୟ ଦୁଇଚକିଆ ଗାଡ଼ି ଉପଲବ୍ଧ କରାଇ ପୁରୀ ବଜାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ସଞ୍ଜୀବ ହିରୋ। ବିଭିନ୍ନ ପର୍ବପର୍ବାଣିରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର୍ ଏବଂ ଲକି ଡ୍ର' ମାଧ୍ୟମରେ ପୁରସ୍କୃତ ମଧ୍ୟ କରୁଛି। ବଡ଼ଦିନ ଅବସରରେ ଟାଉନ ହଲ୍ ଛକସ୍ଥିତ ଶୋ'ରୁମ୍‌ରେ ସଙ୍ଗୀତ ସନ୍ଧ୍ୟାର ଆସର ସାଙ୍ଗକୁ ଚଳିତବର୍ଷ ଦଶହରାରେ ଗାଡ଼ି କିଣିଥିବା ଗ୍ରାହକଙ୍କୁ ଲକି ଡ୍ର' ମାଧ୍ୟମରେ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ମାହାରୀ ନୃତ୍ୟଗୁରୁ ରୂପଶ୍ରୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାହକଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅମିତ୍ ମଲ୍ଲିକଙ୍କୁ ପ୍ରଶଂସା କରିଥିଲେ। ଏଥିସହ କୁପନ ଉଠାଇ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବିଜେତା ହୋଇଥିବା ଗ୍ରାହକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦନପୁରର କବିତା ନାୟକ ପ୍ରଥମ, ସାକ୍ଷୀଗୋପାଳର ହେମନ୍ତ କୁମାର ବାରିକ ଦ୍ୱିତୀୟ ଏବଂ ଛଇତନାର ବୈକୁଣ୍ଠ ଭୂୟାଁ ତୃତୀୟ ଲକି ବିଜେତା ହୋଇଥିଲେ। ଏଥିସହ ଦଶହରାରେ ସଞ୍ଜୀବ ଶୋ'ରୁମ୍‌ରୁ ଗାଡ଼ି କିଣିଥିବା ସମସ୍ତ ଗ୍ରାହକଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୋ'ରୁମ୍ ମ୍ୟାନେଜର ଅମ୍ବିକା ପ୍ରସାଦ ମିଶ୍ର, ସର୍ଭିସ ସୁପରଭାଇଜର ପ୍ରଦୀପ ବେହେରା, ଆକାଉଣ୍ଟାଣ୍ଟ ସନ୍ତୋଷ ଭଟ୍ଟାଚାର୍ଯ୍ୟ, ସନ୍ତୋଷ କୁମାର ଦାଶଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମିସ୍ ଆରାଧନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।


ଲକି ଡ୍ର ମାଧ୍ୟମରେ ବିଜେତା ଗ୍ରାହକମାନେ ।

# ବିଜୁଙ୍କ ଆଦର୍ଶ, ନବୀନଙ୍କ ନେତୃତ୍ୱରେ ଦଳ ଆଗକୁ ବଢ଼ିବ

## ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

ବ୍ରହ୍ମଗିରି/ପୁରୀ, ୨୬।୧୨ (ସ୍ୱାଧୀନ ଚମ୍ପତିରାୟ/ଅଜିତ୍ କୁମାର ମହାନ୍ତି)


ପ୍ରତିଷ୍ଠା ଦିବସରେ ଉପସ୍ଥିତ ନେତା ଓ କର୍ମୀମାନେ ।

ବିଜୁଙ୍କ ଆଦର୍ଶ, ନବୀନଙ୍କ ନେତୃତ୍ୱରେ ବିଜେଡି ଆଗକୁ ବଢ଼ିବ ବୋଲି ବ୍ରହ୍ମଗିରି ବ୍ଲକରେ ବିଜେଡି ପକ୍ଷରୁ ଶୁକ୍ରବାର ଅଲାରନାଥ ଲାଇବ୍ରେରୀ ଠାରେ ଦଳର ୨୯ତମ ପ୍ରତିଷ୍ଠା ଉତ୍ସବରେ ପୂର୍ବତନ ବିଧାୟକ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କହିଛନ୍ତି। ପ୍ରାୟ ୩୦୦୦ ବିଜୁପ୍ରେମୀଙ୍କୁ ନେଇ ଏକ ବିଶାଳ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭା କାର୍ଯ୍ୟ ଆରମ୍ଭରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବ୍ରହ୍ମଗିରି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ବରିଷ୍ଠ ବିଜେଡି କର୍ମୀମାନେ ଯୋଗଦେଇ ୨୮ ବର୍ଷରେ ବିଜେଡି ଦ୍ୱାରା ବ୍ରହ୍ମଗିରି ବ୍ଲକରେ ବଙ୍କି କାଣିଆ, ଦକ୍ଷିଣ କାନିଆ, ଏକ ନାଳିଆ, ଚଉଦସ ପୁଆଣ କେନାଲର ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି ବୋଲି କହିଥିଲେ। ବ୍ରହ୍ମଗିରି ବ୍ଲକ ମୋଟ ଠାରେ ଇଞ୍ଜିନିୟରିଂ କଲେଜ, ବାଲିହରଚଣ୍ଡୀ ଭାୟା ଗୌଡ଼ିଆଘାଇ ଦେଇ ନରସିଂହପାଟଣା ରାସ୍ତା, ଗୋପ ଛକ ଠାରୁ ଡେଲାଙ୍ଗ ରାସ୍ତା, ସୁନାମୁହିଁ ଠାରୁ ହାସିନିପୁର, ସାହାଜାନପୁର, ଛାଲପୁର ଗ୍ରାମକୁ ରାସ୍ତା, ମାଠୁଆରି ପକ୍କାଠାରୁ ଚାପମାଣିକ, ବେଢ଼ା ସୁନ୍ଦର, କାଶିଝରିଆ, ମାଟି ଗାଡ଼ିଆ ରାସ୍ତା, ଫିଲ୍ଡ ଛକ ଠାରୁ ନିଆଜପୁର, ସାତ୍ତ୍ୱିକପୁର ଦେଇ ମୋଟ ରାସ୍ତା, ବ୍ରହ୍ମଗିରି ବ୍ଲକରେ ୭୦ ଭାଗ ପକ୍କା ସଡ଼କ, ମୋଟ ଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅବିଭକ୍ତ ରାହାଡ଼ମଲ୍ଲ ପଞ୍ଚାୟତକୁ ସଂଯୋଗ କରୁଥିବା ଗୌଡ଼ିଆଘାଇ ସେତୁ, କୁସୁପୁର ଠାରେ ବ୍ରହ୍ମଗିରି ବ୍ଲକକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ମେଗା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରାଯାଇଛି।

ବିଜେଡି ଉପସଭାପତି ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ବିଜେଡିର ୨୮ବର୍ଷ ମଧ୍ୟରେ ବିକାଶର ସେବା ଓ ସମର୍ପଣର ସଫଳ ଗାଥା ଏବଂ ସ୍ୱାଭିମାନ, ସଂଗ୍ରାମକୁ ପାଥେୟ କରି ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ଆମ ଆଦର୍ଶର ଦଳ ବିଜୁ ଜନତା ଦଳ ଆଜି ଗର୍ବର ସହ ପାଳନ କରୁଛି ୨୯ ତମ ପ୍ରତିଷ୍ଠା ଦିବସ। ଓଡ଼ିଶା, ପ୍ରତିଟି ଓଡ଼ିଆଙ୍କ ପାଇଁ ସମର୍ପିତ ବିଜୁ ଜନତା ଦଳ। ସ୍ୱାଧୀନତାର ୭୮ ବର୍ଷ ଅତିକ୍ରମରେ ନେତା ଆସିବେ ଆଉ ନେତା ଚାଲିଯିବେ। ସମୟର ପ୍ରଚ୍ଛଦପଟର ଭିତରେ କେହି ଚିରନ୍ତନ ନୁହନ୍ତି କି ଚିରସ୍ଥାୟୀ ନୁହନ୍ତି। ମୁଁ ଯେବେ ଠାରୁ ବ୍ରହ୍ମଗିରି ମାଟିରେ ପାଦ ଦେଇଛି ମୁଁ ଦେଖିଛି ଏ ମାଟିର ମା'ମାନେ, ମୁରବି, ଯୁବକମାନେ ସବୁ କଥା ସହିବେ କେବେ କାହାର ଅହଙ୍କାର ସହନ୍ତି ନାହିଁ। ଏ ମାଟି ଏକ ସଂସ୍କୃତି ସମ୍ପନ୍ନ ମାଟି ପଞ୍ଚୁପାଣ୍ଡବ ଠାରୁ ଅଲାରନାଥ, ବାଲି ହରଚଣ୍ଡୀ, ଅତିବଡ଼ି ଜଗନ୍ନାଥ ଦାସ ଏବଂ ମା କାଳିଜାଇ, ବାବା କମଳେଶ୍ୱର, ସିରୁଳି ମହାବୀରଙ୍କ ପର୍ଯ୍ୟନ୍ତ ଏହା ହେଉଛି ସଂସ୍କୃତିର ମହିମା ମଣ୍ଡିତ ମାଟି। ବିକାଶର ମାଟିରେ ଅଭିମନ୍ତ୍ରିତ ହେଉ ବ୍ରହ୍ମଗିରିର ସ୍ୱର। ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ବାବୁ ସ୍ୱପ୍ନ ଦେଖୁଥିଲେ ଗୋଟିଏ ଜାତିର ଭବିଷ୍ୟତ। ୧୦୦ ବର୍ଷ ପରେ ମୋ ଓଡ଼ିଆ ଜାତି ଏବଂ ରାଜ୍ୟ କେଉଁଠି ଥିବ। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ସାଢ଼େ ଚାରି କୋଟି ଲୋକ ୫ଥର ଓଡ଼ିଶାର ସେବା କରିବା ପାଇଁ ସୁଯୋଗ ଦେଇଛନ୍ତି। ଏ ଡବଲ ଇଞ୍ଜିନ ଭାଜପା ସରକାର ଚାଷୀଙ୍କ ଧାନ ମଣ୍ଡିରୁ ଉଠେଇ ପାରୁନାହାନ୍ତି, ୩୦୦ ୟୁନିଟ୍ ବିଜୁଳି ବିଲ୍ ଛାଡ଼ କରିବେ ବୋଲି କହିଥିଲେ। ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡ୍ ଦେବୁ, ବାର୍ଦ୍ଧକ୍ୟ ଭତ୍ତା ୩୦୦୦ କରି ଦେବେ ବୋଲି ସ୍ୱପ୍ନ ଦେଖାଇଥିଲେ ତାହା ପୂରଣ କଲେ ନାହିଁ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଉପାଧ୍ୟକ୍ଷ ମାଳିନୀ ଦଳାଇ, ଜିଲା ପରିଷଦ ସଦସ୍ୟ ଜଗ୍ନେଶର ସାହୁ, ସନ୍ଦୀପ ଜେନା, କୃଷ୍ଣପ୍ରସାଦ ବ୍ଲକ ବିଜେଡି ସଭାପତି ପଦ୍ମଚରଣ ଜେନା, ପୁରୀ ସଦର ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଭାଇଲପୁର ସମିତି ସଭ୍ୟ କାର୍ତ୍ତିକେୟ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳର ବରିଷ୍ଠ ନେତା, ମହିଳା, ଯୁବ ଓ ଛାତ୍ରଙ୍କ ସମେତ ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନାବାଳା ବେହେରା ଧନ୍ୟବାଦ ଦେଇଥିଲେ।

**ସରସ୍ୱତୀ ବିଦ୍ୟାମନ୍ଦିର (ଆବାସିକ) ବାର୍ଷିକ କ୍ରୀଡ଼ା**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ୍ ଅନ୍ତର୍ଗତ ଗଡିରାଉତପାଟଣାର ସରସ୍ୱତୀ ବିଦ୍ୟା ମନ୍ଦିର(ଆବାସିକ) ୩୮ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଉଛି। ହେମେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟବକ୍ତା ଭାବେ ଡ. ଗୋପାଳ ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ବିଭିନ୍ନ ବିଭାଗରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶତାଧିକ ଛାତ୍ରୀଛାତ୍ର ଏବଂ ଅଭିଭାବକ ସଭାରେ ଯୋଗଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଓମ୍‌ସାର ବନ୍ଦ ଡାକରା: ଏସ୍‌ସିବିରେ ନାହିଁ ପ୍ରଭାବ

କଟକ,୨୬।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏଶନ (ଓମ୍‌ସା) ପକ୍ଷରୁ ସରକାରୀ ହସ୍ପିଟାଲଗୁଡ଼ିକରେ ଏକ ଘଣ୍ଟାର କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରାର ପ୍ରଥମ ଦିନ ବା ଶୁକ୍ରବାର ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ଡାକ୍ତରମାନେ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଆଉଟଡୋରରେ ରୋଗୀ ଦେଖି ନ ଥିବା ଜଣାପଡ଼ିଛି। ତେବେ ଓମ୍‌ସାର ଏହି ବନ୍ଦ ଡାକରା ବଡ଼ ମେଡିକାଲରେ ପ୍ରଭାବଶୂନ୍ୟ ପରିଲକ୍ଷିତ ହୋଇଛି। ଓମ୍‌ସାର ସଦସ୍ୟ ଅନୁପସ୍ଥିତ ରହିବା ସତ୍ତ୍ୱେ ଏସ୍‌ସିବି ଆଉଟଡୋରରେ ଚିକିତ୍ସା ବ୍ୟବସ୍ଥା ସ୍ୱାଭାବିକ ରହିଥିଲା। ସୂଚନାଥାଉକି, ଓମ୍‌ସା ପକ୍ଷରୁ ଅନିର୍ଦ୍ଦିଷ୍ଟକାଳ ଯାଏ ଏହି ବନ୍ଦ ଡାକରା ଦିଆଯାଇଛି। ପ୍ରତ୍ୟେକ ଦିନ ୧ ଘଣ୍ଟା ଓପିଡିରେ କାର୍ଯ୍ୟ ବନ୍ଦ କରାଯିବ। ଏହା ବ୍ୟତୀତ ସ୍ୱାସ୍ଥ୍ୟ ମିଶନର କୌଣସି କାର୍ଯ୍ୟରେ ସହଯୋଗ କରାଯିବ ନାହିଁ ବୋଲି ଓମ୍‌ସା ଘୋଷଣା କରିଛି।

### ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

କଟକ ସଦର,୨୬।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଅଥଗାଠାରେ ଶୁକ୍ରବାର ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆମ୍ବାର ପୂର୍ବତନ ସଭାପତି ସମର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କନ୍ଦରପୁର ପଞ୍ଚାୟତ ସମିତି ସଭ୍ୟ ଶାରଦା ପ୍ରସନ୍ନ ସ୍ୱାଇଁ, ଭିକାରୀ ଚରଣ ବେହେରା, ପ୍ରମୋଦ ରାଉତ, ଶିବ ପ୍ରସାଦ ପ୍ରଧାନ, ରଜନୀ କାନ୍ତ ସାହୁ ପ୍ରମୁଖ ଦଳର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କର୍ମୀମାନେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

### ବରିଷ୍ଠ ଆଇନଜୀବୀ ରମାକାନ୍ତ ମହାପାତ୍ରଙ୍କ ପରଲୋକ

କଟକ,୨୬।୧୨(କାର୍ତ୍ତିକ ସାହୁ)



ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ରମାକାନ୍ତ ମହାପାତ୍ରଙ୍କ ତାଙ୍କ ମର୍କତନଗର ସେକ୍ଟର-୬ସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଅଧ୍ୟାପିକା କଳ୍ପନା ମହାପାତ୍ର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାପାତ୍ର ପ୍ରାୟ ୧୫ ବର୍ଷ ଧରି ସରକାରୀ ଓକିଲ ରୂପେ କାର୍ଯ୍ୟ ସମ୍ପାଦନା କରି ବେଶ୍ ସୁନାମ ଅର୍ଜନ କରିଥିଲେ। ପରଲୋକ ଖବର ପାଇ ବିଚାରପତି, ଆଇନଜୀବୀ, ସମାଜସେବୀ ପ୍ରମୁଖ ବର୍ଗର ଲୋକମାନେ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ।

### ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲର ବାର୍ଷିକ ପ୍ରଦର୍ଶନୀ 'ଉଦ୍ଭବ'

ମଙ୍ଗୁଳି-ଜଗତପୁର,୨୬।୧୨(ମାନସ ସାମଲ)

ଟାଙ୍ଗୀ ଥାନା ମଣିଆସ୍ଥିତ ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲର ବାର୍ଷିକ ପ୍ରଦର୍ଶନୀ 'ଉଦ୍ଭବ' ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଶୈଳବାଳା ମହିଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର୍ ରବୀନ୍ଦ୍ର ନାଥ ମିଶ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରି ବିଦ୍ୟାର୍ଥୀମାନଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପଗୁଡ଼ିକୁ ଦେଖି ବେଶ ପ୍ରଶଂସା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ବିନୋଦିନୀ ଦାଶ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ହୋଇଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଆମନ୍ତ୍ରିତ ଅତିଥିଙ୍କୁ ଅବଗତ କରାଇଥିଲେ। ଏଥିରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଯଥା ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ସାହିତ୍ୟ, ଚିତ୍ରକଳା ଇତ୍ୟାଦି ବିଷୟ ଆଧାରରେ ହୋଇଥିଲା। ଓଡ଼ିଶାର ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ପର୍କିତ ପ୍ରଦର୍ଶନୀ ବେଶ ଚିତ୍ତାକର୍ଷକ ହୋଇଥିଲା। ଅଭିଭାବକମାନଙ୍କ ମଧ୍ୟରେ ଏହାକୁ ଦେଖିବା ପାଇଁ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀବୃନ୍ଦ ମିଶି ସମଗ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଉଠାଦୋକାନୀମାନଙ୍କୁ ମିଳିବ କ୍ରେଡିଟ୍ କାର୍ଡ




ଜିଲାସ୍ତରୀୟ ସମୀକ୍ଷା ସମିତି ଓ ଜିଲା ପରାମର୍ଶଦାତା ସମିତି ବୈଠକରେ ଉପସ୍ଥିତ ଏମ୍‌ପି, ଜିଲାପାଳ ଏବଂ ଅନ୍ୟ ଅଧିକାରୀବୃନ୍ଦ।

କଟକ,୨୬।୧୨(କାର୍ତ୍ତିକ ସାହୁ)

**ଜିଲାସ୍ତରୀୟ ସମୀକ୍ଷା ସମିତି ଓ ଜିଲା ପରାମର୍ଶଦାତା ସମିତି ବୈଠକ**

କଟକ ଜିଲାସ୍ତରୀୟ ସମୀକ୍ଷା ସମିତି ଓ ପରାମର୍ଶଦାତା ସମିତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଭର୍ତ୍ତୃହରି ମହତାବ ଅଧ୍ୟକ୍ଷତା କରି ଜିଲାରେ କାର୍ଯ୍ୟକାରୀ ଜନକଲ୍ୟାଣ ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ। ୨୦୨୫ ସେପ୍ଟେମ୍ବର ଅବଧି ପାଇଁ କରାଯାଇଥିବା ବାର୍ଷିକ କ୍ରେଡିଟ ପ୍ଲାନର ଲକ୍ଷ୍ୟ, ବଣ୍ଟନ ଓ ଅଧିକ ବ୍ୟାଙ୍କ ଖୋଲିବା ଆଦି ଉପରେ ଆଲୋଚନା କରି ଏମ୍‌ପି ମହତାବ କ୍ରେଡିଟ୍-ଡିପୋଜିଟ ଅନୁପାତ, ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଋଣ ଯୋଗାଣ ଉପରେ ଆଲୋକପାତ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଦ୍ରାଋଣ ମାଧ୍ୟମରେ ନୂତନ ଉଦ୍ୟୋଗୀମାନେ ସମଗ୍ର ଜିଲାରେ ଯେପରି ଉନ୍ନତି କରିପାରିବେ ସମସ୍ତ ବ୍ୟାଙ୍କ ସେ ଦିଗରେ ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ପରାମର୍ଶ ଦେଇଥିଲେ। ଆଲୋଚନା ପୂର୍ବକ ଏହି ସମୀକ୍ଷା ବୈଠକ ମୁଖ୍ୟମନ୍ତ୍ରୀ ଉଦ୍ୟୋଗ ଯୋଜନା, ଏସ୍‌ଏଚ୍‌ଜି ବ୍ୟାଙ୍କ ଲିଙ୍କେଜ, ପ୍ରଧାନମନ୍ତ୍ରୀ ରୋଜଗାର ଗ୍ୟାରେଣ୍ଟି କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସଫଳ ରୂପାୟନ ନିମନ୍ତେ ଆବଶ୍ୟକ ଋଣ ପ୍ରଦାନ ପାଇଁ ଆଲୋଚନା କରାଯାଇଥିଲା। କଟକ ସହରର ସମସ୍ତ ଉଠାଦୋକାନୀଙ୍କୁ କ୍ରେଡିଟ୍ କାର୍ଡ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏହା ସେମାନଙ୍କୁ ଦୈନନ୍ଦିନ ବ୍ୟବସାୟରେ ସାହାଯ୍ୟ କରିବ। ଲିଡ ବ୍ୟାଙ୍କ ପ୍ରବନ୍ଧକ ସତ୍ୟ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ କଟକ ଡିଡିଏମ ନାବାର୍ଡ ପ୍ରଣିମା ପରିଡ଼ା, ଆରବିଆଇ ଏଲବିଓ ରାହୁଲ କାନ୍ତ, ୟୁକୋ ବ୍ୟାଙ୍କ ପ୍ରବନ୍ଧକ ବର୍ଷା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବ୍ୟାଙ୍କର ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ଓଏସ୍‌ଏପି ଷଷ୍ଠ ବାଟାଲିୟନ କଟକ ଚାମ୍ପିୟନ

ଭୁବନେଶ୍ୱର,୨୬।୧୨(ତ୍ରିନାଥ ମହାନ୍ତି)

**୮ମ ରାଜ୍ୟ ପୋଲିସ ଆନ୍ତଃ ବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା**

ସ୍ପେଶାଲ ଅପରେଶନ ଗ୍ରୁପ୍(ଏସ୍‌ଓଜି) ଚନ୍ଦକାଠାରେ ଚାଲିଥିବା ୮ମ ରାଜ୍ୟ ପୋଲିସ ଆନ୍ତଃ ବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ବିଭିନ୍ନ ବାଟାଲିୟନ ଓ ଶ୍ରେଷ୍ଠ କମାଣ୍ଡୋମାନଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ଓଏସ୍‌ଏପି ଷଷ୍ଠ ବାଟାଲିୟନ କଟକ ଚାମ୍ପିୟନ ଦଳ ଭାବେ ପୁରସ୍କୃତ ହୋଇଥିବା ବେଳେ ୮ମ ସ୍ୱତନ୍ତ୍ର ଆଇଆର୍‌ବିଏନ୍ ଭଞ୍ଜନଗର ରନରଅପ୍ ହୋଇଛି। ସେହିପରି ୪ର୍ଥ ଆଇଆର୍‌ବିଏନ୍ ଦେବଗଡ଼ ହାର୍ଡ ଲାଇନର୍ ଟ୍ରଫି ହାସଲ କରିଛି। ଏହା ବ୍ୟତୀତ ଶ୍ରେଷ୍ଠ କମାଣ୍ଡୋ ଭାବେ କପୁର ଚନ ଭୁଏ ଓ ଦ୍ୱିତୀୟ ଶ୍ରେଷ୍ଠ କମାଣ୍ଡୋ ଭାବେ ହାବିଲଦାର କେଶବ ଧରୁଆ ମୁଖ୍ୟ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ବିଭିନ୍ନ ସଶସ୍ତ୍ର ବାଟାଲିୟନର ୧୭ଟି ଟିମ୍‌ର ୪୦୨ଜଣ କମାଣ୍ଡୋ ଅଂଶଗ୍ରହଣ କରିଥିଲେ। ଅବ୍‌ଷ୍ଟାକଲ୍ କୋର୍ସ, ୫ କିଲୋଗ୍ରାମ ଓଜନର ବ୍ୟାକ୍‌ପ୍ୟାକ ପିନ୍ଧି କନ୍‌ଫିଡେନ୍ସ କୋର୍ସରେ ୧.୩ କିଲୋମିଟର ଦୌଡ଼, ୫ କିଲୋଗ୍ରାମ ଓଜନର ବ୍ୟାକ୍‌ପ୍ୟାକ୍ ସହିତ କ୍ରସ୍‌କଣ୍ଟ୍ରି ପଦଯାତ୍ରା, ଫାୟାରିଂ ଭଳି ପ୍ରତିଯୋଗିତାରେ କମାଣ୍ଡୋମାନେ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, କମାଣ୍ଡାଣ୍ଟ ଏସ୍‌ଓଜି ଲୋଚନ ପଶାୟତ, କ୍ରୀଡ଼ା ଅଧିକାରୀ ନୀଳ ମାଧବ ସାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇରାମ ମର୍ନିଂ ଟିମ୍ ଚାମ୍ପିୟନ




ଚାମ୍ପିୟନ ସାଇରାମମଣି ଦଳକୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରୁଛନ୍ତି।

କଟକ ସଦର,୨୬।୧୨(ସୁଶାନ୍ତ କୁମାର ଜେନା

**ଅଷ୍ଟମ କଳପଡ଼ା ପଞ୍ଚାୟତ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

୪୨ ମୌଜା ଅନ୍ତର୍ଗତ କଳପଡ଼ା ପଞ୍ଚାୟତ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଦେଉଳି ଟିମକୁ ହରାଇ କଟକର ସାଇରାମ ମର୍ନିଂ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଙ୍ଗଠକ ଡାକ୍ତର ଅନଙ୍ଗ ମୋହନ ଦ୍ୱିବେଦୀ, ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ, ସନ୍ତୋଷ ଟ୍ରଫି ଚୟନକର୍ତ୍ତା ମାନସ ରଞ୍ଜନ ସାମଲ, ଫୁଟବଲ ଆସୋସିଏଶନ ଉପସଭାପତି ମହମ୍ମଦ ସହିଦ ଜବାର ଯୋଗଦେଇ ଉଭୟ ଟିମକୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ୨୫ ହଜାର ଟଙ୍କା ଓ ଟ୍ରଫି, ରନର୍‌ଅପ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କଳପଡ଼ା ପଞ୍ଚାୟତ ସମିତି ସଭ୍ୟା ପିଙ୍କି ଭୋଇ, ପୂର୍ବତନ ସରପଞ୍ଚ ସରୋଜ କୁମାର ନାୟକ, ବିଜୟ କୁମାର ନାୟକ, ଦୀପାଞ୍ଜଳି ସାହୁ, ସୁନୀଲ ମୁଦୁଲି, ଅଶୋକ ସ୍ୱାଇଁ, ଶେଷଦେବ ଦାସ ଓ ପଞ୍ଚାୟତବାସୀ ସହଯୋଗ କରିଥିବା ବେଳେ ପ୍ରଫେସର ମନୋଜ କୁମାର ନାୟକ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ୯ ଦିନ ପରେ ନିଖୋଜ ଜିତେନ୍ଦ୍ର ଫେରିଲେ

ଚୌଦ୍ୱାର,୨୬।୧୨ (ଆଶୁତୋଷ ଦାସ)

**ଚୌଦ୍ୱାରର ସୁରକ୍ଷାକର୍ମୀ ବିଶାଖାପାଟଣାରେ ନିଖୋଜ ଘଟଣା**



ଚୌଦ୍ୱାରସ୍ଥିତ ଏକ ଘରୋଇ କମ୍ପାନୀର ସୁରକ୍ଷାକର୍ମୀ ଜିତେନ୍ଦ୍ର ସାହୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ନିଖୋଜ ହେବାର ୯ ଦିନ ପରେ ଶୁକ୍ରବାର ଘରକୁ ଫେରିଛନ୍ତି। ଏହା ପରେ ପରିବାର ଲୋକେ ଆସ୍ୱସ୍ଥ ହୋଇଛନ୍ତି। ପ୍ରକାଶ ଯୋଗ୍ୟ, ଦେବଗଡ଼ ଜିଲା ରିଆମାଳ ଥାନା ଅଧୀନ ଟିଙ୍କିବିରା ଗ୍ରାମର ଜିତେନ୍ଦ୍ର ପ୍ରାୟ ଅଢ଼େଇବର୍ଷ ହେବ ଏକ ଘରୋଇ ସିକ୍ୟୁରିଟି ସଂସ୍ଥା ଦ୍ୱାରା ଚୌଦ୍ୱାରସ୍ଥିତ ଏକ ଘରୋଇ କମ୍ପାନୀରେ ଠିକାରେ ନିଯୁକ୍ତି ପାଇଥିଲେ। ଗତ ୧୩ ତାରିଖରେ ସମ୍ପୃକ୍ତ କମ୍ପାନୀ କ୍ରୋମ୍ ପରିବହନ ପାଇଁ ୩ଟି ଟ୍ରକରେ ବିଶାଖାପାଟଣା ବାହାରିଥିଲା। ଗାଡ଼ି ତଦାରଖ ପାଇଁ ଜିତେନ୍ଦ୍ରଙ୍କୁ ଏଜେନ୍ସି ପକ୍ଷରୁ ପଠାଯାଇଥିଲା। ୧୫ ତାରିଖ ସନ୍ଧ୍ୟାରେ ଜିତେନ୍ଦ୍ରଙ୍କ ଉପସ୍ଥିତିରେ ଟ୍ରକ୍‌ଗୁଡ଼ିକରୁ ମାଲ୍ ଅନ୍‌ଲୋଡ୍ ହୋଇଥିଲା। ୧୬ ତାରିଖ ସକାଳେ ସେ ଟ୍ରେନରେ ଓଡ଼ିଶା ଫେରିଆସିବାର ଥିଲା। କିନ୍ତୁ ସେ ଘରେ ପହଞ୍ଚି ନ ଥିଲେ। ବିଶାଖାପାଟଣା ପୋଲିସ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଏଜେନ୍ସି ସହିତ ଯୋଗାଯୋଗ କରି ଜିତେନ୍ଦ୍ର ବିଶାଖାପାଟଣାରେ ଥିବା ଜାଣିବାକୁ ପାଇ ଚୌଦ୍ୱାର ପୋଲିସର ଏକ ଟିମ୍ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

### ତୃଣମୂଳସ୍ତରରେ ଦଳକୁ ସୁଦୃଢ଼, ଲୋକଙ୍କ ସେବା କର

**ବିଜେଡିର ପ୍ରତିଷ୍ଠା ଦିବସ**

ମଙ୍ଗୁଳି-ଜଗତପୁର,୨୬।୧୨(ମାନସ ସାମଲ)

ଜଗତପୁର ଥାନା ଗୋପୀନାଥପୁର ଗ୍ରାମପଞ୍ଚାୟତ ପାଗା ଛକ ନିକଟ ଶ୍ରୀ ମା' ଅରବିନ୍ଦ ଖେଳପଡିଆରେ ଟାଙ୍ଗୀ-ସାଲେପୁର ବିଜେଡି ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ଦିଲୀପ ରାଉତଙ୍କ ନେତୃତ୍ୱରେ ଟାଙ୍ଗୀ-ସାଲେପୁରର ୩ ହଜାରରୁ ଊର୍ଦ୍ଧ୍ୱ କର୍ମୀ ପାଗା ଛକରେ ଏକତ୍ରିତ ହୋଇ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ମୁଖ୍ୟ ଅତିଥି ବେହେରାଙ୍କୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ ପାଗା ଛକରୁ ଶ୍ରୀମା ଅରବିନ୍ଦ ଖେଳ ପଡିଆସ୍ଥିତ ସଭାକୁ ନେଇଥିଲେ। ସମସ୍ତ କର୍ମୀ ଏକଜୁଟ ହୋଇ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ଏବଂ ଲୋକଙ୍କ ପାଖକୁ ଯାଇ ସେବା କରିବାକୁ ବିଧାୟକ ବେହେରା ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ପୂର୍ବତନ ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବିଜେଡି ସଭାପତି ଧୀରେନ୍ଦ୍ର ଜେଠି, ସୁବୋଧ ସାମଲ, ଜିଲା ପରିଷଦ ସଦସ୍ୟ ଚିତ୍ତ ରଞ୍ଜନ ସମାଲ, ସାଲେପୁର ଜିଲା ପରିଷଦ ସଦସ୍ୟା ନମିତା ସେଠୀ, ସାଲେପୁର ବ୍ଲକ ଅଧ୍ୟକ୍ଷ ରାମ ଚରଣ ଭୋଇ, ପୂର୍ବତନ ଭାଇସ ଚେୟାରମ୍ୟାନ ରମେଶ ଚନ୍ଦ୍ର ଜେନା, ଯୁବ ବିଜେଡି ସଭାପତି ସଞ୍ଜୀବ ଦାସ, ଛାତ୍ର ସଭାପତି ଶୁଭମ ଦାସ, ଜ୍ୟୋତିପ୍ରକାଶ ନାୟକ, କାହ୍ନୁ ଚରଣ ପତି, ଗୋପୀନାଥପୁର ସରପଞ୍ଚ ଦମୟନ୍ତୀ ମହାନ୍ତି, ମିଶନ ଶକ୍ତି ସଭାପତି ତୃପ୍ତି ରେଖା ପରିଡା ପ୍ରମୁଖ ଯୋଗଦେଇଥିବା ବେଳେ ୬ ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ କର୍ମୀ ଉପସ୍ଥିତ ଥିଲେ। ସାଲେପୁର ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ଦାସ ଧନ୍ୟବାଦ ଦେଇଥିଲେ।

# 'ଶିକ୍ଷା ଜୀବନ ଗଢ଼ିବାର ଦୃଢ଼ ଭିତ୍ତି'



ପୁରାତନ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଫୁଲନଖରା,୨୬।୧୨(ସତ୍ୟରଞ୍ଜନ ଦାସମହାପାତ୍ର)

**ରିଜୋନାନ୍ସ ଆବସିକ ଉଚ୍ଚ ମାଧ୍ୟମିକ ସ୍କୁଲ ବାର୍ଷିକୀ ଉତ୍ସବ**

କଟକ ସଦର ଥାନା ଅନ୍ତର୍ଗତ ଭାଣପୁରସ୍ଥିତ ରିଜୋନାନ୍ସ ଆବସିକ ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକୀ ଉତ୍ସବ ରିଜୋ ଫାଷ୍ଟ ୨୦୨୫ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଅନୁଷ୍ଠାନ ଅଧ୍ୟକ୍ଷ ଧନେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର ଡ. କୁମର ବର ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ମହେଶ୍ୱର ବେହେରା ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡ. ଦାସ ଶିକ୍ଷା ହେଉଛି ଜୀବନ ଗଢିବାର ଦୃଢ଼ ଭିତ୍ତି। ଏହି ଭିତ୍ତିକୁ ଆଧାର କରି ରିଜୋନାନ୍ସ ପରିବାର ଅଗ୍ରଗାମୀ ବୋଲି କହିଥିଲେ। ସେହିଭଳି ମୁଖ୍ୟବକ୍ତା ଡ. ବେହେରା ବିଜ୍ଞାନର ଉପକାରିତା ବିଷୟରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ବରିଷ୍ଠ ଅଧ୍ୟାପକ ଅରୁଣ କୁମାର ଦାସ ଓ ପ୍ରଦୀପ କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତ ଗଠନର ମାର୍ଗ ପ୍ରଦର୍ଶନ କରିଥିଲେ। ଏହି ଆବାସିକ ପରିବେଶ ଭବିଷ୍ୟତର ସଚେତନ, ସଂସ୍କାରଶୀଳ, ଦାୟିତ୍ୱଶୀଳ ନାଗରିକ ଗଢୁଛି ବୋଲି ନିର୍ଦ୍ଦେଶକ ପଣ୍ଡା କହିଥିଲେ। ବରିଷ୍ଠ ଅଧ୍ୟାପକ କେଶବ ଚନ୍ଦ୍ର ଭୂୟାଁ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ୱରାଜ କୁମାର ପଣ୍ଡା, ସୁଦୀପ୍ତା ମୁଳିଆ,ସଂସ୍କୃତି ମହାନ୍ତି,ଲୋପିତା ପରିଡା,ଜୟଶ୍ରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ବିଭିନ୍ନ ଦାବି ନେଇ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଶୁକ୍ରବାର କଚେରିଗଡ଼ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ହାରିଥିବା ନେତାଙ୍କ ଉପରେ ବର୍ଷିଲେ ପ୍ରଭାତ ବିଶ୍ୱାଳ

କଟକ,୨୬।୧୨(ଶିକ୍ଷା ପ୍ରିୟଦର୍ଶିନୀ)

**ପାଣ୍ଡିଆନ ଦମ୍ପତିଙ୍କୁ ପ୍ରଶଂସାରେ ପୋତିଲେ, ସୁଜାତା ଯିବେ ରାଜ୍ୟ ସଭା**



ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡିଆରେ ଆୟୋଜିତ ବିଜେଡିର ପ୍ରତିଷ୍ଠା ଦିବସ ମଞ୍ଚରେ ବର୍ଷିଲେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ। ପ୍ରଭାତ ହାରିଥିବା ନେତାଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଖୋଲାମଞ୍ଚରେ ହାରିଥିବା କେତେଜଣ ନେତାଙ୍କ ନାଁ ନେଇ ବର୍ଷିଛନ୍ତି ପ୍ରଭାତ। ସେ କହିଛନ୍ତି ଯେ, ଦଳର ସମସ୍ତ କଥାରେ ଏ ହାରିଥିବା ନେତାମାନେ ମୁଣ୍ଡ ପୂରାନ୍ତୁ ନାହିଁ। ବରଂ ଏମାନେ ନିଜ ନିର୍ବାଚନମଣ୍ଡଳୀରେ ଧ୍ୟାନ ଦେବା ଅଧିକ ଜରୁରୀ ରହିଛି। ପ୍ୟାରୀମୋହନଙ୍କ ପରେ ପାଣ୍ଡିଆନଙ୍କ ଦଳ ପ୍ରତି ଯଥେଷ୍ଟ ଅବଦାନ ଅଛି ବୋଲି ସେ କହିଛନ୍ତି। ଏହାସହ ପାଣ୍ଡିଆନ ଦମ୍ପତିଙ୍କୁ ପ୍ରଶଂସା କରି ପ୍ରଭାତ କହିଛନ୍ତି ଯେ, ସୁଜାତା ଯିବେ ରାଜ୍ୟ ସଭା। ପାଣ୍ଡିଆନଙ୍କ ପାଇଁ ୨୦୧୯ରେ ବିଜୁ ଜନତା ଦଳ ସରକାର ଗଢ଼ିଥିଲା। ଲୋକଙ୍କ ସେବା ପାଇଁ ସେ ଆଇଏଏସ୍ ଭଳି ଚାକିରି ଛାଡ଼ିଛନ୍ତି । ତାଙ୍କ ପ୍ରତି ଅବିଚାର ହେଲେ ମୁଁ ବିରୋଧ କରିବି। ସୁଜାତା କାର୍ତ୍ତିକେୟାନଙ୍କ ଯଥେଷ୍ଟ ଅବଦାନ ଅଛି, ତାଙ୍କୁ ରାଜ୍ୟ ସଭା ପଠାଯିବ। ଏହାସହ ହାରିଥିବା ନେତାମାନେ ଆଉ ସେ ସିଟ୍ ଉପରେ ନଜର ନ ପକାନ୍ତୁ ବୋଲି ପ୍ରଭାତ କହିଛନ୍ତି। ଦେବାଶିଷଙ୍କ ବୟାନ ଉପରେ ପ୍ରଭାତ କହିଛନ୍ତି ଯେ, ଦେବାଶିଷ ବାବୁ କହିବା ସମୟରେ ବହୁ କିଛି କଥା କହିଥାନ୍ତି, ହେଲେ ସେ ନିଜେ ଜାଣିପାରନ୍ତି ନାହିଁ ବୋଲି ପ୍ରଭାତ କହିଛନ୍ତି।

# ବିଜୁବାବୁଙ୍କ ଆଦର୍ଶରେ ଆଜିର ଯୁବବର୍ଗ ଅନୁପ୍ରାଣିତ




କଟକ ସାରଳା ଭବନରେ ବାରବାଟୀ-କଟକ ନିର୍ବାଚନୀମଣ୍ଡଳୀ ପକ୍ଷରୁ ବିଜେଡିର ପ୍ରତିଷ୍ଠା ଦିବସରେ ଉପସ୍ଥିତ ନେତୃମଣ୍ଡଳୀ।

କଟକ,୨୬।୧୨(ଶିକ୍ଷା ପ୍ରିୟଦର୍ଶିନୀ)

**ଦଳରେ ଜଣେ ନେତାଙ୍କ ନେତୃତ୍ୱରେ କାମ କରିବାକୁ ସଂକଳ୍ପ ନେବା ଜରୁରୀ: ଦେବାଶିଷ**

କଟକ ସାରଳା ଭବନରେ ବାରବାଟୀ-କଟକ ନିର୍ବାଚନୀମଣ୍ଡଳୀ ପକ୍ଷରୁ ବିଜେଡିର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବିଜେଡି ନେତା ତଥା ସିଏମ୍‌ସି ମେୟର ସୁବାସ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ. ସଂପୃକ୍ତ ମିଶ୍ର, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ଯୋଗଦେଇଥିଲେ। ଡ. ସଂପୃକ୍ତ ମିଶ୍ର କହିଛନ୍ତି, ଦଳର ମୁଖିଆ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତକର୍ମୀ କାମ କରୁଛନ୍ତି। ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶକୁ ନେଇ ଆଜିର ଯୁବବର୍ଗ ଆପଣାଇବା ଜରୁରୀ ବୋଲି ସେ କହିଥିଲେ। ମେୟର ସିଂ କହିଛନ୍ତି, ଓଡ଼ିଶାର ବିକାଶ କ୍ଷେତ୍ରରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବହୁ ବଡ଼ ଭୂମିକା ରହିଛି। ତାଙ୍କ ଆର୍ଦଶରେ ଅନୁପ୍ରାଣିତ ହୋଇ ଶତାଧିକ କର୍ମୀ ଦଳରେ ଯୋଡି ହେଉଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କଟକ ନଗର ସଭାପତି ମଧୁସୂଦନ ସାହୁ, ୱାର୍ଡ ସଭାପତି ବିଶ୍ୱଜିତ ମହାନ୍ତି, ବରିଷ୍ଠ ନେତା ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂ, ପୂର୍ବତନ ମେୟର ଅନିତା ବେହେରା, ପୂର୍ଣ୍ଣିମା ସିଂ, ମହମଦ ସକିଲ, ମିନତୀ ବେହେରା, ରମଜାନ ଖାନ, ବିଜୟ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅସବରରେ ସକାଳେ ବିଜୁ ପଟ୍ଟନାୟକ ଛକସ୍ଥିତ ଆନନ୍ଦ ଭବନରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଦୋଳମୁଣ୍ଡାଇସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଯୋଗଦେଇ କହିଛନ୍ତି, ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କାମ କରିବା ପାଇଁ ଆଜିର ଦିନରେ ଦଳର ସମସ୍ତ ନେତା ଓ କର୍ମୀ ସଂକଳ୍ପ କରିବା ଆବଶ୍ୟକ ବୋଲି ସେ କହିଥିଲେ।

## ଦିଲ୍ଲୀରେ ଆଜି




ଉନ୍ନାଓ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ କୁଲ୍‌ଦୀପ ସିଂ ସେନ୍‌ଗାରଙ୍କୁ ଦିଲ୍ଲୀ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବାରୁ ଏହାର ପ୍ରତିବାଦରେ ହାଇକୋର୍ଟ ଗେଟ୍ ନଂ ୫ ବାହାରେ ବିଭିନ୍ନ ମହିଳା ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି। (ଫଟୋ : ଚମନ ଗୌତମ)

# ଉନ୍ନାଓ ବଳାତ୍କାରୀଙ୍କୁ ଜାମିନ ବିରୋଧରେ ଦିଲ୍ଲୀ ହାଇକୋର୍ଟ ବାହାରେ ବିକ୍ଷୋଭ

ନୂଆଦିଲ୍ଲୀ,୨୬।୧୨(ପି.ଟି.)

ବହୁଚର୍ଚ୍ଚିତ ଉନ୍ନାଓ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ପୂର୍ବତନ ଭାଜପା ବିଧାୟକ କୁଲ୍‌ଦୀପ ସିଂ ସେନ୍‌ଗାରଙ୍କୁ ଦିଲ୍ଲୀ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବାରୁ ଏହାର ପ୍ରତିବାଦରେ ବିଭିନ୍ନ ମହିଳା ସଂଗଠନ ପକ୍ଷରୁ ଶୁକ୍ରବାର ହାଇକୋର୍ଟର ଗେଟ୍ ନଂ ୫ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ପୀଡ଼ିତାଙ୍କ ମାଆ କହିଛନ୍ତି। ବିକ୍ଷୋଭରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସଂଗଠନର ସଦସ୍ୟାମାନଙ୍କ ସମେତ ଆକ୍ଟିଭିଷ୍ଟ ଯୋଗିତା ଭୟାନା ଏବଂ ପୀଡ଼ିତାଙ୍କ ମା' ସାମିଲ ହୋଇଥିଲେ। ବହିଷ୍କୃତ ଭାଜପା ବିଧାୟକ ସେନ୍‌ଗାରଙ୍କ ଜାମିନ୍ ଖାରଜ ପାଇଁ ସେମାନେ ଦାବି କରିଥିଲେ। ପୀଡ଼ିତାଙ୍କ ମା' କହିଛନ୍ତି, ସେ ସମ୍ପୂର୍ଣ୍ଣ ହାଇକୋର୍ଟକୁ ଦୋଷ ଦେଉନାହାନ୍ତି। କେବଳ ୨ ଜଣ ବିଚାରପତିଙ୍କ ନିଷ୍ପତ୍ତି ଆମ ଆସ୍ଥାକୁ ଭାଙ୍ଗିଦେଇଛି। ପୂର୍ବରୁ ବିଚାରପତି ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିଥିଲେ। ଏବେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ଆମ ପରିବାର ପ୍ରତି ଅନ୍ୟାୟ। ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିବେ ବୋଲି ପୀଡ଼ିତାଙ୍କ ମା' କହିଛନ୍ତି। ସେନ୍‌ଗାରଙ୍କ ଆଜୀବନ ଜେଲଦଣ୍ଡ କାଏମ୍ ରଖିବା ପାଇଁ ବିକ୍ଷୋଭକାରୀ ଦାବି କରିଥିଲେ।

## ଜାମିନକୁ ସୁପ୍ରିମକୋର୍ଟରେ ସିବିଆଇର ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୨୬।୧୨

ଉନ୍ନାଓ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ କୁଲ୍‌ଦୀପ ସିଂ ସେନ୍‌ଗାରଙ୍କ ଆଜୀବନ ଜେଲ ଦଣ୍ଡାଦେଶକୁ ଦିଲ୍ଲୀ ହାଇକୋର୍ଟ ସ୍ଥଗିତ ରଖିଥିବାରୁ ଏହାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ସିବିଆଇ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ସ୍ପେଶାଲ ଲିଭ୍ ପିଟିଶନ (ଏସ୍‌ଏଲ୍‌ପି) ଦାଏର ହୋଇଛି। ଦିଲ୍ଲୀ ହାଇକୋର୍ଟଙ୍କ ରାୟର ୩ ଦିନ ପରେ ସିବିଆଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ୨୦୧୭ ଜୁନ୍‌ରେ ଉତ୍ତରପ୍ରଦେଶର ଉନ୍ନାଓରେ ବଳାତ୍କାରର ଶିକାର ହୋଇଥିବା ପୀଡ଼ିତା ମଧ୍ୟ ଦିଲ୍ଲୀ ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି।

## ୧ ଡଲାର=୮୯.୯୦ ଟଙ୍କା

ମୁମ୍ବାଇ,୨୬।୧୨(ପି.ଟି.)

ଆମେରିକା ଡଲାର ତୁଳନାରେ ଟଙ୍କା ମୂଲ୍ୟ ଶୁକ୍ରବାର ୧୯ ପଇସା ହ୍ରାସ ପାଇ ୮୯.୯୦ରେ ପହଞ୍ଚିଛି। ଦେଶର ଷ୍ଟକ୍ ମାର୍କେଟ କାରବାରରେ ନକାରାତ୍ମକ ଧାରା ଏବଂ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଯୋଗୁ ଟଙ୍କା ମୂଲ୍ୟ ହ୍ରାସ ପାଉଛି। ଫରେକ୍ସ ଟ୍ରେଡରଙ୍କ କହିବା ଅନୁଯାୟୀ, ଅଶୋଧିତ ତୈଳ ମୂଲ୍ୟରେ ସୁଧାର, ଆମଦାନିକାରୀଙ୍କଠାରୁ ଡଲାର ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି ଏବଂ ଟ୍ରେଡ୍ ଡିଲ୍‌ରେ ଅନିଶ୍ଚିତତା ନିବେଶକଙ୍କ ମନୋଭାବକୁ ଦୁର୍ବଳ କରିଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ୍‌ରେ ଶୁକ୍ରବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୮୪ରୁ ଆରମ୍ଭ ହୋଇଥିବାବେଳେ ଦିବସ ମଧ୍ୟରେ ସର୍ବନିମ୍ନ ୮୯.୯୪ରେ ପହଞ୍ଚିଥିଲା। ଟ୍ରେଡିଂ ସେସନ୍ ଶେଷରେ ଟଙ୍କା ମୂଲ୍ୟ ୮୯.୯୦ରେ ସ୍ଥିର ରହିଛି, ଯାହାକି ବୁଧବାର ମୂଲ୍ୟଠାରୁ ୧୯ ପଇସା କମ୍। ବୁଧବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୭୧ ଥିଲା। ଗୁରୁବାର କ୍ରିସ୍‌ମାସ ପାଇଁ ଫରେକ୍ସ ଏବଂ ଷ୍ଟକ୍ ମାର୍କେଟ କାରବାର ବନ୍ଦ ରହିଥିଲା।

## ଜାପାନ ଫ୍ୟାକ୍ଟ୍ରିରେ ଆକ୍ରମଣ: ୧୫ ଆହତ

ଟୋକିଓ,୨୬।୧୨

କେନ୍ଦ୍ରୀୟ ଜାପାନର ମିଶିମା ସହରରେ ଥିବା ଏକ ରବର ଫ୍ୟାକ୍ଟ୍ରିରେ ଶୁକ୍ରବାର ଛୁରାମାଡ଼ ଓ ଏକ ତରଳ ପଦାର୍ଥ ସ୍ପ୍ରେ ଯୋଗୁ ୧୫ ଜଣ ଆହତ ହୋଇଛନ୍ତି। ଛୁରାମାଡ଼ରେ ଆହତ ୮ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ତରଳପଦାର୍ଥ ସ୍ପ୍ରେରେ ଆହତ ୭ ଜଣଙ୍କୁ ଚିକିତ୍ସା ପାଇଁ ନିଆଯାଇଛି। ଆକ୍ରମଣରେ ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ତେବେ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ଆକ୍ରମଣର କାରଣ ଜଣାପଡ଼ିନାହିଁ। ସେହିପରି ସ୍ପ୍ରେ କରାଯାଇଥିବା ତରଳ ପଦାର୍ଥ କ'ଣ ତାହା ମଧ୍ୟ ସ୍ପଷ୍ଟ ହୋଇ ନଥିବାବେଳେ ତାହା ବ୍ଲିଚ୍ ପାଇଁ ବ୍ୟବହୃତ ରାସାୟନିକ ପଦାର୍ଥ ବୋଲି ବିଶ୍ୱାସ କରାଯାଉଛି। କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି।

## ମସ୍‌ଜିଦରେ ଆତଙ୍କବାଦୀଙ୍କ ବିସ୍ଫୋରଣ: ୮ ମୃତ

ଡାମାସ୍କସ,୨୬।୧୨

ସିରିଆର ହୋମ୍ସ ସିଟିରେ ଥିବା ଏକ ମସ୍‌ଜିଦରେ ଶୁକ୍ରବାର ବିସ୍ଫୋରଣ ଘଟି ଅନ୍ୟୂନ ୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୮ ଜଣ ଆହତ ହୋଇଛନ୍ତି। ସଂଖ୍ୟାଲଘୁବହୁଳ ଅଲୱିତ୍ ଅଞ୍ଚଳରେ ଥିବା ଇମାମ୍ ଅଲି ବିନ୍ ଅବି ତାଲିବ ମସ୍‌ଜିଦରେ ଏହି ବିସ୍ଫୋରଣ ଘଟିଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସିରିଆ ଗୃହମନ୍ତ୍ରଣାଳୟ ଏହାକୁ ଆତଙ୍କବାଦୀ ଆକ୍ରମଣ କହିଛି। ଶୁକ୍ରବାର ନମାଜପାଠ ବେଳେ ମସ୍‌ଜିଦରେ ଏହି ବିସ୍ଫୋରଣ କରାଯାଇଥିଲା। ବିସ୍ଫୋରଣ ପାଇଁ ଇସ୍‌ଲାମୀୟ ସଂଗଠନ ନିଜକୁ ଦାୟୀ କରିଛି। ଏହି ଆକ୍ରମଣ ପରେ ମସ୍‌ଜିଦକୁ ସୁରକ୍ଷା ବଳ ଘେରିରହିଛନ୍ତି। ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, ମସ୍‌ଜିଦରେ ବିସ୍ଫୋରକ ସାମଗ୍ରୀ ଖଞ୍ଜାଯାଇଥିଲା। ସିରିଆରେ ଅସ୍ଥିରତା ସୃଷ୍ଟି ଲାଗି ଏହା ଏକ ସୁଚିନ୍ତିତ ଯୋଜନା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

# କୋଭିଡ୍ ପରେ ପ୍ରଦୂଷଣ ସବୁଠୁ ବିପଦ

ନୂଆଦିଲ୍ଲୀ,୨୬।୧୨(ପି.ଟି.)

### ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଥିବା ନେଇ ସତର୍କ କରାଇଲେ ବିଶେଷଜ୍ଞ



ଭାରତରେ କୋଭିଡ୍-୧୯ ମହାମାରୀ ବୃହତ୍ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଥିଲା। ଏହା ପରେ ବର୍ତ୍ତମାନ ବାୟୁ ପ୍ରଦୂଷଣ ଜନସ୍ୱାସ୍ଥ୍ୟ ପାଇଁ ସବୁଠୁ ବଡ଼ ବିପଦ ରୂପେ ଉଭା ହୋଇଛି। ଜରୁରୀ ପଦକ୍ଷେପ ନିଆ ନ ଗଲେ ଏହା ପ୍ରତିବର୍ଷ ଆହୁରି ଖରାପ ସ୍ଥିତି ଉପୁଜାଇବ ବୋଲି ବ୍ରିଟେନ୍‌ରେ ଥିବା ଜଣେ ଭାରତୀୟ ବଂଶୋଦ୍ଭବ ଡାକ୍ତର ସତର୍କ କରାଇଛନ୍ତି।

ପ୍ରଦୂଷଣ ବଢ଼ିଚାଲିଥିବାବେଳେ ବାହୁବାହକ ରୋଗଗୁଡ଼ିକର ଉପଯୁକ୍ତ ନିଦାନ ହୋଇପାରୁ ନ ଥିବାରୁ ଚିକିତ୍ସା ମଧ୍ୟ କରାଯାଉନାହିଁ। ଏଥିଯୋଗୁ ଆଗକୁ ଲୋକେ ଶ୍ୱାସ ଓ ହୃତ୍ ସମ୍ପର୍କିତ ନାନା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଦିଲ୍ଲୀରେ ୪୦% ପ୍ରଦୂଷଣ ପରିବହନ କ୍ଷେତ୍ର ଯୋଗୁ ହେଉଥିବା ବିଷୟ ମଙ୍ଗଳବାର କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ସ୍ୱୀକାର କରିଥିଲେ। ଜୀବାଶ୍ମ ଇନ୍ଧନ ବ୍ୟବହାର ଯୋଗୁ ଅଙ୍ଗାରକାମ୍ଳ ବୃଦ୍ଧି ପାଉଛି। ତେଣୁ ଜୈବ ଇନ୍ଧନକୁ ବିକଳ୍ପ ରୂପେ ବ୍ୟବହାର କରାଯିବା ଉପରେ ଗଡ଼କରୀ ଗୁରୁତ୍ୱ ଦେଇଥିଲେ। ପାର୍ଲାମେଣ୍ଟର ସଦ୍ୟ ସମାପ୍ତ ଶୀତ ଅଧିବେଶନ ବେଳେ ସରକାର ସୂଚନା ଦେଇଥିଲେ, ପ୍ରଦୂଷଣ ଯୋଗୁ ଶ୍ୱାସଗତ ରୋଗ ବଢୁଥିବା ନେଇ ସମସ୍ତେ ଅବଗତ। ତେବେ ଉଚ୍ଚ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ତର ଏବଂ ଫୁସ୍‌ଫୁସ୍ ରୋଗର ସମ୍ପର୍କ ଥିବା ନେଇ କୌଣସି ନିଷ୍କର୍ଷ ବାହାରିଥିବା ତଥ୍ୟ ନାହିଁ। ଏନେଇ ଲିଭରପୁଲ୍ ପୁଲମୋନୋଲଜିଷ୍ଟ ତଥା ଭାରତ ସରକାରଙ୍କ କୋଭିଡ୍-୧୯ ପରାମର୍ଶଦାତା କମିଟିର ପୂର୍ବତନ ସଦସ୍ୟ ମନୀଷ ଗୌତମ କହିଛନ୍ତି, ସରକାର ବାୟୁ ପ୍ରଦୂଷଣ ରୋକିବା ଉପରେ ଅଧିକ ଫୋକସ୍ କରିବା ଉଚିତ। ଏହା ଅପ୍ରିୟ ସତ୍ୟ ଯେ, ଉତ୍ତର ଭାରତରେ ବସବାସ କରୁଥିବା ଅନେକ ନିୟୁତ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଲେଣି। ବର୍ତ୍ତମାନ ସରକାର ଯାହାକିଛି ମ୍ୟାନେଜ କରୁଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ। ବାୟୁ ପ୍ରଦୂଷଣଜନିତ ଏକ ବିସ୍ତୃତ ଲୁକ୍କାୟିତ ବୋଝକୁ ବର୍ତ୍ତମାନ ସୁଦ୍ଧା ଠାବ କରାଯାଇପାରି ନାହିଁ। ଅନେକ ବର୍ଷ ଧରି ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସିଲେ ଫୁସ୍‌ଫୁସ୍ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ତେଣୁ ନୀତି ପ୍ରଣେତାମାନେ ଏହାର ଆଗୁଆ ନିଦାନ ଓ ଚିକିତ୍ସା ପାଇଁ 'ଲଙ୍ଗ୍ ହେଲ୍‌ଥ ଟାସ୍କ ଗ୍ରୁପ୍' ପ୍ରତିଷ୍ଠା କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଡିସେମ୍ବରରେ ଦିଲ୍ଲୀ ହସ୍ପିଟାଲଗୁଡ଼ିକରେ ଶ୍ୱାସଜନିତ ରୋଗୀଙ୍କ ସଂଖ୍ୟା ୨୦ରୁ ୩୦% ପର୍ଯ୍ୟନ୍ତ ବଢୁଛି। ସେହି ରୋଗୀଙ୍କ ମଧ୍ୟରେ ଅନେକ ଛୋଟପିଲା ଓ ପ୍ରଥମ ଥର ସଂକ୍ରମିତ ବ୍ୟକ୍ତି ରହିଛନ୍ତି।

### ଏୟାର ପ୍ୟୁରିଫାୟର ଉପରେ ଜିଏସ୍‌ଟି ହ୍ରାସ ପାଇଁ ହାଇକୋର୍ଟଙ୍କ ପରାମର୍ଶ

ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ଗୁଣବତ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଥିବାବେଳେ ସାଧାରଣ ଲୋକେ ଯେପରି ଉଚିତ ମୂଲ୍ୟରେ ଏୟାର ପ୍ୟୁରିଫାୟର କିଣିପାରିବେ ତା' ଉପରେ ଦିଲ୍ଲୀ ହାଇକୋର୍ଟ ଜୋର୍ ଦେଇଛନ୍ତି। ବାୟୁ ବିଶୋଧକ ଉପରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ହ୍ରାସ କରିବା ପାଇଁ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ସରକାର ଏହାକୁ ବିରୋଧ କରିଥିବା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ଓକିଲ ଅତିରିକ୍ତ ସଲିସିଟର ଜେନେରାଲ ଏନ୍. ଭେଙ୍କଟରମଣ ହାଇକୋର୍ଟରେ ଯୁକ୍ତି ବାଢ଼ିଛନ୍ତି, ଜିଏସ୍‌ଟି କାଉନ୍‌ସିଲ ଏକ ବୈଧାନିକ ସଂସ୍ଥା, ଯାହାକି ସାରା ଦେଶର ୩୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନିଷ୍ପତ୍ତି ନେଇଥାଏ। କେବଳ ଦିଲ୍ଲୀ ପାଇଁ ଏକତରଫା ନେବା ଅନୁଚିତ ହେବ। ତେବେ ଦିଲ୍ଲୀରେ ଏୟାର ପ୍ୟୁରିଫାୟର ଜିଏସ୍‌ଟି ହ୍ରାସ କରିବାକୁ ହେଲେ କାଉନ୍‌ସିଲରେ ଭୋଟିଂ କରାଇବାକୁ ପଡ଼ିବ। ତେଣୁ ସରକାର ଏହା ଉପରେ ଜବାବୀ ସତ୍ୟପାଠ କରିବେ ବୋଲି ଭେଙ୍କଟରମଣ କହିଛନ୍ତି। ଜଷ୍ଟିସ୍ ବିକାଶ ମହାଜନ ଓ ବିନୋଦ କୁମାରଙ୍କ ଅବକାଶକାଳୀନ ଖଣ୍ଡପୀଠ ଏଥିଲାଗି କେନ୍ଦ୍ରକୁ ୧୦ ଦିନ ସମୟ ଦେଇଛନ୍ତି। ଜାନୁଆରୀ ୯ରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ହେବ।

## ଟରଣ୍ଟୋ ୟୁନିଭର୍ସିଟି କ୍ୟାମ୍ପସ୍ ନିକଟରେ ଭାରତୀୟ ଛାତ୍ରଙ୍କୁ ହତ୍ୟା



ଶିବାଙ୍କ ଅଓ୍ୱସ୍ଥି

ଟରଣ୍ଟୋ,୨୬।୧୨

କାନାଡାର ୟୁନିଭର୍ସିଟି ଅଫ ଟରଣ୍ଟୋର ସ୍କାରବୋରୋ କ୍ୟାମ୍ପସ୍ ନିକଟରେ ଜଣେ ୨୦ ବର୍ଷୀୟ ଭାରତୀୟ ଡାକ୍ତରୀ ଛାତ୍ରଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ କାନାଡା ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ ଛାତ୍ରଙ୍କ ନାମ ଶିବାଙ୍କ ଅଓ୍ୱସ୍ଥି ବୋଲି ଜଣାପଡ଼ିଛି। ପୋଲିସ ପହଞ୍ଚିବା ପୂର୍ବରୁ ହତ୍ୟାକାରୀ ଖସି ପଳାଇଥିଲେ। ଡାକ୍ତରୀ ଛାତ୍ର ହତ୍ୟା ଘଟଣାରେ ଟରଣ୍ଟୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ଗଭୀର ଦୁଃଖପ୍ରକାଶ କରିଛି। ଦୂତାବାସ ଅଧିକାରୀମାନେ ମୃତକଙ୍କ ପରିବାର ସହ ଯୋଗାଯୋଗ କରି ସମସ୍ତ ଆବଶ୍ୟକ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

## ଭାଜପା ନେତା ଭି.ଭି. ରାଜେଶ ଥିରୁଭାନନ୍ତପୁରମ୍ ମେୟର

କୋଚି,୨୬।୧୨



ଭି.ଭି. ରାଜେଶ

ବରିଷ୍ଠ ଭାଜପା ନେତା ଭି.ଭି. ରାଜେଶ ଥିରୁଭାନନ୍ତପୁରମ୍ ମହାନଗର ନିଗମ ମେୟର ନିର୍ବାଚିତ ହୋଇଛନ୍ତି। ଏହି ମହାନଗର ନିଗମକୁ ବାମ ଗଣତାନ୍ତ୍ରିକ ମେଣ୍ଟ (ଏଲ୍‌ଡିଏଫ୍) ୪୯ ବର୍ଷ ଧରି ଶାସନ କରିଆସୁଥିବାବେଳେ ତାହାର ଅନ୍ତ ଘଟିଛି। ରାଜେଶ ଭାଜପାରୁ ପ୍ରଥମ ମେୟର ନିର୍ବାଚିତ ହୋଇଛନ୍ତି। ଶପଥଗ୍ରହଣ ଉତ୍ସବରେ ଅନେକ ହଜାର ଭାଜପା କର୍ମୀ ସାମିଲ ହୋଇଥିଲେ। ନିକଟରେ ଅନୁଷ୍ଠିତ ଥିରୁଭାନନ୍ତପୁରମ୍ ମହାନଗର ନିଗମ ନିର୍ବାଚନରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ୧୦୧ ଆସନରୁ ୫୦ ଆସନରେ ଜିତିଥିଲା। ଏଲ୍‌ଡିଏଫ୍ ଏବଂ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଯଥାକ୍ରମେ ୨୯ ଓ ୧୯ ଆସନରେ ବିଜୟୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ଭିଝିଞ୍ଜାମ୍ ଆସନରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା।

## ତ୍ରିଶା ମୁଖାର୍ଜୀଙ୍କୁ ରୁପେର୍ଟ କର୍ନୱେଲ୍ ପୁରସ୍କାର

ନ୍ୟୁୟର୍କ,୨୬।୧୨



ନ୍ୟୁୟର୍କର ଫ୍ରିଲାନ୍ସ ଜର୍ନାଲିଷ୍ଟ ତ୍ରିଶା ମୁଖାର୍ଜୀଙ୍କୁ ଚଳିତ ବର୍ଷ ୫ମ ରୁପେର୍ଟ କର୍ନୱେଲ୍ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଯୁବ ଖବରଦାତାମାନଙ୍କୁ ସେମାନଙ୍କ କ୍ୟାରିୟର ଆରମ୍ଭରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଆମେରିକା-ମେକ୍ସିକୋ ସୀମାକୁ ନେଇ ଅନେକ ପ୍ରସ୍ତାବିତ ନିବନ୍ଧ ସହ ତ୍ରିଶା ଅସାଧାରଣ ମେଧାବୀ ଆବେଦନକାରୀମାନଙ୍କୁ ପଛରେ ପକାଇଦେଇଥିଲେ। ଖ୍ୟାତନାମା ବିଦେଶୀ ସାମ୍ବାଦିକ ତଥା ଲେଖକ ରୁପେର୍ଟ କର୍ନୱେଲଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରତିଷ୍ଠା କରାଯାଇଛି। ୨୦୧୭ରେ ରୁପେର୍ଟଙ୍କ ପରଲୋକ ହୋଇଥିଲା। ସେ ତାଙ୍କ ଖବରଦାତା ଜୀବନର ଅଧିକାଂଶ ସମୟ ଉତ୍ତର ଆମେରିକା, ୟୁରୋପ ଏବଂ ସୋଭିଏତ୍ ୟୁନିୟନର ଖବର ପ୍ରକାଶନରେ ବିତାଇଥିଲେ। ସେଥିମଧ୍ୟରୁ ଯେକୌଣସି ସମସ୍ୟାର ସମାଧାନ ଦିଗରେ ସାମ୍ବାଦିକ ଦିଗ୍‌ଦର୍ଶନକୁ ପ୍ରୋତ୍ସାହନ କରିବା ପାଇଁ ପାଣ୍ଠି ଯୋଗାଣ ହେଉଛି ଏହି ପୁରସ୍କାରର ଲକ୍ଷ୍ୟ। ୫,୦୦୦ ପାଉଣ୍ଡ ମୂଲ୍ୟର ଏହି ପୁରସ୍କାର ପାଇଁ ଦି ଇଣ୍ଡିପେଣ୍ଡେଣ୍ଟ ସହାୟତା କରୁଥିବାବେଳେ ରୁପେର୍ଟ କର୍ନୱେଲ ଟ୍ରଷ୍ଟ ଏହାକୁ ପ୍ରଦାନ କରିଥାଏ। ଚଳିତ ବର୍ଷର ରୁପେର୍ଟ କର୍ନୱେଲ ପୁରସ୍କାର ପାଇବା ମୋ ପାଇଁ ପ୍ରକୃତ ସମ୍ମାନ ବୋଲି ତ୍ରିଶା କହିବା ସହ କର୍ନୱେଲଙ୍କ ଦୃଢ଼ ଓ ତୀକ୍ଷ୍ଣ ସାମ୍ବାଦିକତାରେ ଅନୁପ୍ରାଣିତ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

## ବାଂଲାଦେଶରେ ହିନ୍ଦୁଙ୍କୁ ହତ୍ୟା: ନିନ୍ଦାକଲା ଭାରତ

ନୂଆଦିଲ୍ଲୀ,୨୬।୧୨

ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ହିଂସାକାଣ୍ଡ ବଢ଼ିଥିବାରୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର ଏହାର ନିନ୍ଦା କରିଛି। ଏହାକୁ ଗଣମାଧ୍ୟମର ଅତିଶୟୋକ୍ତି କିମ୍ବା ରାଜନୈତିକ ହିଂସା କହି ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ମନ୍ତ୍ରଣାଳୟ ଚେତାବନୀ ଦେଇଛି। ବାଂଲାଦେଶରେ ଇତିମଧ୍ୟରେ ୨ ଜଣ ହିନ୍ଦୁଙ୍କୁ ପିଟି ହତ୍ୟା କରାଗଲାଣି। ଏନେଇ ଆମେ ବାଂଲାଦେଶର ମିଛ ବର୍ଣ୍ଣନାକୁ ପ୍ରତ୍ୟାଖ୍ୟାନ କରି ମନ୍ତବ୍ୟ ଜାରି କରିଥିଲୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

ଗତ ୧୮ ତାରିଖରେ ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ବୁଧବାର ରାତିରେ ଅମ୍ରିତ୍ ମଣ୍ଡଳ ନାମକ ଅନ୍ୟ ଜଣେ ହିନ୍ଦୁଙ୍କୁ ପିଟି ମାରିଦିଆଯାଇଛି। ହିନ୍ଦୁଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଆଇନର କାଠଗଡ଼ାକୁ ଅଣାଯାଉ ବୋଲି ଜୟସ୍ୱାଲ ଦାବି କରିଛନ୍ତି। ଅନ୍ତରୀଣ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ସଂଖ୍ୟାଲଘୁଙ୍କୁ ହତ୍ୟା, ଗୃହଦାହ ଏବଂ ଜମି ଦଖଲ ଆଦି ୨,୯୦୦ ହିଂସା ଘଟଣା ଘଟିଲାଣି। ଏଗୁଡ଼ିକୁ ଗଣମାଧ୍ୟମର ଅତ୍ୟଧିକ ବର୍ଣ୍ଣନା କିମ୍ବା ରାଜନୈତିକ ହିଂସା କହି ଏଡାଇ ଦିଆଯାଇ ନ ପାରେ ବୋଲି ବହିର୍ବ୍ୟାପାର ମୁଖପାତ୍ର କହିଛନ୍ତି।

### ବାଂଲା ଉପଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଆଗରେ ହିନ୍ଦୁଙ୍କ ରାଲି

କୋଲକାତା,୨୬।୧୨(ପି.ଟି.)

ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଆକ୍ରମଣ ବିରୋଧରେ ହିନ୍ଦୁ ସଂହତି ସଂଗଠନର କର୍ମୀମାନେ କୋଲକାତାସ୍ଥିତ ବାଂଲାଦେଶ ଉପଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ବାହାରେ ଶୁକ୍ରବାର ବିକ୍ଷୋଭ ରାଲି କରିବା ସହ ୬ ସୂତ୍ରୀ ଦାବିପତ୍ର ଦେଇଛନ୍ତି। ସଂଗଠନର ୩ ଜଣ ପ୍ରତିନିଧି କୂଟନୈତିକ ମିଶନର ଜଣେ ବରିଷ୍ଠ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୧୮ ତାରଖରେ ମେମେନ୍‌ସିଂରେ ଦୀପୁଚନ୍ଦ୍ର ଦାସଙ୍କୁ ହତ୍ୟା ଘଟଣାରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ଦାବି କରାଯିବା ସହ ସଂଖ୍ୟାଲଘୁ ଓ ସେମାନଙ୍କ ଧର୍ମୀୟ ଅନୁଷ୍ଠାନଗୁଡ଼ିକର ସୁରକ୍ଷା ପାଇଁ ଦାବି ଉକ୍ତ ସ୍ମାରକପତ୍ରରେ ରହିଛି। ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ବିରୋଧରେ ଗୁଜବ ପ୍ରଚାର ବନ୍ଦ କରାଯିବାକୁ ମଧ୍ୟ ହିନ୍ଦୁ ସଂହତି ସଂଗଠନ ଦାବି କରିଛି।

## ଧୁରନ୍ଧର @ ୧,୦୦୦ କୋଟି

### ବକ୍ସ ଅଫିସରେ ଧୂଆଁଧାର କଲେକ୍ସନ

ନୂଆଦିଲ୍ଲୀ/ ମୁମ୍ବାଇ, ୨୬।୧୨




ପ୍ରଯୋଜକ ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ସଦ୍ୟ ସିନେମା 'ଧୁରନ୍ଧର' ବିଶ୍ୱବ୍ୟାପୀ ଧମାଲ ମଚାଇ ବକ୍ସ ଅଫିସ ଆୟ ୧,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ରଣବୀର ସିଂ, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜ୍ଜୁନ ରାମପାଲ, ସାରା ଅର୍ଜୁନ, ଆର୍. ମାଧବନ୍ ଓ ରାକେଶ ବେଦୀ ଅଭିନୀତ ଏହି ଫିଲ୍ମକୁ ଆଦିତ୍ୟ ଓ ତାଙ୍କ ଭାଇ ଲୋକେଶ ଧର ନିର୍ମାଣ କରିଛନ୍ତି। ଏହା ସେମାନଙ୍କ ବି୬୨ ଷ୍ଟୁଡିଓ ବ୍ୟାନରରେ ନିର୍ମିତ ହୋଇଥିବାବେଳେ ସହପ୍ରଯୋଜକ ଅଛନ୍ତି ଜିଓ ଷ୍ଟୁଡିଓଜ୍‌ର ଜ୍ୟୋତି ଦେଶପାଣ୍ଡେ। ନିର୍ମାତାମାନେ ଶୁକ୍ରବାର ଇନ୍‌ଷ୍ଟାଗ୍ରାମ୍‌ରେ ବକ୍ସ ଅଫିସ କଲେକ୍ସନ ସମ୍ପର୍କରେ ଶେୟାର କରିଛନ୍ତି। ୧,୦୦୦ କୋଟି କ୍ଲବ୍‌ରେ ପ୍ରବେଶ କରିବା ଗର୍ବର ବିଷୟ ବୋଲି କ୍ୟାପ୍‌ସନ୍‌ରେ ଲେଖିଛନ୍ତି। ଡୋମେଷ୍ଟିକ୍ ବକ୍ସ ଅଫିସରେ ଧୁରନ୍ଧର ୭୮୯.୮ କୋଟି ଆୟ କରିଥିବାବେଳେ ସାରା ବିଶ୍ୱରେ କଲେକ୍ସନ ୧,୦୦୬.୭ କୋଟି ରହିଛି। ପାକିସ୍ତାନର କରାଚୀରେ ଆପରାଧିକ ନେଟ୍‌ୱର୍କକୁ ନେଇ ଏହି ଫିଲ୍ମର କାହାଣୀ ଗତିଶୀଳ ହୋଇଛି। ଡିସେମ୍ବର ୫ରେ ଥିଏଟରରେ ମୁକ୍ତିଲାଭ କରିଥିବା ଧୁରନ୍ଧର ନିର୍ମାତା ଏହାର ଦ୍ୱିତୀୟ ଭାଗ ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରିଛନ୍ତି। ଧୁରନ୍ଧର ପାର୍ଟ-୨ ମାର୍ଚ୍ଚ ୧୯ରେ ମୁକ୍ତିଲାଭ କରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଧାନସଭାରେ ସଞ୍ଚିତା ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୨୬।୧୨ (ରବିନାରାୟଣ ଜେନା)

ବିଧାନସଭା ପରିସରରେ ଶୁକ୍ରବାର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ପୋଲିସ ବାହିନୀ ପକ୍ଷରୁ ସଞ୍ଚିତାଙ୍କ ଉଦ୍ଦେଶ୍ୟରେ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ଅମରେନ୍ଦ୍ର ଦାସ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଧାନସଭାର କର୍ମଚାରୀମାନେ ତାଙ୍କର ଶେଷଦର୍ଶନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ବାଚସ୍ପତି କହିଛନ୍ତି, ଓଡ଼ିଶାରେ ଭାରତୀୟ ଜନତା ପାର୍ଟିକୁ ଲୋକପ୍ରିୟ କରିବା ଦିଗରେ ସଞ୍ଚିତା ମହାନ୍ତିଙ୍କର ବିଶେଷ ଅବଦାନ ଥିଲା। ବିଧାୟକ ଭାବେ ନିର୍ବାଚନମଣ୍ଡଳୀର ଜନତାଙ୍କ କଲ୍ୟାଣ ତଥା ରାଜ୍ୟର ପ୍ରଗତି ନିମନ୍ତେ ତାଙ୍କର ପ୍ରୟାସ ତାଙ୍କୁ ରାଜ୍ୟର ଜଣେ ଆଗଧାଡ଼ିର ନେତାର ମାନ୍ୟତା ଦେଇଥିଲା। ତାଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ବାଚସ୍ପତି ଅମର ଆତ୍ମାର ସଦ୍‌ଗତିକାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତିସମବେଦନା ଜ୍ଞାପନ କରିଛନ୍ତି।



କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ପରଲୋକ ପରେ ତାଙ୍କ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ଶେଷଦର୍ଶନ କରୁଛନ୍ତି।

# ଓଟିଇଟି ଆନ୍ସର କି' ୱେବ୍‌ସାଇଟ୍‌ରେ

କଟକ,୨୬।୧୨(କାର୍ତ୍ତିକ ସାହୁ)

ଡିସେମ୍ବର ୧୭ରେ ଅନୁଷ୍ଠିତ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପରୀକ୍ଷାର ପ୍ରୋଭିଜନାଲ ଆନ୍ସର କି' ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାର୍ଥୀମାନେ ଆନ୍ସର କି'କୁ ଚ୍ୟାଲେଞ୍ଜ କରିପାରିବେ। କୌଣସି ଆନ୍ସର କି' ଚ୍ୟାଲେଞ୍ଜ କରିବା ପାଇଁ ୫୦୦ ଟଙ୍କା ଦେୟ ଦେବାକୁ ପଡ଼ିବ। ଏଥିପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ଚ୍ୟାଲେଞ୍ଜ ସପକ୍ଷରେ ଅପଲୋଡ୍ କରିବାକୁ ହେବ। ତାହା ବୋର୍ଡର ପ୍ରଶ୍ନ ଆନାଲିସିସ୍ କମିଟି ଦ୍ୱାରା ଯାଞ୍ଚ ହେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ତେବେ ସମ୍ପୃକ୍ତ କମିଟିର ନିଷ୍ପତ୍ତି ପରେ ଚୂଡ଼ାନ୍ତ ଆନ୍ସର କି' ପ୍ରକାଶ ପାଇବ। ଉକ୍ତ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ଗ୍ରହଣୀୟ। ବୋର୍ଡ ୱେବ୍‌ସାଇଟ୍‌ରେ ଆସନ୍ତା ୨୯ ତାରିଖ ପୂର୍ବାହ୍ନ ୧୧ଟାରୁ ଜାନୁୟାରୀ ୪ ମଧ୍ୟରାତ୍ରି ଯାଏ ୨୪ ଘଣ୍ଟିଆ ଉପଲବ୍ଧ ରହିବ। ଏଥିପାଇଁ କେବଳ ଅନ୍‌ଲାଇନ ଜରିଆରେ ଆବେଦନ କରିପାରିବେ। ଏହା ବାଦ୍ ଇମେଲ, ପୋଷ୍ଟାଲ ଅଥବା ବ୍ୟକ୍ତିଗତ ଭାବେ ଆବେଦନ ଗ୍ରହଣୀୟ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ଭାଜପା ପକ୍ଷରୁ 'ବୀର ବାଲ୍' ଦିବସ ପାଳିତ

ଭୁବନେଶ୍ୱର, ୨୬।୧୨(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ 'ବୀର ବାଲ୍ ଦିବସ' ଶୁକ୍ରବାର ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଷ୍ଟ୍ର ଧର୍ମର ସୁରକ୍ଷା ପାଇଁ ଶହୀଦ ହୋଇଥିବା ମହାପୁରୁଷଙ୍କ ସମ୍ପର୍କରେ ଆଲୋକପାତ କରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ 'ବୀର୍ ବାଲ୍' ଦିବସକୁ ପ୍ରତି ସ୍କୁଲ ଓ କଲେଜରେ ପାଳନ କରାଯାଉଛି। ବୀରତ୍ୱ ଓ ସାହସର କୌଣସି ବୟସ ନ ଥାଏ। କଠିନ ପରିସ୍ଥିତିରେ ଅନ୍ୟାୟର ସମ୍ମୁଖୀନ ହେଲେ ବି ସାହେବଜାଦା ବାବା ଜୋରାବର ସିଂ ଓ ବାବା ଫତେହ ସିଂ ନିଜ ଧର୍ମ ଏବଂ ତ୍ୟାଗର ମୂଲ୍ୟବୋଧକୁ ସେମାନେ ନ ଛାଡ଼ି ସର୍ବୋଚ୍ଚ ବଳିଦାନ ଦେଇଥିଲେ। ଓଡ଼ିଶାର ଇତିହାସରେ ଅନେକ ବୀର ବାଳକଙ୍କ ଉଦାହରଣ ରହିଛି ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଗୁରୁଦ୍ୱାରା ସିଂହ ସଭାର ସମ୍ପାଦକ ଜିତେନ୍ଦର ସିଂହ କହିଛନ୍ତି, ଏହି ଦିନଟି କେବଳ ଏକ ତାରିଖ ନୁହେଁ ବରଂ ଏହା ହେଉଛି ବିଳାସମୟ ଜୀବନଯାପନକୁ ପରିତ୍ୟାଗ କରି ସତ୍ୟ, ବୀରତ୍ୱ, ସାହସ ପ୍ରଦର୍ଶନ କରିଥିବା ୨ ବାଳକଙ୍କୁ ଶତ ଶତ ପ୍ରଣାମ ଜଣାଇବାର ଦିବସ। ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ କହିଛନ୍ତି, ଶିଖ୍ ସମାଜରୁ ସମର୍ପଣ, ସେବା, ତ୍ୟାଗ କିପରି କରିବା ତାହା ଜାଣିବା ଦରକାର। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଦେଶ ତଥା ରାଜ୍ୟର ସମସ୍ତ ଛାତ୍ରୀଛାତ୍ର ସାହେବ୍‌ଜାଦାଙ୍କ ସମ୍ପର୍କରେ ଜାଣିବା ନିହାତି ଜରୁରୀ। ବର୍ତ୍ତମାନ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ବାଲ୍ ବୀର୍ ଜୋରାବର ସିଂହ ଓ ଫତେହ ସିଂହଙ୍କ ବଳିଦାନ ସମ୍ପର୍କରେ ଚର୍ଚ୍ଚା ଓ ଆଲୋଚନା ହୋଇଥିଲା ବୋଲି ସେ କହିଛନ୍ତି।

# ସାଙ୍ଗଠନିକ କାର୍ଯ୍ୟରେ କର୍ମଠ ନେତ୍ରୀ ଥିଲେ ସଞ୍ଚିତା: ମନମୋହନ

ଭୁବନେଶ୍ୱର, ୨୬।୧୨(ସୁନିତ୍ ମିଶ୍ର)

**ଦଳୀୟ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ବହୁ ମନ୍ତ୍ରୀ, ନେତା**

ବରିଷ୍ଠ ନେତ୍ରୀ ତଥା କୋରେଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ସ୍ୱର୍ଗତା ମହାନ୍ତି ଭାଜପାର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଥିଲେ। ସେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ କୋରେଇ ନିର୍ବାଚନମଣ୍ଡଳୀର ବିଧାୟିକା ଭାବେ କାର୍ଯ୍ୟ କରିଥିଲେ। ସେ କେବଳ ଜଣେ ଦକ୍ଷ ରାଜନେତ୍ରୀ ନୁହନ୍ତି, ବରଂ ଜନସେବା ଓ ସାଙ୍ଗଠନିକ କାର୍ଯ୍ୟରେ ଜଣେ କର୍ମଠ ନେତ୍ରୀ ଥିଲେ। କୋରେଇ ଅଞ୍ଚଳର ବିକାଶ ଏବଂ ଜନକଲ୍ୟାଣ ପାଇଁ ନିରନ୍ତର ପରିଶ୍ରମ କରି ସାଧାରଣ ଜନତାଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଅଧିକାର କରିଥିଲେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶୋକବ୍ୟକ୍ତ କରିଛନ୍ତି। ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଦଳର କାୟା ବିସ୍ତାରରେ ସ୍ୱର୍ଗତା ମହାନ୍ତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଶେଷସମୟ ପର୍ଯ୍ୟନ୍ତ ସେ ଦଳ ପାଇଁ କାର୍ଯ୍ୟ କରିଥିଲେ ବୋଲି ସମୀର କହିଛନ୍ତି। ସ୍ୱର୍ଗତା ମହାନ୍ତିଙ୍କ ପାର୍ଥିବ ଶରୀର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ସମୀର ମହାନ୍ତି ଓ ରାଜ୍ୟ ଉପସଭାପତି ଯତିନ ମହାନ୍ତି ଦଳୀୟ ପତାକା ପ୍ରଦାନକରି ଶେଷସମ୍ମାନ ଜଣାଇବା ସହ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ବଳଦେବଜୀଉଙ୍କ ଭୋଗରେ ଗୁଟ୍‌ଖା ଜରି

କେନ୍ଦୁଝର,୨୬।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)



ଟାଟଭୋଗ ଭିତରେ ଥିବା ଗୁଟ୍‌ଖା ଜରି।

କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ଭୋଗରେ ଗୁଟ୍‌ଖା ଜରି ବାହାରିଛି। ଏ ନେଇ ଏକ ଭିଡ଼ିଓ ଭାଇରାଲ ହେବା ପରେ ଚର୍ଚ୍ଚା ଜୋର ଧରିଥିଲା। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ବଦନାମ କରିବାକୁ ଏକ ଚକ୍ରାନ୍ତ ବୋଲି ମନ୍ଦିର ପକ୍ଷରୁ କୁହାଯାଉଛି। ଗୁରୁବାର ଏହି ଭିଡିଓ ଭାଇରାଲ ହୋଇଥିଲା। ଟାଟଭୋଗ ଭିତରେ ଗୁଟ୍‌ଖା ଜରିଥିବା ଭିଡିଓରେ ଦେଖିବାକୁ ମିଳିଥିଲା। ପରେ ଦେବୋତ୍ତର ବିଭାଗ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଛି। ତେବେ ଘଟଣା ଯାହା ହେଉନା କାହିଁକି ଭୋଗରୁ ଗୁଟ୍‌ଖା ଜରି ବାହାରିବା ଘଟଣା ଭକ୍ତଙ୍କୁ ଦୁଃଖିତ କରିଛି। କେହି ଚକ୍ରାନ୍ତ କରି ଏଭଳି କରିଛି। ଏ ନେଇ ଦେବୋତ୍ତର ଅଧିକାରୀଙ୍କୁ ଜଣାଇଦେଇଛୁ ବୋଲି ମନ୍ଦିର ଦାୟିତ୍ୱରେ ଥିବା ପଞ୍ଚାନନ ସାହୁ କହିଛନ୍ତି। ଅନ୍ୟପକ୍ଷରେ ତଦନ୍ତ କରୁଥିବା ଆସିଷ୍ଟାଣ୍ଟ କଲେକ୍ଟର ପ୍ରକାଶ ସେଠୀ କହିଛନ୍ତି, ମନ୍ଦିରର କର୍ମଚାରୀଙ୍କ ମତାମତ ନେବା ସହ ଘଟଣାର ତଦନ୍ତ କରିଛନ୍ତି। ଏହି ଭିଡିଓ କେବେର ଜଣାପଡୁନାହିଁ। ସିଧାସଳଖ ଅଭିଯୋଗ ଆସିଥିଲେ ଜଣାପଡ଼ିଥାନ୍ତା। ଏ ନେଇ ଅଧିକ ଯତ୍ନବାନ ହେବାକୁ କୁହାଯାଇଛି।

# ଯାତ୍ରାପାର୍ଟି ଖଳନାୟକଙ୍କ ଅକାଳ ବିୟୋଗ

ନୂଆପଡ଼ା/ସିନାପାଲି,୨୬।୧୨
(ମକାରୁ ବେମାଲ/ମନଫୁଲ ମେହେର)



ନରେନ୍ଦ୍ର ଦାସ।

ଅଷ୍ଟଶମ୍ଭୁ ଗଣନାଟ୍ୟରେ ଖଳନାୟକ ଚରିତ୍ରରେ ଅଭିନୟ କରୁଥିବା ଜଣେ କଳାକାରଙ୍କ ଶୁକ୍ରବାର ଅକାଳ ବିୟୋଗ ଘଟିଛି। ମୃତକ ହେଲେ ଜଗତସିଂହପୁର ଜିଲା କାଦୁଆପଡ଼ା ଗାଁର ନରେନ୍ଦ୍ର ଦାସ (୫୩)। ପ୍ରାପ୍ତ ସୂଚନା ଅନୁସାରେ, ଛତିଶଗଡ ସୀମାନ୍ତ ନୂଆପଡ଼ା ସିନାପାଲି ଥାନା କେନ୍ଦୁମୁଣ୍ଡା ଗାଁରେ ଅଷ୍ଟଶମ୍ଭୁ ଗଣନାଟ୍ୟ ପକ୍ଷରୁ ଅପେରା ଅନୁଷ୍ଠିତ ହୋଇଆସୁଛି। ଏପରିସ୍ଥଳେ ଶୁକ୍ରବାର ସକାଳେ ହଠାତ୍ ନରେନ୍ଦ୍ରଙ୍କ ଦେହ ଅସୁସ୍ଥ ହୋଇପଡିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସିନାପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ପୋଲିସ ଅଧିକାରୀ ରମେଶ ବାଗ ପ୍ରକାଶ କରିଛନ୍ତି। ଏ ନେଇ ସିନାପାଲି ଥାନାରେ ଏକ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ସମ୍ପର୍କୀୟ ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ପ୍ରକାଶ ଯେ, ନରେନ୍ଦ୍ର ଅଷ୍ଟଶମ୍ଭୁ ଗଣନାଟ୍ୟରେ ମୁଖ୍ୟ ଖଳନାୟକ ଭାବେ ଅଭିନୟ କରୁଥିଲେ। ଏହାସହ ସେ ତୁଳସୀ, ପାର୍ବତୀ ଆଦି ଅପେରା ପାର୍ଟିରେ ଅଭିନୟ କରିଛନ୍ତି। ତାଙ୍କ ବିୟୋଗରେ ଅଷ୍ଟଶମ୍ଭୁ ତଥା ବିଭିନ୍ନ ଯାତ୍ରା ପାର୍ଟି କଳାକାରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।


# Classified Everyday
0674-2580101, 9692975378



**REAL ESTATE**
**SALE**

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟ 200ଫୁଟ ରାସ୍ତାପାଖରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2958

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273 D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888



**FOR RENT**

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777



**Healthcare**

All types of physiotherapy with massage, Contact number 9556924059/ 7656969134. D-2766


## AFFIDAVIT

ROJALINI PANDIA, W/o.- GANESH KUMAR PANDIA, At- Mendhasala, P.O.- Mendhasala, P.S.- Chandaka, Bhubaneswar, Dist.- Khordha, PIN- 752054, Odisha, I do declare by this affidavit No.- 77AA 666563 dated on 28.11.2025 Rojalini Pandia and Rojalin Pandia same and one person. I shall be known as Rojalini Pandia for all purposes. D-2953

By virtue of an affidavit sworn before Notary Public, Rayagada, dated- 23.12.2025, I, Mousami Pattnaik, Address- Brahmin Street, Near DWO Office, Rayagada, P.S./Tahsil/ District- Rayagada, PIN- 765001 declare that I have changed my name from Masumi Patnayak to Mousami Pattnaik. Henceforth, I shall be known as new name Mousami Pattnaik for all purpose.
Mousami Pattnaik
D-2955

By virtue of an affidavit sworn before (Executive Magistrate), RAYAGADA, dated- 20.12.2025, I, RITA BIDIKA, Address: AT- JAGANNATHPUR, P.O.- PITAMAHAL, P.S.- SESHKAL, DIST.- RAYAGADA, ODISHA- 765002 declare that I have changed the name of my daughter from PRACHI JAKAKA to RESHMA JAKAKA. Henceforth, she shall be known as RESHMA JAKAKA for all purposes.
Rita Bidika
D-2954

By virtue of an affidavit sworn before the Executive Magistrate, Belpada, No. 786, Dtd.- 11.08.25, I, Pabitra Meher, R/o. At/P.O.- Kapani, P.S.- Belpada, Dist.- Balangir, Odisha, PIN- 767026 declare that I have changed the name of my son from Bhutesh Meher to Sanjit Meher. Henceforth, he shall be known as Sanjit Meher for all purposes.
Pabitra Meher
D-2956

I, Anup Agrawal, S/o.- Gobind Ram Agrawal, resident of Balika School Pada, Ward No.8, P.O./P.S.- Khariar, Dist.- Nuapada, PIN- 766107, Odisha declare by this Affidavit No.7547, Dtd.- 10.11.2025 that now onwards I shall be known as Anup Kumar Agrawal for all future purposes. D-2957


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ବିଷ୍ଣୁପ୍ରିୟା ସିଂହ
ଶାସନ ପଡିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୭।୦୪।୧୯୫୨
ତିରୋଧାନ: ୨୯।୧୨।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ
ଧ-୨୯୫୧

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



ଂମୃତ୍ୟୁଞ୍ଜୟ ପାଢୀ (ବାବାଜୀ)
ମାଟିମଣ୍ଡପ ସାହି, ପୁରୀ
ଆବିର୍ଭାବ: ୧୯୫୦
ତିରୋଭାବ: ୧୮.୧୨.୨୦୨୫
ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ: ରବି ନାରାୟଣ ପାଢୀ (ବାବୁ) ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୯୫୩

୧୮ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ରତ୍ନପ୍ରଭା ଧଳ
ଜଗନ୍ନାଥରୋଡ, ଢେଙ୍କାନାଳ
ସ୍ୱାମୀ- ସୁଧାକର ଧଳ
ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆପଣଙ୍କର ଭାଇ, ଭାଉଜ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୨୯୪୨


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

Letter No. 4041, 26.12.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୫୫୩/୨୦୨୩
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସୁଧାଂଶୁ ଶେଖର ଦାସ ....... ବାଦୀ
ବନାମ
ଓଡ଼ିଶା ରାଜ୍ୟ ସରକାର ଓ ଅନ୍ୟମାନେ ......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ.୪. ଅର୍ଜ୍ଜୁନ ସ୍ୱାଇଁ, ପିତା- ସ୍ୱର୍ଗତ ଭଗବାନ ସ୍ୱାଇଁ, ୧୩. ପଞ୍ଚେଇ ସ୍ୱାଇଁ, ପିତା- ସ୍ୱର୍ଗତ ଶୈଳେନ୍ଦ୍ର ସ୍ୱାଇଁ, ୧୮. ମଇନି ସ୍ୱାଇଁ, ସ୍ୱାମୀ- ସ୍ୱର୍ଗତ ଶୈଳେନ୍ଦ୍ର ସ୍ୱାଇଁ, ୧୯. ରବୀନ୍ଦ୍ର ସ୍ୱାଇଁ, ୨୦. ଗଜେନ୍ଦ୍ର ସ୍ୱାଇଁ, ୨୧. ଭଜେନ୍ଦ୍ର ସ୍ୱାଇଁ, ପ୍ରତିବାଦୀ ନଂ. ୧୯ରୁ ୨୧ ପିତା- ସ୍ୱର୍ଗତ ପୁରୁଷୋତ୍ତମ ସ୍ୱାଇଁ, ପ୍ରତିବାଦୀ ନଂ.ଙ୍କ ଠିକଣା: ଗ୍ରାମ- ପାଣ୍ଡରା ସାମିଲ, ଚକେଇସିଆନି ପୋଷ୍ଟ/ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୩।୦୨।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ସହିଦ ନଗର, ମୌଜା- ଗାଡ଼କଣା ସାବକ: ଖାତା ନମ୍ବର- ୫୩୮, ପ୍ଲଟ୍ ନମ୍ବର- ୩୦୧୧, କିସମ- ବିଆଳି ଦୋଫସଲ, ରକବା- ଏ୦.୩୦୦ ଡେସିମିଲରୁ ଏ୦.୧୫୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍। ହାଲ୍: ଖାତା ନମ୍ବର- ୮୦, ପ୍ଲଟ୍ ନମ୍ବର- ୬୨୨୩, କିସମ- ଶାରଦ ଅଣଜଳସେଚିତ ଏକ, ରକବା- ଏ୦.୧୨୦ ଡେସିମିଲରୁ ଏ୦.୧୨୦ ଡେସିମିଲ, ପ୍ଲଟ୍ ନମ୍ବର- ୬୨୪୬, ରକବା- ଏ୦.୧୮୦ ଡେସିମିଲରୁ ଏ୦.୦୩୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୨୬।୧୨।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୯୫୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

# ପଦ ହରାଇଲେ ଧଉରାପାଲି ସରପଞ୍ଚ

**ବଇଣ୍ଡା, ୨୬।୧୨ (ପରିକ୍ଷିତ ସାହୁ)**



ସଞ୍ଜିତ ସାହୁ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ ଶୁକ୍ରବାର ଅନାସ୍ଥା ଭୋଟ ପରେ ପଦ ହରାଇଛନ୍ତି। ଉକ୍ତ ପଞ୍ଚାୟତରେ ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସଙ୍ଗକୁ ନେଇ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଭୋଟଗ୍ରହଣ କରାଯାଇଥିଲା। ଏଥିରେ ୧୫ ଜଣ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ୧୧ ଜଣ ସରପଞ୍ଚଙ୍କ ବିରୋଧରେ ଭୋଟ ଦେଇଥିବା କିଶୋରନଗର ତହସିଲ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ସରପଞ୍ଚଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୁଷ୍ଟ ୧୧ ଜଣ ୱାର୍ଡ ସଭ୍ୟ ଗତ ନଭେମ୍ବର ୧୪ ତାରିଖରେ ଆଠମଲ୍ଲିକ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଅନାସ୍ଥା ଭୋଟ ପାଇଁ ଦାବି କରିଥିଲେ। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନାସ୍ଥା ପ୍ରସଙ୍ଗକୁ ନେଇ ଭୋଟ କରିବା ପାଇଁ ଗତ ୯ ତାରିଖରେ ଚିଠି (ନଂ. ୬୮୪୪)ରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଥିଲା। ଏହାପରେ ଅନୁଷ୍ଠିତ ଅନାସ୍ଥା ଭୋଟରେ ୧୧ ଜଣ ୱାର୍ଡ ସଭ୍ୟ ସରପଞ୍ଚଙ୍କ ବିରୋଧରେ ଭୋଟ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ରିଟର୍ନିଂ ଅଫିସର ତଥା ତହସିଲଦାର ବିକ୍ରମ କେଶରୀ ନାୟକଙ୍କ ତତ୍ତ୍ୱାବଧାନରେ ଏହି ଭୋଟଗ୍ରହଣ କରାଯାଇଥିଲା। ଭୋଟ ପରେ ସରପଞ୍ଚ ସଞ୍ଜିତ ସାହୁ ତାଙ୍କ ପଦ ହରାଇଥିବା ତହସିଲଦାର ନାୟକ ପ୍ରକାଶ କରିଛନ୍ତି।



କେନ୍ଦୁଝର ଜାତୀୟ ରାଜପଥ-୨୦ରୁ ସହରକୁ ପ୍ରବେଶପଥର ନେକଡ଼ା ଘର ଛକରେ ବିପ୍ଳବୀ ଧରଣୀଧର ନାୟକଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରୁଛନ୍ତି। ଏହି ଅବସରରେ ନିକଟରେ ଏମ୍‌ପି ଅନନ୍ତ ନାୟକ, ପଦ୍ମଶ୍ରୀ ଦୈତାରୀ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡା. ଫକୀର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି। (ଫଟୋ: ନରେଶ ଚନ୍ଦ୍ର ପଟ୍ଟନାୟକ)

# ହାତୀ ଉପଦ୍ରବ: ମହିଳା ମୃତ, ୨ ଗୁରୁତର



ହାତୀପଲ ଭାଙ୍ଗି ଦେଇଥିବା ଖୁଦଙ୍କ ଘର ।

**ଲାଠୋର, ୨୬।୧୨ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ୍ ଅଧୀନ ଚହକପଡ଼ା ଗ୍ରାମର ହାତୀପଡ଼ାରେ ଗୁରୁବାର ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ବୃଦ୍ଧା ଏବଂ ଅନ୍ୟଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ଫୁଲମତୀ ନାଗ(୪୫)। ଗୁରୁତର ବୃଦ୍ଧା ଖୁଦ ହାତୀ ଏବଂ ଗୌତମ ନାଗଙ୍କୁ ଚିକିତ୍ସା ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ପାଟଣାଗଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଡା. ସୁରଜ ଦୀପ କହିଛନ୍ତି। ସୂଚନା ଅନୁସାରେ, ଗୁରୁବାର ରାତିରେ ହାତୀପଡ଼ାର ଖୁଦ ହାତୀଙ୍କ ଘର ନିକଟକୁ ହାତୀପଲ ଆସି ଧାନ ଖାଇବା ସହ ଘର ଭାଙ୍ଗିଦେଇଥିଲେ। ଏହି ସମୟରେ ଘରେ ଶୋଇଥିବା ଖୁଦ, ତାଙ୍କ ଝିଅ ଫୁଲମତୀ ଓ ଜ୍ୱାଇଁ ଗୌତମଙ୍କ ଉପରେ ଘରର କାନ୍ଥ ଚାପି ହୋଇଯାଇଥିଲା। ଘଟଣାସ୍ଥଳରେ ଫୁଲମତୀଙ୍କ ମୃତ୍ୟୁ ଘଟିଥିଲା। ଆହତ ଦ୍ୱୟଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଯାଇଥିଲା। ଶୁକ୍ରବାର ସକାଳେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଫୁଲମତୀଙ୍କ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଲାଠୋର ରେଞ୍ଜ୍ ଦାୟିତ୍ୱରେ ଥିବା କଣ୍ଟାବାଞ୍ଜି ରେଞ୍ଜର ସିଦ୍ଧାନ୍ତ କୁମାର ସାହୁ କହିଛନ୍ତି, ମୃତ ମହିଳାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବୁ। ଆସନ୍ତା ୧/୨ ଦିନ ମଧ୍ୟରେ ଏହାର ୧୦ ପ୍ରତିଶତ ରାଶି ପ୍ରଦାନ ପାଇଁ ଚେଷ୍ଟା କରୁଛୁ।

# ଓଡ଼ିଶାରେ ଯୁବ ସମାଜ ହିଁ ପରିବର୍ତ୍ତନର ସୂତ୍ରଧର ହେବେ:ଭକ୍ତ

**ଯୁବକଂଗ୍ରେସ କାର୍ଯ୍ୟକାରୀ ବୈଠକ**

**ଭୁବନେଶ୍ୱର, ୨୬।୧୨ (ରବିନାରାୟଣ ଜେନା)**

ଆଜିର ପରିବର୍ତ୍ତିତ ପରିସ୍ଥିତିରେ ଓଡ଼ିଶାରେ ଯେଉଁ ନୂତନ ସୂର୍ଯ୍ୟୋଦୟ ହେବ ତା'ର ନେତୃତ୍ୱ ଓଡ଼ିଶାର ଯୁବ ସମାଜ ନେବ। ଓଡ଼ିଶାରେ ଯୁବ ସମାଜ ହିଁ ପରିବର୍ତ୍ତନର ସୂତ୍ରଧର ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନଠାରେ ଯୁବ କଂଗ୍ରେସର କାର୍ଯ୍ୟକାରୀ ବୈଠକରେ ଭକ୍ତ କହିଛନ୍ତି, ଡବଲ ଇଞ୍ଜିନ ସରକାର ଯୁବକମାନଙ୍କ ସ୍ୱାର୍ଥକୁ ଡବଲ ଉପେକ୍ଷା କରିଛି। ଓଡ଼ିଶାର ଯୁବ ସମାଜ ଭାଜପା ସରକାର ପ୍ରତି ବିମୁଖ। ସେମାନଙ୍କୁ କର୍ମ ସଂସ୍ଥାନ ଯୋଗାଇବାରେ ସରକାର ବିଫଳ। ଓଡ଼ିଶାର ମାଟିତଳେ ଅମୂଲ୍ୟ ଖଣିଜ ସମ୍ପଦ ଥାଇ ମଧ୍ୟ ଓଡ଼ିଆ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଯୁବ ଆନ୍ଦୋଳନ ମାଧ୍ୟମରେ କ୍ଷମତାସୀନ ସରକାର ହଟାଇବା ପାଇଁ ଯୁବବର୍ଗ ସଂକଳ୍ପ ନେବାକୁ ଭକ୍ତ ଆହ୍ୱାନ ଦେଇଛନ୍ତି। ଭକ୍ତ କହିଛନ୍ତି, ଯୁବ କଂଗ୍ରେସ ଓଡ଼ିଶାର ପ୍ରତି ବୁଥ୍‌ସ୍ତରକୁ ପହଞ୍ଚି ୫ ଜଣ ସଂଗ୍ରାମୀ ଯୁବ ସାଥୀଙ୍କୁ ଦଳର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପଡ଼ିବ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି, ରାଜ୍ୟରେ ବେକାରି ଉତ୍କଟ ପରିସ୍ଥିତି ସୃଷ୍ଟି କରିଥିବାବେଳେ ଚାଷୀ ସମସ୍ୟା, ଦରଦାମ୍ ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓଡ଼ିଶାର ଚିତ୍ର ନଷ୍ଟ କରୁଛି। ଏହି ଅବସରରେ ଅଖିଳ ଭାରତ ଯୁବକଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ସହ ପ୍ରଭାରୀ ରିୟାନା ରାଜୁ, ଖୁସି ଟିଗା ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟକର୍ତ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମାଷ୍ଟରକ୍ୟାଣ୍ଟିନ ଛକରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଉନ୍ନାଓ ବଳାତ୍କାର ପୀଡ଼ିତାଙ୍କ ଅଭିଯୁକ୍ତ କୁଳଦୀପ୍ ସେନ୍‌ଗାଲଙ୍କୁ ମିଳିଥିବା ଜାମିନ ପ୍ରତିବାଦରେ ବିକ୍ଷୋଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ପ୍ରମୁଖ ଯୋଗଦାନ କରିଥିଲେ।

## GOVERNMENT OF ODISHA
## OFFICE OF THE PANCHAYAT SAMITI, PURI SADAR, PURI

Email- ori-bpuri@nic.in

**OPEN TENDER BIDDING THROUGH e-PROCUREMENT**

Bid Identification No.: - 02/2025-26/PURI SADAR BLOCK

No.i-440:- **The OFFICE OF THE PANCHAYAT SAMITI PURI SADAR, Puri, Odisha** on behalf of Governor of Odisha invites **Percentage Rate Bids** through **e-Procurement** in **Single and Double Cover System** as applicable from eligible Class of Contractors for execution of Civil Works as per NIT and DTCN on Percentage Rate Bids. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in e-procurement portal **https://tendersodisha.gov.in**. The bid should be submitted on-line only on the website **www.tendersodisha.gov.in** by an eligible class of contractor.

| | | | |
|---|---|---|---|
| 1 | Name of the works | : | Construction of Additional Classroom for Primary and Secondary Schools, CFC for Palm Leaf Engraving and Higher Education Institute under CMSA by Panchayat Samiti, Puri Sadar |
| 2 | No. of works | : | 04 (Four) Nos. |
| 3 | Estimated cost (in Rs.) | : | Varies from Rs.12.73 Lakh to Rs.77.86 Lakh (Approximately) |
| 4 | Period of completion | : | Approximately 04 (Four) & 06 (Six) calendar months as applicable |
| 5 | Date and time of availability of Bid documents in the portal: | : | From Dt.24.12.2025 at 05:00 PM to Dt.09.01.2026 up to 05:00 PM. |
| 6 | Last date/time of receipt of Bids in the portal | : | Dt. 09.01.2026 up to 05:00 PM. |
| 7 | Date of opening of bids | : | Dt. 12.01.2026 11:00 AM onwards |
| 8 | Name and address of the OIT | : | Office of The Panchayat Samiti, Puri Sadar, Puri, Odisha. |

OIPR-19380/11/0007/2526

Sd./- BLOCK DEVELOPMENT OFFICER, PURI SADAR, PURI

## ପୌରପରିଷଦ କାର୍ଯ୍ୟାଳୟ:ସୁନ୍ଦରଗଡ଼

ସଂଖ୍ୟା 2724, ତା.22.12.25 ରିଖ

No.C-1915:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ ପୌରପରିଷଦ ଅନ୍ତର୍ଗତ ଦୟା ଧର୍ମଶାଳାରେ ଥିବା ୧୬ ଗୋଟି ଦୋକାନ ଗୃହର ଆବଣ୍ଟନ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ଟେଣ୍ଡର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା ।

| କ୍ରମିକ ନଂ. | ଦୋକାନ | ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ |
|---|---|---|---|
| ୧ | ଦୟା ଧର୍ମଶାଳାରେ ଥିବା ୧୬ ଗୋଟି ଦୋକାନ ଗୃହ | ଟ.୫୦,୦୦୦.୦୦ | ଟ.୫,୦୦୦.୦୦ |

**ସର୍ତ୍ତାବଳୀ:** ୧.ଆବେଦନକାରୀ ଅତିକମ୍‌ରେ ୩୦ ବର୍ଷ ସୁନ୍ଦରଗଡ଼ ପୌରପାଳିକାର ବାସିନ୍ଦା ହୋଇଥିବା ଆବଶ୍ୟକ । ୨. ପୂର୍ବ ବର୍ଷରୁ ବକେୟା ଦେୟ ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ । ୩. ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ,ସ୍ଥାନ, ସମୟରେ ନିର୍ଦ୍ଧାରିତ ଆବେଦନ ଟ.୧୫୦୦.୦୦ ଙ୍କା (ଏକ ହଜାର ପାଞ୍ଚ ଶତ ଟଙ୍କା ମାତ୍ର) ମୂଲ୍ୟ ଆବେଦନ ଫର୍ମ ପୂରଣ କରି ସମ୍ପୃକ୍ତ ୧୬ ଗୋଟି ଦୋକାନ ଗୃହ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ । ଟେଣ୍ଡର ଦାଖଲକାରୀ ନିର୍ଦ୍ଧାରିତ ଦୋକାନର ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଦ୍ୱାରା ଜମା କରିବେ । ଅନ୍ୟଥା ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ଟେଣ୍ଡର ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ । ୪. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଟେଣ୍ଡର ସିଦ୍ଧ ହେବ, ସେ ଉକ୍ତ ଟେଣ୍ଡରର ପୂର୍ଣ୍ଣ ରାଶି ଏକକାଳୀନ ଦାଖଲ କରିବେ । ନଚେତ୍ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦର ଦାଖଲକାରୀ ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ । ନଚେତ୍ ଉକ୍ତ ଦୋକାନର ପୁନର୍ବାର ଟେଣ୍ଡର କରାଯିବ । ୫. ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ । ୬.ଟେଣ୍ଡର ପାଇଥିବା ବ୍ୟକ୍ତି ତାଙ୍କର ପଇଠ ଜମା କରିବାପାଇଁ ଚୁକ୍ତିନାମା କରିବେ । ଚୁକ୍ତିନାମାରେ ଥିବା ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟ କରିବେ । ୭. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ । ୮. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇପାରିବେ । ୯. ଟେଣ୍ଡରରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ । ୧୦.ଦୋକାନ ଗୃହ ମଧ୍ୟରେ କୌଣସି ପ୍ରକାର ଖାଦ୍ୟ ଜିନିଷ ରୋଷେଇ କରିପାରିବେ ନାହିଁ । ୧୧. ତଫସିଲଭୁକ୍ତ ଜାତି ପାଇଁ ୧ଟି (ଏକ ଗୋଟି), ତଫସିଲ ଭୁକ୍ତ ଜନଜାତି ପାଇଁ ୧ଟି (ଏକ ଗୋଟି), ବିଧବା ପାଇଁ ୧ଟି (ଏକ ଗୋଟି), ଭିନ୍ନକ୍ଷମ ପାଇଁ ୧ଟି (ଏକ ଗୋଟି) ଦୋକାନ ଆରକ୍ଷଣ ରଖାଯାଇଅଛି । ୧୨. ପ୍ରତି ୨ ବର୍ଷରେ ଥରେ ଲିଜ ନବୀକରଣ ହେବ ଏବଂ ପ୍ରତି ବର୍ଷ ୧୦% ଭଡା ବୃଦ୍ଧି କରାଯିବ । ୧୩. ପ୍ରତି ଦୋକାନ ଗୃହ ପିଛା ପ୍ରତି ମାସ ଟ.୫୦୦/- ଭଡା ଓ ଟ.୧୦୦/- ସୁରକ୍ଷା ବାବଦକୁ ନିଆଯିବ । ୧୪. ଯେଉଁ ବ୍ୟକ୍ତି ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟଠାରୁ କମ ଦର ଦେବେ ତାଙ୍କର ଟେଣ୍ଡର ଅସିଦ୍ଧ ଘୋଷଣା କରାଯିବା ସହିତ ଅମାନତ ରାଶି ବାଜ୍ୟାପ୍ତ ହୋଇଯିବ । ୧୫.ଆବେଦନକାରୀଙ୍କର ଭୋଟ ପରିଚୟପତ୍ର, ଆଧାର କାର୍ଡ ଏବଂ ବିଦ୍ୟୁତ ବିଲ୍ ଥିବା ଆବଶ୍ୟକ । ୧୬. ଆବେଦନକାରୀଙ୍କର ପୌରାଞ୍ଚଳ ମଧ୍ୟରେ କୌଣସି ଦୋକାନ (ସରକାରୀ/ବେସରକାରୀ/RDA) ନଥିବ । (ଆତ୍ମଘୋଷଣା ହଲପନାମା) ୧୭. ଆବେଦନକାରୀ ଯଦି ଟେଣ୍ଡର ପାଇବ ନାହିଁ, ତାହେଲେ ତାର ଅମାନତ ରାଶି ପ୍ରଥମ ସର୍ବୋଚ୍ଚ ଟେଣ୍ଡରଧାରୀଙ୍କ ଚୁକ୍ତିନାମା ସ୍ୱାକ୍ଷର ହେଲାପରେ ଫେରସ୍ତ ପାଇବେ । ୧୮.କାର୍ଯ୍ୟନିର୍ବାହୀ ଅଧିକାରୀ ଯେକୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି । ୧୯.ସର୍ତ୍ତାବଳୀ ଲାଗୁ । ୨୦.ଟେଣ୍ଡର ସଂକ୍ରାନ୍ତୀୟ ତଥ୍ୟ ପୌରପାଳିକା କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ମିଳିପାରିବ । ୨୧. ବିଶଦ ବିବରଣୀ ପାଇଁ ସୁନ୍ଦରଗଡ଼ ପୌରପାଳିକା ସହିତ ଯୋଗାଯୋଗ କରନ୍ତୁ ।

କ) ତା.24.12.25 ରିଖରୁ ତା.06.01.26 ରିଖ ଟେଣ୍ଡର ପେପର ବିକ୍ରୟ କରାଯିବ ।

ଖ) ତା.06.01.26 ରିଖ ସମୟ-ଅପରାହ୍ନ ୧୨.୩୦ ପର୍ଯ୍ୟନ୍ତ - ଟେଣ୍ଡର ପେପର ଗ୍ରହଣ କରାଯିବ (ପୋଷ୍ଟ/କୁରିଅର ସେବା/ବାକ୍ସ ଦ୍ୱାରା) ।

ଗ) ତା.07.01.26 ରିଖ ସମୟ- ପୂର୍ବାହ୍ନ ୧୧ଟା- ଟେଣ୍ଡର ଖୋଲାଯିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌରପରିଷଦ

OIPR-13130/11/0055/2526

## OFFICE OF THE EXECUTIVE ENGINEER, RURAL WORKS DIVISION, BARGARH

No. O-1879 Email: rd_bgh@yahoo.co.in, Gmail: rwd.bgh@gmail.com

**e-Procurement Notice No. ONLINE-BGH-22 of 2025-26**

| | | | |
|---|---|---|---|
| 1 | Name of the Work | : | Road work during 2025-26 in the district of Bargarh |
| 2 | EMD | : | @1% of the Estimated Cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-22 of 2025-26 | 29.12.2025 at 11.00 A.M. | 04.01.2026 upto 5.00 P.M. | 04.01.2026 upto 4.00 P.M. | 06.01.2026 at 11.00 A.M. |

Further details can be seen from the website **www.tendersorissa.gov.in**.

OIPR-25062/11/0045/2526 Sd./- Executive Engineer, R.W. Division, Bargarh

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION: RAYAGADA

No.O-1852

e-mail ID:rw_rayagada@yahoo.co.in

**GEPNIC e-Procurement Notice**
**Bid Identification No: EERWRGD-Online-14/2025-26**
**Letter No.4399, Date 22.12.2025**

1. Name of the Work: Construction of Building works, Repair of Buildings and Maintenance of Road Work. 2. Total No. of Works: 04 No. (Percentage rate tender). 3. Estimated Cost: Varies from 4.62 to 95.58 Lakh. 4. Class of Contractor: "B" or "C" or "D" Class. 5. Time of Completion: Specified in DTCN. 6. Mode of Submission of tender: Tender should be submitted only in online https://www.tendersodisha.gov.in. 7. Other details: Detailed tender condition specified in DTCN. The intending tenderer (s) should have the joint venture agreement with the electric contractor for execution of electric works Sl No. of work 01. The opening of the financial bid for the work vide Sl.No.-02 will be intimated later.

| Procurement Officer | Bid Identification No. | No. of Works | Availability of tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | |
| Executive Engineer, Rural Works Division, Rayagada | EERWRGD On-line- 14/2025-26 | 04 (Four) Nos. | 29.12.2025 at 11.00 AM | 06.01.2026 upto 5.00 P.M. | 05.01.2026 upto 5.00 P.M. | 07.01.2026 at 11.00 A.M. |

Further details can be seen from the website: **www.tendersodisha.gov.in**

OIPR-25072/11/0045/2526

Sd./- Executive Engineer, Rural Works Division, Rayagada

## GOVERNMENT OF ODISHA
## Office of the Superintending Engineer, Kanupur Canal Division No.-II, AT/PO-Rimuli, Dist- Keonjhar, PIN-758047

e-PROCUREMENT NOTICE || Bid Identification No. SE, KCD No.-II-06/2025-26

No.A-1187: Email- eekcdvn2@gmail.com

| Sl. No. | Name of work | Approx. value of work. (Rs. in Lakh) | E.M.D./Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Shifting of 11 KV and LT line from different Canals of Kanupur Canal Division No.II, Rimuli of Kanupur Irrigation Project (Under RIMULI Electrical TPNODL Section)" | 66.14 | 66,141.00 | 10,000/- | 03 (Three) Calendar months | "HT Electrical Contractor having valid license from ELBO" | Kanupur Canal Division No.- II, At/ PO- Rimuli, Dist.- Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender (Technical Bid) | Last Date of seeking clarification | Place of opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Canal Division No.-II, At/ PO- Rimuli, Dist.- Keonjhar | SE, KCD No.-II- 06/2025-26 | 01.01.26 From 10.00 Hours | 15.01.26 Up to 17.00 Hours | 16.01.26 at 11.00 Hours | 08.01.26 Up to 11.00 Hours | O/o the Superintending Engineer, Kanupur Canal Division No.II, At/ PO- Rimuli, Dist.- Keonjhar |

Further details can be seen from the Govt. website www.tendersodisha.gov.in/www.dowr.odisha.gov.in.
Any addendum/ Corrigendum/ Cancellation to the above notice will be published in this website only.

OIPR-32558/11/0002/2526 Sd./- Superintending Engineer, Kanupur Canal Division No.-II, Rimuli, Keonjhar, Odisha

## GOVERNMENT OF ODISHA
## OFFICE OF THE PROJECT ADMINISTRATOR, INTEGRATED TRIBAL DEVELOPMENT AGENCY, GUNUPUR

Email: itdagnp@nic.in

**E-Procurement Notice**
**Bid Identification No: ITDAGNP-Online-04/2025-26**

**No.3302/VII-99/2025** **Date:23.12.2025**

**No.CAD-2843:**1. Name of the Work : Construction of Building Works. 2. Total No. of Works: 04 No. (Percentage rate tender). 3. Amount put to tender: As mentioned in Col.3 of Annexure. 4. Class of Contractor: As mentioned in Col.5 of Annexure. 5. Period of Completion: As mentioned in Col.4 of Annexure. 6. EMD : As mentioned in Col.6 of Annexure. 7. Paper Cost: As mentioned in Col.7 of Annexure. 8. Other details:

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | Financial Bid Open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Project Administrator, I.T.D.A., Gunupur | ITDAGNP Online-04/2025-26 | 28.12.2025 at 10.00 A.M. | 11.01.2026 upto 5.00 PM | 11.01.2026 upto 5.00 P.M. | 12.01.2026 at 11.00 Hrs. | Will Intimate Later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill. Further details can be seen from the website: www.tendersorissa.gov.in.

OIPR-26072/11/0012/2526 Sd./- Project Administrator, I.T.D.A., Gunupur

Tel : 0674-2562368/2561909,
E-mail:paribesh1@ospcboard.org
Web site: www.ospcboard.org

## STATE POLLUTION CONTROL BOARD, ODISHA

(Forest, Environment & Climate Change Department, Govt. of Odisha)
ParibeshBhawan, A/118, Nilakantha Nagar, Unit-VIII, Bhubaneswar – 751012

**No. 22669/IND-I-SWM-19/25-26 Date 23.12.2025/**

**PUBLIC NOTICE**

**PLASTIC FREE PICNIC SPOTS CHALLENGE-2025**

**No.CAD-2844:**The State Pollution Control Board in association with Forest, Environment and Climate Change Department, Govt. of Odisha have undertaken a campaign "Plastic Free Picnic Spots Challenge, 2025" with an objective to make Picnic Spots free from littering of plastic and other materials. The campaign will be implemented through creating public awareness and other allied activities by engaging NGOs, local volunteer, Eco Clubs, SHGs and Gram Panchayats etc. The following 500 Picnic spots in Odisha have been chosen under this campaign.

**List of Plastic Free Picnic Spots challenge for 2025**

**Angul (25 station)**- Deuljhari Hot Spring, Dangapal (Bamur range), Digi (Bamur range), Manjore Reservoir, Ketakijharan, Jharjhari Ghati, Binikey Pitha, Belpunji Matha, Tikarapada /Satkosia Gorgeanctuary-Tikarapada (Mahanadi Bank),Khuludi Waterfall, Balipasi River side, Pallahara River Bank, Baniapali Forest Picnic Area, Derjang Reservoir, Patrapada, Bayani Pitha, Narayana Sevа Ashram, Kukudang, Rengali Dam Backwaters, Samal Barrage, Talcher Palace Grounds, Mango Orchard Gaham, Pabitranagar Eco Spot, Talcher Bulajhar, Chhendipada Banadurga Temple, Jarapada Antulia Compt.No.10, Pandurisuni Temple, Baragounia

**Balangir (24 Station)**- Harishankar Waterfall, Ranipur- Jharial Picnic Area, Jogeswar Hill (Khaprakhol), Tureikela Reservoir, Saintala Picnic Ground, Khairguda Dam,Chatuapali Hill View, Belpada Riverside, Sadeipali Forest Edge, Agalpur Dam Picnic Spot, Patnagarh Fort Grounds, Gandharadi Riverbank, Khujenpali Nature Point, Kumuda Pahad, Bhimadungri Eco-tourism Spot, Gaikhai Ecotourism, Chota Harishanker, Balangir, Dumerbahal dam, Mathanpalla, Titlagarh, Meherakata, Bandhapada, Patnagarh,ChandiliPahad, Desandh, Patnagarh; Phalsamal Temple, Loisingha; Dumdumi, Loisingha; Amajharan, Loisingha

**Balasore (12 Station)**- Kasafal Beach,Panchalingeswar Hill & Stream, Chandipur Beach, Talasari Beach, Udayapar beach, Chaumukh beach, Dagra beach, Haskara Dubuagadi , Kuldiha Sanctuary Zone, Bichitrapur Eco Spot, Rissia

**Bargarh (20 Station)** - Nrusinghanath, Dedhara, Apkhol, Patharseni, Govindpur (Bird village), Barabakhara Waterfall, Chikili, Rani Dam, Kumbho Dam, Samardhra, Manvang Dam, Ambabhana Dam, Khandijharan Dam, Patharseni Temple (Hirakud Reservoir area), Baishnodevi Temple, Papanga Hills, Ghunghati, Barapahad Hills, Khajuria Dam, Tamdei Picnic Spot

**Bhadrak (3 Station)** - Eram (Basudevpur WL Range), Gohiratikiri (Dhamnagar WL Range), Adampur (Dhamnagar WL Range)

**Boudh (20 Station )** - Nuapada Dam, Naikpada Cave, Balasingha, Marjakud River side, Girasinga, Shyamasundarpur & Pargalpur Buddhist Heritage Sites, Baunsuni Riverside, Dambargad Nature Camp, Ramgarh, Manipur, Palsakutuni, Maa Bhairabi Temple, Kumbidhar Waterfall, Damkuch Dam, Khandikanpa, Reghamunda Rock Hills, Sargipali waterfall, Watch Tower at Lakhparbat, Watch Tower at Dangapala, Padhel Dam

**Cuttack (13 Station)**- Saranda Hilltop, AnsupaDeojhar, Kalakala Nature Nest of Dalijoda Range,Naraj Barrage, Dhabaleswar Island, Jobra Park, Baimundi Hills, Badamba Dam, Damdamani Temple & Dam site in Mangarajpur section of Dalijoda Range; Mahavinayak Temple, Chandikhol, Olasuni Ecotourism complex and Temple in Dalijoda Range; Dhaltangarh in Jagatsinghpur Range ;Ashokjhar waterfall in Sukinda Range

**Deogarh (10 Station)** -Pradhanpat Waterfall, Kurudkote Waterfall, Deojharan Waterfall, Gohira Dam Site, Ghodapaka PRF near Dalabeheramunda, Bhai Bhauni Water fall, Badapathar, Bhandar Khol, Maa Jhia Darha, Dargadi

**Dhenkanal (13 Station)**- Kapilash Hills, Saptasajya Hill & Forest, Kualo Dam, Baladiabandha Reservoir, Joranda Forest Picnic Point, Kamakshyanagar Hill, Bhuban Riverside, Hindol Dam, Mahimagadi Riverside Spot, Sapua Reservoir, Dandadhar Dam, Sunajhar Waterfall,Gundichanali river side.

**Gajapati (9 Station)**- Gandahati Waterfall, Mahendragiri Hill,Taptapani, Harabhangi Dam, Chandragiri Buddhist Monastry, Jirang Monastery Hill View, Serango Valley, Gumma Hill Range, Koinpur Stream

**Ganjam (25 Station)**- Ramachandi Sea beach, Shri Dhabaleswar Sea Beach, Khallingi, Gopalpur sea beach, Sunapur Sea beach, Pantha Nibas, Rambha, Narayani Temple,Taratarini temple, Bateswar Temple, Aleswar Temple, Barihapathar Waterfall site; Baghalati Ecotourism site,Pasuram Kunda Waterfall, Ghodahada Eco Park, Balakumari Temple, Maa Bankeswari Temple, KasiViswanath Temple, Ujaleswar Temple,Van Bihar, Bhanjanagar, Daha Dam site, Bapangi Temple, Daha Blackbuck Nature Camp Saluapalli, Giant Squirrel Nature Camp Kaliamba, Budhakendu Temple, Keshtriya Barapur, Day Tourism Centre, Chakraghati, Ghatisula Temple,Laxmi Nursingha Cave, Kokalaba

**Jagatsinghpur (15 Station)**- MaaSalara Temple, Kanankpur, Gorekhnath Temple, Baranga Jagannath Temple, Sidhhala Jagannath Temple, Maa Narayani Temple, Raghunathpur, Dhaltangarh PRF Digabareni Temple, Lankapada, Rahama,Kujang Mangrove Area, Jamboo River Mouth, Nehru Bangala Park, Maa Bandarei Temple, Siali Sea Beach, GadaKujang Jagannath Temple,Paradeep Light house,Hawakhana River mouth

**Jajpur (10 Station)**- Dasarathpur Riverbank, Sukinda Valley, Gokarneswar Hill, Vyasanagar Park, Biraja Riverside, Olasuni Hill &Cave,Panikoili Canal Side,Kuakhia Riverside, Singada Hill, Baitarani Ghat (Chandikhole Side)

**Jharsuguda (11 Station)**- Rampaluga Hirakud Reservoir Area, Eco-park Malimunda, Koilighughar Waterfall, Bikramkhol Picnic Area, Hirakud Backwater (Larikata), Kelsa Hill, Laikera Forest, Belpahar Picnic Ground, Katapali Riverside, Bagdihi Dam, Patrapali Backwater.

**Kalahandi (13 Station)**- Dokrichanchara Water fall of Dharmagarh Range, Hello Point of Th. Rampur South Range, Phurlijharan Water fall of Karlapat Sanctuary Range, Dalguma, Rabandhara, Ret Dam, Mada Rakhi, Bhaludhara, TinDharia, Mukhipata Waterfall, Kamalabari, Asurgarh, Mundgaon Waterfall

**Kandhamal (20 Station)**- Pokadajhar, Nature Park Medubandha Waterfall, Ludu Waterfall, Hill View Daringbadi, Coffee Garden Daringbadi, Midubandha Waterfall Daringbadi, Ludu Waterfall Kathagarh, Putudi Waterfall Phulbani, Muklingia Hill View Udegiri, Madasuru Waterfall and Viewpoint, Sunset Point Daringbadi, Pine Forest Daringbadi, Kisubadi Waterfall Daringbadi, Lover point Kirikuti Daringbadi, Emu Bird Park Kirikuti Daringbadi, Butterfly Garden Daringbadi, Rainbow Waterfall Pangali Daringbadi, Darbadi Waterfall,Partamaha Daringbadi, Traditional Cottage andTribal Museum Kathagarh.

**Kendrapara (13 Station)**- Sakhibata, Bagada Barunei, Ostapur, Balikasati, Marshaghai, Rajnagar, Derabisi, Gojabayani, Dumuka, Marshaghai, Dangamala,Gupti, Hukitolaisland, Rajkanika Palace, Habalikhati, Ekakula Beach, Ramchandi Temple, Barahjew temple (Aul)

**Keonjhar (10 Station)**- Sanaghagra Waterfall, Badaghagra Waterfall, Khandadhar, Waterfall, Kaijoda, Murgamahadev, Bhimkund, Gundichaghai, Kanjhari Dam, Handibhanga, Sitabinj

**Khurda (27 Station)**- Barunei Temple, Atri Hotspring, Kosalasuni temple; Arachandi Temple, Ugratara Temple, Padabasuni, Maa Maninag temple, Asura kumari Temple, Maa Khilamunda Temple, Hanuman Ecotourism; Biswanath Hill /Temple, Maa Kalijai Temple, Kaliyugeswar Hill of Kaliyugeswar Temple, Gambhira Kotagarh, Sri Rama Mandira, Nakithana, Samuka Temple, Damani Temple spring, Berbera Kankana Sikhari Temple, Samalnasi, Gurubai, Sipakuda, Pitakhala, Rajhansa, Bhabakundaleswar Temple, Manikapatna, Deras Ecotourism, Jhumka

**Koraput (16 Station)**- Duduma Waterfall, Deomali Hills, Nandapur, Gupteswar Cave, Kolab Dam, Jalaput Dam, Minapai Valley, Nandapur Hill, Hatipathar Waterfall, Kotpad Riverside, Kunduli Forest Area, Machkund Riverbank, Potangi Hill, Deomali Eco-tourism Nature Camp , Semiliguda Range, Rani Duduma Water fall and day destination centreSemiliguda Range Nageswara Cave ,Balda Range.

**Malkangiri (23 Station)**- Sitakunda Picnic spot, Amakunda Waterfall, Gummajharan Water fall, Ekagodi Waterfall, Saptadhara Picnic Spot, Hantalguda Picnic spot, Dakraijodi Picnic spot, Polluru Picnic Spot, Kamaraguda Picnic spot, MI Tank of Podia,Madka Water fall near Pradhaniguda, Badathakura, Manyamkunda,Satiguda Dam,Balimela Reservoir, Chitrakonda, Motu River side, Manyamkonda Hill,Khairput Reservoir, Mudulipoda Forest, M.V-79 Picnic Zone, Mogi Point, Malikeshwar Temple, Jaduguda Shiv Temple

**Mayurbhanj (18 Station)**- Khadkhai Dam (Suleipat), Nesa Dam, Bankbal Dam, Binjdhara water Fall (Kailaghaty), Asurghaty water Fall, Khandia Wate Fall, Bhimkund Eco tourism,Bhairav Kunda, Barehipani Waterfall, Sitakund, Joranda Waterfall, Lulung Picnic Spot, Devkund Waterfall, Ramatirtha Park, Khiching Hill, Kalo Riverbank, Haripur Hill, Karanjia Riverside

**Nabarangpur (10 Station)**- Mangardhora, Indravati Dam, Ghumureswar, Chandandhara, Kelia, Saidhara, Bhairaghuman, Goseidhara, Bhaskel Dam, Podagad Hill

**Nayagarh (20 Station)**- Panipoila dam, Rajjiri Pitha, Baishnabgiri Pitha, Chanchunia Pitha, Ghagra Dam ; Kuanria Dam, Bhimrapahad, Ratnaganda Waterfall; Simili Waterfall, Baraknya waterfall, Budhabudhiani Dam, Mohanagaru Dam, Pachilagodi Dam, Bhalujhara Dam, Kanigiri Sapa Ghusura Bandh, Gokulananda Pitha Sidhamula, Sunamuhin Park, Kantilo Narayani Temple; Bagdevipitha, Baghua Dam

**Nuapada (20 Station)**- Patalganga,Tikhali Dam, Risipithi, Goddhuapadar, Pendrawan Dam, Jogimath, Kadalijharan, Upkaganga, Kapatdara, Jadamunda Dam , Patora, Maraguda, Jogeswar Temple ,Saipala Dam ,Penkundongri, Thipakhol, Ghumar, Gusali (Budighat) , Liad Dam , Badhibahal Dam

**Puri (20 Station)**- Balukhanda- Konark Beach, Chandrabhaga Beach, Balighai Eco Park, Raghurajpur Riverside, Sakhigopal Lake, Nuanai River, Astaranga Beach, Satapada Chilika, uri Beach front, Kakatpur Mangrove Trail, Alarnath Temple Riverside, Jagannath Ballav Eco Spot, Ramachandi, Lotus Hotel Area, Chandrabhaga Eco-retreat, Area nearby Light House; Tavagolara, Kutamchandi, Jahania, Gangadevi

**Rayagada (15 Station)**- MaaMajhigouriTemple,Haluwa, BairagiHaluwa Water Fall, TalaGumma, Sankesh Temple, Durgapadu Water Fall, Minajhoia Shiva Temple, Chatikona Shiva Temple, Debagiri, Gadagada, Kulabandha Temple, Toyangiri Water Fall, Kenduguda Dam, Cherakota Water Fall, Aliguna Water Fall

**Sambalpur (17 Station)**- Hirakud Dam-Zero point, Dhodrokusum, Debajharan, Ushakothi Sanctuary, Huma Temple, Debrigarh, Budharaja Hill, Bhatra Forest, Sason Canal, Sardega Hill, Gudguda, Phuljharn, Ghanteswari (Chipilima), Pradhanpath, Hotapal, Badsingnahari, Pitapali.

**Sonepur (15 Station)**- Sonepur confluence, Binka river side, Singjurikata, Pujadungri, Dungripali forest, Rampur forest, Chardaa picnic ground, Papakshayaya ghata Binka,Metakani, Thengodam reservoir, Patalikot samelei, Pratappurkata, Deuljhari, Baarapahadkhol, Ranijhula Tarva

**Sundargarh (33 Station)**- Chhengapahad Natural Arc Heritage Site, Saragarh Nature Camp, Sundargarh Town Park, KannaKund, Koilighughar Picnic Spot, Hemgir, Jhadeswar Temple, Beng Benguli, Hemgir Tinikuda Waterfall, Rauguda, Ujalpur, Athkosia Waterfall, Ujalpur, Sarafgarh Dam Side Renagali Dam, Talsara, Rushi Gumpha, Kuchedega, Gopalpur, Hanuman Vatika, Panposh, Rourkela, Vaishnodevi Temple, Panposh, Rourkela, Akshaya Shila, Bisra, Rourkela,Vedvyas Dam, Kuarmunda, Rourkela, Pitamahal Dam, Kalunga, Rourkela Mandira Dam, Rajgangpur, Rourkela,Kansbahal Dam, Kuarmunda, Rourkela,Deomal Waterfall, Rajgangpur, Rourkela, Brahmani River Darjing, Banki, Rourkela, Deodhar Eco Tourism, Banki, Rourkela, Khandhar Waterfall, Bonai,Rukuda Dam, Bonai,Tensa Nature Camp, Bonai,Sundhikon River View (Brahmani River bank), Amco-Simco- Raibaga-G.P, Kuarmunda Block,Chhatri Hill- Bargaon Block, Darieeing- Lahuniapara Block, Deogarh- Daeieeing G.P Lahunipara Block,Ghogar Baba Shiv Temple- Rajgangpur Block, Junagarh- Hemgiri Block, Kanhakund-Balisankara Block, Akshyasila Waterfall- Bisra Block

**Total-500**

These Picnic spots shall have restriction / regulations on use of single use plastic (SUP) and advisory of Dos and Don'ts for strict adherence. All citizens are requested to follow the restrictions and the advisory to maintain the cleanliness of the surroundings and maintain enjoyable environment. Cooperation of every individual shall help making the campaign successful accomplishing its objective.

**"Spread joy, don't litter, be nature friendly".**

By order of the Chairman
Sd/-
MEMBER SECRETARY

OIPR-08012/11/0398/2526

# ଫରେଷ୍ଟରଙ୍କ ଘରୁ ମିଳିଲା କେଜିଏ ସୁନା

## ୩ ଜିଲାର ୬ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

- ୩ କୋଠା, ୭ ବହୁମୂଲ୍ୟ ପ୍ଲଟ୍ ଠାବ
- ବିଭିନ୍ନ ବିଦେଶୀ ନୋଟ, ନଗଦ ୯.୨୮ ଲକ୍ଷ ଟଙ୍କା ଜବତ


ଜବତ ଅଳଙ୍କାର, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ।


ନିରଞ୍ଜନ ଶତପଥୀ

ସୁନାବେଡା/ ସେମିଳିଗୁଡା/ଭୁବନେଶ୍ୱର, ୨୬।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ/ସତ୍ୟଜିତ ରାଉତ)

କୋରାପୁଟ ବନଖଣ୍ଡ ଅଧୀନ ସେମିଳିଗୁଡା ଫରେଷ୍ଟର ନିରଞ୍ଜନ ଶତପଥୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ନିରଞ୍ଜନଙ୍କ ଘର ସମେତ ୬ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଝାରପଡ଼ାସ୍ଥିତ ପ୍ଲଟ ନଂ.୪୦୮/୨୩୯୦/୬୨୭୪ରେ ଥିବା ୩ ମହଲା କୋଠା ଓ ପ୍ଲଟ ନଂ.୪୦୮/୨୩୯୦/୬୩୮୮ରେ ଥିବା ଅନ୍ୟ ଏକ ୩ ମହଲା କୋଠା, ଜଗତ୍‌ସିଂହପୁର ଜିଲା ମୁକୁନ୍ଦପୁର ବିଲ ଗ୍ରାମସ୍ଥିତ ପୈତୃକ ଘର, ସେମିଳିଗୁଡାସ୍ଥିତ ଅଫିସ୍ ଓ ସରକାରୀ ବାସଭବନ ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ୬ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ନିରଞ୍ଜନଙ୍କ ଘରୁ କେଜିଏ ସୁନା ଅଳଙ୍କାର ମିଳିଥିବା ବେଳେ ବହୁ କୋଟି ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ନିରଞ୍ଜନଙ୍କର ଭୁବନେଶ୍ୱର ଝାରପଡ଼ାରେ ୨ କୋଠା ସମେତ ସେମିଳିଗୁଡ଼ାରେ ୧୨୫୦ ବର୍ଗଫୁଟରେ ଅନ୍ୟଏକ କୋଠା ଠାବ କରାଯାଇଛି। ସେହିପରି ୭ ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିବା ବେଳେ ଏହାମଧ୍ୟରେ ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୨ଟି, ଜଗତ୍‌ସିଂହପୁରରେ ୪ଟି ଓ ସେମିଳିଗୁଡାରେ ଗୋଟିଏ ରହିଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍ ପ୍ରୟାସ କରୁଛି। ସେହିପରି ନିରଞ୍ଜନଙ୍କ ଘରୁ ୧ କେଜି ସୁନା ଅଳଙ୍କାର ଓ ୨୫୦ ଗ୍ରାମ ରୁପା ଅଳଙ୍କାର ମଧ୍ୟ ମିଳିଛି। ଏଥିସହ ଘରୁ ନଗଦ ୯ ଲକ୍ଷ ୨୮ ହଜାର ୫୦୦ ଟଙ୍କା ଓ କେତେକ ବିଦେଶୀ ନୋଟ୍ ମଧ୍ୟ ମିଳିଛି। ବିଦେଶୀ ନୋଟ୍ ମଧ୍ୟରୁ ୩ ଆମେରିକୀୟ ଡଲାର, ୨ ଇଣ୍ଡୋନେସିଆନ୍ ରୁପିୟାହ, ୪ଟି ମକାଉ ପଟାକା, ୮ ଥାଇଲାଣ୍ଡ ଭାଟ୍, ୪ ହଂକଂ ଡଲାର, ୬ ଭିଏତ୍‌ନାମ ଡଙ୍ଗ୍ ଓ ୪ଟି ମାଲେସିଆନ୍ ରିଙ୍ଗିଟ୍ ରହିଛି। ସେହିପରି ନିରଞ୍ଜନ ବିଟ୍ କଏନରେ ୧.୬୬ ଲକ୍ଷ ଟଙ୍କା ଓ ଜୀବନବୀମାରେ ୬୬.୪୨ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ଘରୁ ୨୮.୭୫ ଲକ୍ଷ ଟଙ୍କାର ଗୋଟିଏ କାର (ଟାଟା ହାରିଅର୍) ଓ ୩ଟି ଦୁଇ ଚକିଆ ଯାନ ଏବଂ ୩୦.୭୫ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ କରାଯାଇଛି। ତେବେ ଚଢ଼ାଉ ଜାରି ରହିଥିବାରୁ ନିରଞ୍ଜନଙ୍କ ନିକଟରୁ ଆହୁରି ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

### ୬୨୫ ଟଙ୍କାରେ ଚାକିରି ଆରମ୍ଭ, କୋରାପୁଟ ଜିଲାରେ ୩୭ ବର୍ଷ

୧୯୮୮ ଜାନୁଆରୀ ୨୨ରେ ନିରଞ୍ଜନ ଫରେଷ୍ଟ ଗାର୍ଡ ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ସେତେବେଳେ ସେ ମାସିକ ମାତ୍ର ୬୨୫ ଟଙ୍କା ପାଉଥିଲେ। ୨୦୧୪ରେ ନିରଞ୍ଜନ ଫରେଷ୍ଟର ଭାବେ ପଦୋନ୍ନତି ପାଇ ସେମିଳିଗୁଡ଼ାରେ ଅବସ୍ଥାପିତ ହୋଇଥିଲେ। ତେବେ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଲା, ନିରଞ୍ଜନ ୩୭ ବର୍ଷରୁ ଊର୍ଦ୍ଧ୍ୱ ହେବ କେବଳ କୋରାପୁଟରେ ହିଁ ରହିଛନ୍ତି। ନେତା ମନ୍ତ୍ରୀ ଓ ବଡ଼ ଅଧିକାରୀଙ୍କୁ ହାତରେ ରଖି ସେ ଗୋଟିଏ ଜିଲାରେ ଏହି ବିପୁଳ ବେଆଇନ ସମ୍ପତ୍ତି ଠୁଳ କରିଥିବା ଚର୍ଚ୍ଚା ହେଉଛି।

# ମହିଳାଙ୍କୁ ପୁଣି ୧୫ ମାସ ଜେଲଦଣ୍ଡ

## ଗହଣା ଦୋକାନରୁ ପାଉଁଜି ଚୋରି ମାମଲା

ଭୁବନେଶ୍ୱର,୨୬।୧୨(ସତ୍ୟଜିତ ରାଉତ)

ଲକ୍ଷ୍ମୀସାଗର ଛକ ନିକଟ ଏକ ଗହଣା ଦୋକାନରୁ ପାଉଁଜି ଚୋରି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ମହିଳାଙ୍କୁ ଭୁବନେଶ୍ୱର ଜଏମ୍ଏଫ୍‌ସି-୪ କୋର୍ଟ ପୁଣି ୧୫ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ଅମୂଲ୍ୟା ଜେନା। ତାଙ୍କୁ ୫ ହଜାର ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ମାମଲା ଅନୁଯାୟୀ, ନଭେମ୍ବର ୧୧ ମଧ୍ୟାହ୍ନରେ ଅମୂଲ୍ୟା ଲକ୍ଷ୍ମୀସାଗର ଛକ ନିକଟ ଏସ୍ ଆଣ୍ଡ ଏମ୍ ଜୁଏଲାରୀକୁ ଯାଇ ପାଉଁଜି ଦେଖିଥିଲେ। ହେଲେ କିଛି ପସନ୍ଦ ଆସୁ ନ ଥିବା କହି ଅମୂଲ୍ୟା ସେଠାରୁ ଫେରିଯାଇଥିଲେ। ତେବେ ଅମୂଲ୍ୟା କୌଶଳକ୍ରମେ ହଳେ ପାଉଁଜିକୁ ଚୋରି କରିନେଇଥିବା ସିସିଟିଭି କ୍ୟାମେରା ଯାଞ୍ଚରୁ ଜଣାପଡିଥିଲା। ଏନେଇ ମାଲିକ ସଞ୍ଜୟ ସାହାଙ୍କ ଏତଲାକ୍ରମେ ଲକ୍ଷ୍ମୀସାଗର ଥାନା ମାମଲା (ନଂ.୬୬୧/୨୦୨୫) ରୁଜୁ କରି ଅମୂଲ୍ୟାଙ୍କୁ ଗିରଫ କରିଥିଲା। କୋର୍ଟ ୫ ସାକ୍ଷୀଙ୍କ ବୟାନ ଓ ୧୬ଟି ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଥିଲେ। ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ। ତେବେ ୨ଦିନ ତଳେ ମଧ୍ୟ ଏକ ଚୋରି ମାମଲାରେ ଅମୂଲ୍ୟାଙ୍କୁ ୧୫ବର୍ଷ ଜେଲ ହୋଇଥିଲା।

# ଥାନାକୁ ଡାକି ଛାତ୍ରଙ୍କୁ ମାଡ଼ ଅଭିଯୋଗ

ମୋରଡ଼ା,୨୬।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ତଦନ୍ତ ପାଇଁ ଡାକି ଜଣେ ଛାତ୍ରଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ନିର୍ଯାତନାର ଶିକାର ଛାତ୍ରଙ୍କୁ ନ୍ୟାୟ ନ ମିଳିଲେ ଥାନା ଘେରାଉ କରାଯିବ ବୋଲି ଆମ ପୋଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ମୋରଡ଼ା ଥାନା ଅଧୀନ ଜଣେ ଛାତ୍ରୀ ରାସଗୋବିନ୍ଦପୁର ଥାନା ଅଞ୍ଚଳର ଏକ ମହାବିଦ୍ୟାଳୟର ଯୁକ୍ତ ୩ରେ ପଢୁଥିବାବେଳେ ନିଖୋଜ ଅଛନ୍ତି। ଘଟଣାର ତଦନ୍ତ ପାଇଁ ଛାତ୍ରୀଙ୍କ ସହପାଠୀ ତଥା ଉକ୍ତ ମହାବିଦ୍ୟାଳୟର ଛାତ୍ର ମୋରଡ଼ା ଥାନା ସନ୍ନ୍ୟାସୀ ଗ୍ରାମର ସୁଶାନ୍ତ ପାତ୍ରଙ୍କୁ ଗୁରୁବାର ପୋଲିସ ଥାନାକୁ ଡକାଇଥିଲା। ସୁଶାନ୍ତ ଥାନାରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ପଚରାଉଚରା ଆଳରେ ଧମକ ଚମକ ଦେବା ସହ ମାଡ଼ ମାରିଥିବା ନେଇ ସେ ଅଭିଯୋଗ କରିଛନ୍ତି।

ଏନେଇ ଶୁକ୍ରବାର ସୁଶାନ୍ତ ଆମ ପୋଲିସ ସମିତି ସଦସ୍ୟ ସୌରଭଙ୍କୁ ଅବଗତ କରାଇଥିଲେ। ସୁଶାନ୍ତଙ୍କୁ ସାଙ୍ଗରେ ନେଇ ସେ ଥାନାକୁ ଯାଇଥିଲେ। କ'ଣ ପାଇଁ ମାଡ଼ ମରାଗଲା ବୋଲି ପୋଲିସକୁ ପଚାରିବାରୁ ମାଡ଼ ମରାଯିବ ବୋଲି ଥାନା ଅଧିକାରୀ ଖାମଖିଆଲି ମନ୍ତବ୍ୟ ଦେଇଥିବା ପୋଲିସ ସମିତି ସଦସ୍ୟ ମହାନ୍ତି କହିଛନ୍ତି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସଦସ୍ୟ ମହାନ୍ତି ଏ ବାବଦରେ ମୋରଡ଼ା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଜଣାଇବା ସହ ଛାତ୍ରଙ୍କୁ ନ୍ୟାୟ ନ ମିଳିଲେ ଥାନା ଘେରାଉ କରାଯିବ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କୁ ପଚାରିବାରୁ ଛାତ୍ର ସୁଶାନ୍ତଙ୍କୁ ପଚରାଉଚୁରା ପାଇଁ ଥାନାକୁ ଡକା ହୋଇଥିଲା ଏବଂ ତାଙ୍କୁ ମାଡ଼ ମରାଯାଇନାହିଁ ବୋଲି କହିଛନ୍ତି।

# ଭିଜିଲାନ୍ସ ଜାଲରେ ମାଲକାନଗିରି ବ୍ଲକ୍ କନିଷ୍ଠ ଯନ୍ତ୍ରୀ

ମାଲକାନଗିରି,୨୬।୧୨
(ଦୁର୍ଯ୍ୟୋଧନ ପାତ୍ର)


ନୀହାର ରଞ୍ଜନ ସରକାର

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାଲକାନଗିରି ଜିଲା ସଦର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାରଙ୍କ ଘରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ଚଢ଼ାଉ କରିଛି। ଜୟପୁର ସ୍ୱତନ୍ତ୍ର ଜଜ୍‌ଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରରୁ ସ୍ୱତନ୍ତ୍ର ଟିମ୍ ମିଳିତ ଭାବେ ଚଢ଼ାଉ କରିଛନ୍ତି। ନୀହାରଙ୍କ ମାଲକାନଗିରି ପୌର ପରିଷଦ ଅଧୀନ ଏମ୍‌ଭି-୪୨ ଜୟନଗରସ୍ଥିତ ୩ ମହଲା ଘର, କାଳିମେଳା ଥାନା ଏମ୍‌ପିଭି-୧୦ସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘର ସମେତ ନବରଙ୍ଗପୁର ଜିଲା ରାଇଘରସ୍ଥିତ ତାଙ୍କ ଶ୍ୱଶୁରଘରେ ମଧ ଚଢାଉ କରାଯାଇଛି। ମାଲକାନଗିରି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ କକ୍ଷରେ ଚଢ଼ାଉ କରି ଯାଞ୍ଚ କରାଯାଉଛି। ଏମ୍‌ଭି-୪୩ସ୍ଥିତ ତାଙ୍କ ବାସଭବନରୁ ୨,୧୧,୮୦୦ ଟଙ୍କା, ମାଲକାନଗିରି ସହରରେ ୬ଟି ପ୍ଲଟ, ମାଥିଲି ବ୍ଲକରେ ୨ ପ୍ଲଟ, ବିଭିନ୍ନ ବ୍ୟାଙ୍କରେ ଜମା ଖାତା, ଚେକ୍ ବୁକ୍, ୪ଟି ପାସ୍‌ପୋର୍ଟ ଆଦି ଜବତ ହୋଇଛି। ସୂଚନାନୁଯାୟୀ, ନୀହାର ୨୦୧୫ରେ ମାଥିଲି ବ୍ଲକ୍‌ରେ ପଞ୍ଚାୟତ ଟେକ୍ନିକାଲ ଆସିଷ୍ଟାଣ୍ଟ(ଅସ୍ଥାୟୀ)ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୨ରେ କନିଷ୍ଠ ଯନ୍ତ୍ରୀ ଭାବେ ସେ ସ୍ଥାୟୀ ନିଯୁକ୍ତି ପାଇଥିଲେ। ୨୦୨୪ ଡିସେମ୍ବରରେ ସେ ମାଲକାନଗିରି ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗଦେଇଥିଲେ। ଏହି ଚଢାଉରେ ଭିଜିଲାନ୍ସ ବିଭାଗର ୪ ଡିଏସ୍‌ପି, ୭ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ସାମିଲ ରହିଥିଲେ। ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।

# ୱାର୍ଡସଭ୍ୟାଙ୍କ ସ୍ୱାମୀଙ୍କ ମୁଣ୍ଡକୁ ଛେଚି ହତ୍ୟା

ସୋନପୁର,୨୬।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଲୁପୁରସିଂହା ଗ୍ରାମରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଲଛିପୁର ପଞ୍ଚାୟତ ୧୫ନମ୍ବର ୱାର୍ଡର ସଭ୍ୟା ତପ ମଲ୍ଲିକଙ୍କ ସ୍ୱାମୀ ଦାସ ମଲ୍ଲିକ(୬୫)ଙ୍କ ମୁଣ୍ଡକୁ ଛେଚି କେହି ହତ୍ୟା କରିଛି। ଏହି ହତ୍ୟା ଘଟଣାରେ ଦାସଙ୍କ ସାନ ଭାଇ ସୁରୁ ଓ ତାଙ୍କ ସ୍ତ୍ରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଘଟଣା ପରେ ସୁରୁ ମଲ୍ଲିକଙ୍କ ପରିବାର ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି।

ସୂଚନା ଅନୁଯାୟୀ ଜମି ଭାଗବଣ୍ଟାକୁ କେନ୍ଦ୍ରକରି ଦୁଇ ଭାଇ ଦାସ ଓ ସୁରୁଙ୍କ ଭିତରେ ସବୁବେଳେ ଝଗଡା ଲାଗି ରହୁଥିଲା। ଗୁରୁବାର ରାତିରେ ଦାସଙ୍କୁ ସାନ ଭାଇ ସୁରୁ ଗାଳିଗୁଲଜ କରିଥିଲେ। ତେବେ ଦାସ ଏକାକୀ ଘର ଅଗଣାରେ ଶୋଇଥିବା ବେଳେ ତାଙ୍କ ମୁଣ୍ଡକୁ ଓଜନିଆ ଜିନିଷରେ ଛେଚି ହତ୍ୟା କରାଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ଶୁକ୍ରବାର ସକାଳେ ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଦାସଙ୍କ ପୁଅ ବିଘ୍ନରାଜ ଲଛିପୁର ଥାନାରେ କକା ସୁରୁ ଓ ଖୁଡ଼ୀଙ୍କ ନାମରେ ଅଭିଯୋଗ କରିବା ପରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ଲଛିପୁର ଆଇଆଇସି ଭୋଜରାଜ ସା ସମ୍ବଲପୁରରୁ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତକଙ୍କ ପୁଅ ବିଘ୍ନରାଜଙ୍କ ଅଭିଯୋଗ ଅନୁଯାୟୀ ସେ, ତାଙ୍କ ମା' ତପ ଓ ଅନ୍ୟମାନେ ଯାତ୍ରା ଦେଖିବାକୁ କଦଳିପାଲି ଗ୍ରାମକୁ ଯାଇଥିଲେ। ଘରେ କେବଳ ବାପା ଥିଲେ। ଗୁରୁବାର ରାତିରେ ବିଘ୍ନରାଜ ବାପା ଦାସଙ୍କ ସହ ଫୋନରେ କଥା ହୋଇଥିଲେ। ସାନ ଭାଇ ସୁରୁ ଗାଳିଗୁଲଜ କରୁଥିବା ଓ ହାଣି ଦେବ ବୋଲି ଧମକ ଦେଉଥିବା ଦାସ ପୁଅ ବିଘ୍ନରାଜକୁ ଜଣାଇବା ସହ ଶୀଘ୍ର ଘରକୁ ପଳାଇ ଆସିବାକୁ କହିଥିଲେ। ସୁରୁ ସବୁଦିନ ଏଭଳି ଗାଳିଗୁଲଜ କରୁଥିବାରୁ ବିଘ୍ନରାଜ ବାପାଙ୍କ କଥାକୁ ଗୁରୁତ୍ୱ ନ ଦେଇ ଶୁକ୍ରବାର ଭୋର ସମୟରେ ଘରେ ପହଞ୍ଚିଥିଲେ। ଅଗଣାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପାଙ୍କ ମୃତଦେହ ପଡିଥିବା ଦେଖି ପରିବାର ଲୋକ ତଟସ୍ଥ ହୋଇ ପଡିଥିଲେ। ମୃତଦେହ ପାଖରେ ଜଣେ ମହିଳାଙ୍କ କାଚ ପଡିଥିବା ଦେଖିବାକୁ ମିଳିଛି। ଏଥିରୁ ହତ୍ୟାକାଣ୍ଡରେ ଜଣେ ମହିଳାଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଲଛିପୁର ଥାନା ଏସ୍‌ଆଇ ଆର୍ତ୍ତତ୍ରାଣ ସାହୁ ମାମଲାର ତଦନ୍ତ କରୁଛନ୍ତି।

## Business

# ପଣ୍ୟ ପରିବହନ ପାଇଁ 'ଇଞ୍ଜିନ-ଅନ୍-ଲୋଡ୍' ଯୋଜନା

### ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ-ପାରାଦୀପ ପୋର୍ଟ ଚୁକ୍ତି




ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)

ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଓ ପୋର୍ଟ ରେଲ୍ ସମନ୍ୱୟ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ପ୍ରାଧିକାରୀଙ୍କ ମଧ୍ୟରେ 'ଇଞ୍ଜିନ-ଅନ୍-ଲୋଡ୍ (ଇଓଏଲ୍)' ଅଧୀନରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଯୋଜନା ଅନୁଯାୟୀ, ପଣ୍ୟ ବୋଝେଇ ଓ ନିଷ୍କାସନ ସମୟରେ ଲୋକୋମୋଟିଭ୍‌ଗୁଡ଼ିକୁ ର୍‍ୟାକ୍ ସହ ଲଗାଇ ରଖାଯିବ, ଯାହାଦ୍ୱାରା ଇଞ୍ଜିନ ଖୋଲିବା ଓ ପୁନଃ ସଂଯୋଗ କରିବାର ଆବଶ୍ୟକତା ପଡ଼ିବ ନାହିଁ। ଏହାଦ୍ୱାରା ସମୟ ସଞ୍ଚୟ, ଲୋକୋମୋଟିଭ୍‌ର ଉତ୍ପାଦକତା ବୃଦ୍ଧି ଏବଂ ୱାଗନ ଓ ଟ୍ରେନ୍ ର୍‍ୟାକ୍‌ର ଦ୍ରୁତ ଟର୍ନ-ଆରାଉଣ୍ଡ ସମ୍ଭବ ହୋଇପାରିବ। ଏହି ଯୋଜନା ୟାର୍ଡ ଓ ସାଇଡିଂରେ ଭିଡ଼ କମେଇ ପଣ୍ୟ ପରିଚାଳନାକୁ ଅଧିକ ସୁଗମ କରିବ। 'ଇଞ୍ଜିନ-ଅନ୍-ଲୋଡ୍' ଯୋଜନା ଦ୍ୱାରା ପଣ୍ୟ ପରିବହନର ଦ୍ରୁତ ନିଷ୍କାସନ, ସମ୍ପତ୍ତିର ଉତ୍ତମ ବ୍ୟବହାର ଏବଂ ନିର୍ଭରଯୋଗ୍ୟ ଓ ସୁନିଶ୍ଚିତ ପଣ୍ୟ ସେବା ସୁନିଶ୍ଚିତ ହୋଇପାରିବ। ପାରାଦୀପ ପୋର୍ଟ ଅଧ୍ୟକ୍ଷ ପି.ଏଲ. ହରାନ୍ଧଙ୍କ ଉପସ୍ଥିତିରେ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ଓ ପାରାଦୀପ ପୋର୍ଟ ଟ୍ରାଫିକ୍ ମ୍ୟାନେଜର ଜି. ଏଡିଶନ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

# ସୁଧ ହାର ୭.୧୫%କୁ ହ୍ରାସ କଲା ଏଲଆଇସି ହାଉସିଂ ଫାଇନାନ୍ସ

ଭୁବନେଶ୍ୱର,୨୬।୧୨
(ଅନୁରାଧା ମହାରଣା)

ଏଲଆଇସି ହାଉସିଂ ଫାଇନାନ୍ସ ଏହାର ଗୃହ ଋଣ ସୁଧ ହାରକୁ ହ୍ରାସ ଘୋଷଣା କରିଛି, ଯାହା ଗୃହ କ୍ରେତାଙ୍କୁ ନୂତନ ଆଶ୍ୱସ୍ତି ପ୍ରଦାନ କରିଛି। ଋଣଦାତା ନୂତନ ଗୃହ ଋଣର ପ୍ରାରମ୍ଭିକ ହାରକୁ ୭.୧୫%କୁ ହ୍ରାସ କରିଛି। ସଂଶୋଧିତ ହାରଗୁଡ଼ିକ ଋଣଗ୍ରହୀତାଙ୍କ ସିବିଲ୍ ସ୍କୋର ସହିତ ଜଡିତ, ୮୨୫ କିମ୍ବା ତା'ଠାରୁ ଅଧିକ ସ୍କୋର ଥିବା ଗ୍ରାହକମାନେ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ପରିମାଣର ସର୍ବନିମ୍ନ ହାର ପାଇଁ ଯୋଗ୍ୟ। ଏଲଆଇସି ହାଉସିଂ ଫାଇନାନ୍ସ କହିଛି ଯେ, ହାର ଗଠନ ଋଣଗ୍ରହୀତାଙ୍କ ଏକ ଦୃଢ଼ କ୍ରେଡିଟ ପ୍ରୋଫାଇଲ ସହିତ ଲାଭପ୍ରଦାନ ଏବଂ ଗୃହ ଆର୍ଥିକ ସହାୟତାକୁ ଅଧିକ ସୁଲଭ କରିବା ପାଇଁ ଡିଜାଇନ କରାଯାଇଛି।

# ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ପିପିଏ ସ୍ୱାକ୍ଷରିତ




ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)

ଗ୍ରୀନ୍ ଏନର୍ଜି ଡେଭେଲପ୍‌ମେଣ୍ଟ କର୍ପୋରେଶନ ଅଫ୍ ଓଡ଼ିଶା ଲିମିଟେଡ୍ ଏବଂ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍(ସେଲ୍)ର ଏକ ମିଳିତ ଉଦ୍ୟମ କମ୍ପାନୀ, ଗେଡ୍‌କଲ୍ ସେଲ୍ ପାୱାର କର୍ପୋରେଶନ ଲିମିଟେଡ୍(ଜିଏସ୍‌ପିସିଏଲ) ଓଡ଼ିଶାର ମନ୍ଦିରା ଡ୍ୟାମ୍ ଠାରେ ଏକ ୧୦ ମେଗାୱାଟ୍ ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରୁଛି। ଏନେଇ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସମ୍ମିଳନୀ କକ୍ଷରେ ବୁଧବାର ଜିଏସ୍‌ପିସିଏଲ ଏବଂ ସେଲ୍ ମଧ୍ୟରେ ବିଦ୍ୟୁତ୍ କ୍ରୟ ଚୁକ୍ତିନାମାସ(ପିପିଏ) ସ୍ୱାକ୍ଷରିତ ହୋଇଛି। ଏହି ପିପିଏ ସ୍ୱାକ୍ଷର କାର୍ଯ୍ୟକ୍ରମରେ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ସ୍ୱାଧୀନ ନିର୍ଦ୍ଦେଶକ ବି.ସି. ଜେନା, ସ୍ୱାଧୀନ ନିର୍ଦ୍ଦେଶକ ଆର.ସି. ତ୍ରିପାଠୀ, ଅତିରିକ୍ତ ସଚିବ ନିବେଦିତା ମିଶ୍ର, ଶ୍ୟାମଳୀ ମହାପାତ୍ର, ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଶକ୍ତି ବିଭାଗର ଓଏଫ୍ଏସ୍ ଡ. ଦେବୀଦତ୍ତ ତ୍ରିପାଠୀ, ଓଏଚ୍‌ପିସି ନିର୍ଦ୍ଦେଶକ(ଅର୍ଥ) ପି.କେ. ମହାନ୍ତି, ଓଏଚ୍‌ପିସି ଏବଂ ଗେଡ୍‌କଲର ନିର୍ଦ୍ଦେଶକ(ଅପରେଶନ) ଏ.କେ. ମହାନ୍ତି, ଜିଏସ୍‌ପିସିଏଲ୍‌ର ସିଏଫ୍‌ଓ ଗଗନ ବିହାରୀ ମହାରଣା, ଜିଏସ୍‌ପିସିଏଲ୍‌ର ବୈଷୟିକ ମୁଖ୍ୟ ମଳୟକାନ୍ତ ସ୍ୱାଇଁ, ରାଉରକେଲା ଇସ୍ପାତ କାରଖାନାର ପ୍ରତିନିଧି ଦୀପକ ରାୟ ଏବଂ ଆର.କେ. ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଚୁକ୍ତିନାମା ଅନୁଯାୟୀ, ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ସମସ୍ତ ବିଦ୍ୟୁତ୍ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ବ୍ୟବହୃତ ହେବ ଏବଂ କୁଆଁରମୁଣ୍ଡା ଗ୍ରୀଡ୍ ସବ୍‌ଷ୍ଟେଶନ ମାଧ୍ୟମରେ ବିଦ୍ୟୁତ୍ ନିଷ୍କାସନ କରାଯିବ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମାପ୍ତ କରିବାକୁ ବିଶାଳ ଦେବ ପରାମର୍ଶ ଦେଇଥିଲେ।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୨ତମ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୬।୧୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା ଗଞ୍ଜାମ ଜିଲାର ହୁମାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଗଞ୍ଜାମ ଜିଲାରେ ମୋଟ୍ ଶାଖା ସଂଖ୍ୟା ୬ରେ ପହଞ୍ଚିଛି। ଏହି ନୂତନ ଶାଖା ସହିତ ରାଜ୍ୟରେ ବ୍ୟାଙ୍କର ମୋଟ୍ ଶାଖା ସଂଖ୍ୟା ୬୨ରେ ପହଞ୍ଚିଛି। ଏହି ନୂତନ ଶାଖା ଓଡ଼ିଶା ଡିଜେଲ ପ୍ରା. ଲି.ର ପରିଚାଳନା ନିର୍ଦ୍ଦେଶକ ଅଲି କିଶୋର ପଟ୍ଟନାଏକଙ୍କ ଦ୍ୱାରା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ, ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜିବ କୁମାର ଦାଶ ଏବଂ ହୁମା ଶାଖାର ଶାଖା ପ୍ରବନ୍ଧକ ଜି. ସାଇ ଶଙ୍କରଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଥିଲା। ଏହି ଅବସରରେ ଅଲି କିଶୋର ପଟ୍ଟନାଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବାର ପ୍ରଶଂସା କରିଥିଲେ। ଅଞ୍ଚଳ ପ୍ରବନ୍ଧକ ରାଉଳ କହିଛନ୍ତି, ଏହି ଶାଖା ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ।

# ସିଏସ୍‌ଆଇଆର୍-ସିଆର୍‌ଆର୍‌ଆଇ, ଫୋର୍ଟିସ୍ କେମିକାଲ୍ସ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)



ଫୋର୍ଟିସ୍ କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ନୂଆଦିଲ୍ଲୀର ସିଏସ୍‌ଆଇଆର୍-ସିଆର୍‌ଆର୍‌ଆଇ ମଧ୍ୟରେ ସଡ଼କ ମରାମତି ନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। 'ଟୁ-ପ୍ୟାକ୍ ଅନ୍-ସାଇଟ୍ ପାଥ୍‌ହୋଲ ଫିଲିଂ ମିଶ୍ରଣ' ପାଇଁ ହୋଇଥିବା ଏହି ଚୁକ୍ତିପତ୍ର ସାକ୍ଷର କାର୍ଯ୍ୟକ୍ରମରେ ସିଏସ୍‌ଆଇଆରର ମହାନିର୍ଦ୍ଦେଶକ ଏବଂ ଡିଏସ୍‌ଆଇଆରର ସଚିବ ଡ. ଏନ୍. କଲାଇସେଲ୍‌ଭ, ସିଏସ୍‌ଆଇଆର୍-ସିଆରଆରଆଇର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ପରିଡ଼ା ଏବଂ ସିଏସ୍‌ଆଇଆର୍-ସିଆରଆରଆଇର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡ. ଶିକ୍ଷାସ୍ୱରୂପ କର ପ୍ରମୁଖ ଉପସ୍ଥିତ ଥିଲେ। ପେଟେଣ୍ଟ ହୋଇଥିବା, ଏମଲ୍ସନ-ଆଧାରିତ, ଦ୍ରାବକ-ମୁକ୍ତ ଥଣ୍ଡା-ମିଶ୍ର ପ୍ରଯୁକ୍ତିବିଦ୍ୟା ଦ୍ରୁତ, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଗର୍ତ୍ତ ମରାମତି କରିଥାଏ। ପାରମ୍ପରିକ ଗରମ-ମିଶ୍ର ପଦ୍ଧତି ତୁଳନାରେ କାର୍ବନ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରେ। ଫୋର୍ଟିସ କେମିକାଲ୍ସକୁ ସମଗ୍ର ଭାରତରେ ଏହି ପ୍ରଯୁକ୍ତିବିଦ୍ୟା ଉତ୍ପାଦନ ଏବଂ ବଜାର କରିବାର ସ୍ୱତନ୍ତ୍ର ଅଧିକାର ପ୍ରଦାନ କରାଯାଇଛି। ଫୋର୍ଟିସ କେମିକାଲ୍ସ ଓଡ଼ିଶାର ଭୁବନେଶ୍ୱରରେ ଅନୁଷ୍ଠିତ ୮୪ତମ ଭାରତୀୟ ସଡ଼କ କଂଗ୍ରେସ(ଆଇଆରସି) ବାର୍ଷିକ ଅଧିବେଶନରେ ମଧ୍ୟ ଅଂଶଗ୍ରହଣ କରିଥିଲା, ଯେଉଁଠାରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଓଡ଼ିଶା ଗସ୍ତ କରିଥିଲେ ଏବଂ ଓଡ଼ିଶା ପାଇଁ ୧,୦୦୦ କୋଟି ମୂଲ୍ୟର ସଡ଼କ ପ୍ରକଳ୍ପ ଘୋଷଣା କରିଥିଲେ। ଏହି ସହଯୋଗ ସ୍ଥାୟୀ ଏବଂ ମୂଲ୍ୟ-ପ୍ରଭାବଶାଳୀ ସଡ଼କ ରକ୍ଷଣାବେକ୍ଷଣକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

# ରାଜ୍ ଇଲେକ୍ଟ୍ରୋନିକ୍ସର ଏସି ମହାସେଲ୍ ଅଫର୍

ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)




ରାଜ୍ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଏସି ମହାସେଲ ଘୋଷଣା କରାଯାଇଛି। ଭୋଲଟାସ୍, ଏଲ୍‌ଜି, ବ୍ଲୁଷ୍ଟାର, କ୍ୟାରିଅର୍, ସାମସଙ୍ଗ, ହୁଇଲପୁଲ, ହାୟର, ପାନାସୋନିକ, ଗୋଦରେଜ୍, ହିତାଚି, ଆଇଏଫ୍ବି ଏବଂ ଲୟଡ୍ ଆଦି ବ୍ରାଣ୍ଡେଡ୍ କମ୍ପାନୀର ଏସି ଏଠାରେ ଉପଲବ୍ଧ ହେଉଥିବାବେଳେ କମ୍ ଡାଉନପେମେଣ୍ଟ, ଶୂନ ପ୍ରତିଶତ ସୁଧ ଏବଂ ସହଜ କିସ୍ତିରେ ଏସି କିଣିପାରିବେ। ଏହି ଅବସରରେ ରାଜ ଇଲେକ୍ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ କହିଛନ୍ତି, ରାଜ୍ ଇଲେକ୍ଟ୍ରୋନିକ୍ସ ପାଖରେ ସମସ୍ତ ପ୍ରତିଷ୍ଠିତ କମ୍ପାନୀର ଏସି ରହିଛି। କେଉଁ ଘର ପାଇଁ କି ପ୍ରକାର ଏସି ଆବଶ୍ୟକ ସେ ସମ୍ପର୍କରେ ଗ୍ରାହକଙ୍କୁ ସଚେତନ କରାଯାଉଛି।

ସୂଚନା ଥାଉକି, ୨୦୨୬ ଆରମ୍ଭରେ ଏୟାର କଣ୍ଡିଶନର(ଏସି) ମୂଲ୍ୟ ପ୍ରାୟ ୫-୮% ବୃଦ୍ଧି ପାଇବାକୁ ଯାଉଛି, ୨୦୨୫ ଶେଷ ଭାଗରୁ କିଛି ମୂଲ୍ୟ ସଂଶୋଧନ ଆରମ୍ଭ ହୋଇସାରିଛି। ବର୍ଦ୍ଧିତ ଇନପୁଟ୍ ଖର୍ଚ୍ଚ, ମୁଦ୍ରା ପରିବର୍ତ୍ତନ ଓ ଯୋଗାଣ ଶୃଙ୍ଖଳା ସମସ୍ୟା ଯୋଗୁଁ ମୂଲ୍ୟ ବୃଦ୍ଧି ପାଉଛି। ଏହା ମଧ୍ୟରେ ଶିଳ୍ପ ବିଶେଷଜ୍ଞମାନଙ୍କ ମତରେ, ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ। ଗ୍ରାହକ ଥରେ ଏସି କିଣିଲେ ୮ରୁ ୧୦ ବର୍ଷ ଯାଏଁ ବ୍ୟବହାର କରିଥା'ନ୍ତି। ତେଣୁ ସମ୍ଭାବ୍ୟ ଉଚ୍ଚମୂଲ୍ୟ ଏବଂ ସୀମିତ ଉପଲବ୍ଧତାକୁ ଏଡାଇବା ପାଇଁ ଗ୍ରୀଷ୍ମ ଋତୁ ପାଇଁ ଅପେକ୍ଷା କରିବା ଅପେକ୍ଷା ପୂର୍ବରୁ ଏକ ଏସି କିଣିନେବା ଲାଭଦାୟକ ହୋଇଥାଏ।

ବର୍ଷକର ଯାତ୍ରା ଚାଲୁଚାଲୁ ସରିଗଲା। ବିଦାୟ ନେଉଛି ୨୦୨୫ ଓ ପୃଥିବୀରେ ପାଦ ଥାପୁଛି ନୂଆବର୍ଷ ୨୦୨୬। ନବୀନ ଓ ପ୍ରବୀଣ କେତେ ଲେଖିକାଲେଖକ, ଓଡ଼ିଶାର ଏ ପ୍ରାନ୍ତରୁ ସେ ପ୍ରାନ୍ତ, ପୁଣି କେତେ ପ୍ରବାସୀ- 'ସାହିତ୍ୟାୟନ'କୁ ସମୃଦ୍ଧ କରିଗଲେ ସ୍ୱତଃ, ନାନା ଭାବେ। ଆମ ଭାଷା-ସାହିତ୍ୟର ବର୍ଷ-ପୂରାଣିର ଗୌରବ-ପାତ୍ର ହେଲା 'ଧରିତ୍ରୀ'- 'ସାହିତ୍ୟାୟନ'। ଜାତୀୟ ଓ ଅନ୍ତର୍ଜାତୀୟ ନାନା ସାରସ୍ୱତ ଘଟଣାବଳୀର ହେଲା ଅକ୍ଷର-ସାକ୍ଷୀ। ନିଜର ଅମୂଲ୍ୟ ଅବଦାନ ପାଇଁ ରାଜ୍ୟ ଏବଂ ଜାତୀୟସ୍ତରରେ ବହୁ ସ୍ରଷ୍ଟା ପୁରସ୍କୃତ ଓ ସମ୍ମାନିତ ହେଲେ। ସେମାନଙ୍କ ସଫଳତା ପ୍ରତି ନିବେଦିତ ରହିଲା ଆମ ଶ୍ରଦ୍ଧା ଓ ଆଦର। ଯେଉଁ ଯଶସ୍ୱୀ ସାରସ୍ୱତ ସାଧିକାସାଧକମାନେ କାଳବଶରେ ଆମକୁ ସଂସର୍ଗ-ବଞ୍ଚିତ କରି ବିଦାୟ ନେଲେ, ସେମାନଙ୍କର ଗୋଟିଗୋଟି ସ୍ମୃତି ଅନେକ ଦିନଯାଏ ଆମର ପ୍ରେରଣା ହୋଇ ରହିଲା ଓ ରହିଥିବ। 'ସାହିତ୍ୟାୟନ'ର ସମସ୍ତ ପାଠିକାପାଠକ ଓ ଲେଖିକାଲେଖକଙ୍କୁ ଆମର ନୂଆବର୍ଷ ୨୦୨୬ର ଅନେକ ଅନେକ ଶୁଭେଚ୍ଛା!

## ଶତବର୍ଷ ଶ୍ରଦ୍ଧାଞ୍ଜଳି...



୨୨ ଡିସେମ୍ବର ୨୦୨୫ରୁ ଆରମ୍ଭ ହେଲା ଓଡ଼ିଆ କଥା-ସାହିତ୍ୟର ପିତାମହ ମହାପାତ୍ର ନୀଳମଣି ସାହୁଙ୍କର ଜନ୍ମ ଶତବର୍ଷ। ୧୯୨୬ର ଏହି ଦିନରେ ସେ କଟକ ଜିଲ୍ଲା ନିଆଳିରେ ଜନ୍ମ ଗ୍ରହଣ କରିଥିଲେ। ୧୯୮୧ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ', ୧୯୮୩ରେ 'ଶାରଳା ପୁରସ୍କାର', ୧୯୮୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୦୬ରେ 'ସାହିତ୍ୟ ଭାରତୀ' ଓ ୨୦୦୮ରେ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର'ରେ ସେ ସମ୍ମାନିତ ହୋଇଥିଲେ। 'ଧରିତ୍ରୀ' ପ୍ରକାଶନ ଦିନଠାରୁ ଶେଷନିଃଶ୍ୱାସ ପର୍ଯ୍ୟନ୍ତ ସେ ଥିଲେ 'ଧରିତ୍ରୀ'ର ପରମ ଶୁଭାକାଂକ୍ଷୀ।


ପ୍ରତିଭା ଶତପଥୀ


ରାଜକିଶୋର ପାଢ଼ୀ


ସୁବ୍ରତ କୁମାର ସେନାପତି


ଦେବଦାସ ଛୋଟରାୟ


ଶୈଳଜ ରବି

# କଲମ ଚଳାଇ କୀର୍ତ୍ତିମାନ ହେଲେ ଯେଉଁମାନେ...

୨୦୨୫ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି କବୟିତ୍ରୀ ପ୍ରତିଭା ଶତପଥୀ। ସାହିତ୍ୟ ଅକାଦେମୀ 'ବାଲ୍ ସାହିତ୍ୟ ପୁରସ୍କାର' ଓ 'ଯୁବ ପୁରସ୍କାର' ପାଇଛନ୍ତି ଯଥାକ୍ରମେ କବି ରାଜକିଶୋର ପାଢ଼ୀ ଓ କଥାକାର ସୁବ୍ରତ କୁମାର ସେନାପତି। ମାର୍ଚ୍ଚ ୨୦୨୫ରେ ଘୋଷିତ ୨୦୨୪ର ଅନୁବାଦ ପୁରସ୍କାର ୨୪ ଅକ୍ଟୋବରରେ ପ୍ରଦାନ କରାଯାଇଛି ଅନୁବାଦକ ସୁଭାଷ ଶତପଥୀଙ୍କୁ। 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ' ପକ୍ଷରୁ ପ୍ରଦତ୍ତ ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର'ରେ ଅଭିନନ୍ଦିତ ହୋଇଛନ୍ତି କଥାସ୍ରଷ୍ଟା ଦେବଦାସ ଛୋଟରାୟ। 'ଗଙ୍ଗାଧର ରଥ ଫାଉଣ୍ଡେଶନ' ପ୍ରଦତ୍ତ ଅଭିଜାତ 'ସାହିତ୍ୟ-ଭାରତୀ' ପୁରସ୍କାର ଲାଭ କରିଛନ୍ତି କବି ଶୈଳଜ ରବି ଓ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ପାଇଛନ୍ତି କବି ସୂର୍ଯ୍ୟ ମିଶ୍ର। ଯଶୋୱନ୍ତରାଓ ଚୌହାନ୍ ମହାରାଷ୍ଟ୍ର ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦତ୍ତ 'କୁସୁମାଗ୍ରଜ ଜାତୀୟ ପୁରସ୍କାର'ରେ ପୁରସ୍କୃତ ହୋଇଛନ୍ତି କବି ହରପ୍ରସାଦ ଦାସ। 'ପ୍ରଜାତନ୍ତ୍ର ପ୍ରଚାର ସମିତି' ପ୍ରଦତ୍ତ 'ବିଷୁବ ପୁରସ୍କାର' ମିଳିଛି କବୟିତ୍ରୀ ଅପର୍ଣ୍ଣା ମହାନ୍ତିଙ୍କୁ। 'ଝଙ୍କାର' କବିତା ପୁରସ୍କାର ଓ ଗଳ୍ପ ପୁରସ୍କାର ପ୍ରାପ୍ତ ହୋଇଛନ୍ତି ଯଥାକ୍ରମେ କବୟିତ୍ରୀ ରଂଜିତା ନାୟକ ଓ ଗାଳ୍ପିକ କ୍ଷୀରୋଦ ଦାସ। ପ୍ରତିଭା ରାୟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସମ୍ମାନିତ ହୋଇଛନ୍ତି ଔପନ୍ୟାସିକା ଲୋପାମୁଦ୍ରା ମିଶ୍ର 'ଅକ୍ଷୟ ଉପନ୍ୟାସ ସମ୍ମାନ'ରେ। 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ ପ୍ରଥମ ଥର ପାଇଁ ପ୍ରବର୍ତ୍ତିତ 'ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ'ରେ ଭୂଷିତ ହୋଇଛନ୍ତି ସମାଲୋଚକ ଦାଶରଥି ଦାସ। ଏହି ଅନୁଷ୍ଠାନ ପ୍ରଦତ୍ତ 'ଜେମାସାମନ୍ତ ସୃଜନୀ ପୁରସ୍କାର'ର ଅଧିକାରୀ ହୋଇଛନ୍ତି ଅଧ୍ୟାପକ ବିଶ୍ୱରଂଜନ। ଏ ସମସ୍ତ ପ୍ରତିଭାଦୀପ୍ତ ଲେଖିକାଲେଖକଙ୍କୁ 'ଧରିତ୍ରୀ'ର ଉଷ୍ମ ଅଭିନନ୍ଦନ!


ସୂର୍ଯ୍ୟ ମିଶ୍ର


ହରପ୍ରସାଦ ଦାସ


ଅପର୍ଣ୍ଣା ମହାନ୍ତି


ରଂଜିତା ନାୟକ


କ୍ଷୀରୋଦ ଦାସ


ଲୋପାମୁଦ୍ରା ମିଶ୍ର


ଦାଶରଥି ଦାସ


ଅଧ୍ୟାପକ ବିଶ୍ୱରଂଜନ


ସୁଭାଷ ଶତପଥୀ

# କଲମ ଥୋଇ ଆମ ଗହଣରୁ ଚାଲିଗଲେ ଯେଉଁମାନେ...


ରମାକାନ୍ତ ରଥ


ସୁରେନ୍ଦ୍ର ନାଥ ମହାରଣା


ବିନୋଦ କୁମାର ପଶାୟତ


ଧରଣୀଧର ସାହୁ


ରାଜେନ୍ଦ୍ର କିଶୋର ପଣ୍ଡା


ସୁକାନ୍ତ ସୁବୁଦ୍ଧି


ଦେବପ୍ରିୟ ଦାଶ


ଶଙ୍କର୍ଷଣ ପରିଡ଼ା

୨୦୨୫ରେ ଆମକୁ ବିମର୍ଷ କରି ଯେଉଁମାନେ ଇହଲୀଳା ସମ୍ବରଣ କଲେ, ସେମାନଙ୍କ ଶୂନ୍ୟସ୍ଥାନ ପୂରଣ ହେବାକୁ ଲାଗିଯିବ ବହୁ ବର୍ଷ। ଆମ ଗହଣରୁ ୧୬ ମାର୍ଚ୍ଚରେ ବିଦାୟ ନେଇଛନ୍ତି 'ଶ୍ରୀରାଧା'ର କବି ରମାକାନ୍ତ ରଥ, ସେହିଦିନ ବନ୍ଧୁ, ପରିଜନଙ୍କୁ ଠକି ପରଲୋକକୁ ବାଟ କାଟିଛନ୍ତି ଗବେଷକ ଓ ଅନୁବାଦକ ଦେବପ୍ରିୟ ଦାଶ। ଗବେଷକ ସୁରେନ୍ଦ୍ର ନାଥ ମହାରଣା(ଅଧ୍ୟାପକ) ୧୩ ଜୁଲାଇରେ ଓ ସମ୍ବଲପୁରୀ-ଲୋକଗୀତିକାର ବିନୋଦ କୁମାର ପଶାୟତ(ପଦ୍ମଶ୍ରୀ) ୨୦ ଅଗଷ୍ଟରେ ଇହଧାମରୁ ବିଦାୟ ନେଇଛନ୍ତି। ୨୧ ଅକ୍ଟୋବରରେ ଔପନ୍ୟାସିକ ଧରଣୀଧର ସାହୁ, ୨୪ ଅକ୍ଟୋବରରେ 'ଶୈଳକଳ୍ପ'ର କବି ରାଜେନ୍ଦ୍ର କିଶୋର ପଣ୍ଡା, ୨୫ ଅକ୍ଟୋବରରେ କବି ସୁକାନ୍ତ ସୁବୁଦ୍ଧି ଓ ୩୦ ଅକ୍ଟୋବରରେ କବି ଶଙ୍କର୍ଷଣ ପରିଡ଼ାଙ୍କ ଜୀବନ-ଦୀପ ଲିଭିଯାଇଛି। ଓଡ଼ିଆ ଭାଷା ପ୍ରତି ସମର୍ପିତ ଥିଲେ ଏଇ ସବୁ ସାହିତ୍ୟ-ରଥୀ। ଶେଷନିଃଶ୍ୱାସ ଯାଏ ହାତରେ ଥିଲା କଲମ, ଅବଲୀଳାକ୍ରମେ ଚାଲିଗଲେ ଅଫେରା ରାଇଜକୁ କଲମ ଥୋଇ। 'ଧରିତ୍ରୀ'ର ଯାତ୍ରାପଥରେ ଏମାନେ ଥିଲେ ଉଣାଅଧିକେ ଆମର ସହଗାମୀ ପଥିକ। ଏମାନଙ୍କ ସ୍ମୃତି ପ୍ରତି 'ସାହିତ୍ୟାୟନ'ର ଗଭୀର ଶ୍ରଦ୍ଧାଞ୍ଜଳି...

## କାଳକାଳକୁ

"ଯହିଁରେ ଭାବ ନାହିଁ, ଯାହା ରସହୀନ;
ତାହା ହୃଦୟ ନୁହେଁ, ପଥର ।"
– ମୈଥିଳୀ ଶରଣ ଗୁପ୍ତ



"ଆକ୍ରମଣ କରୁଥିବା ଶତ୍ରୁଙ୍କୁ ଡର ନାହିଁ,
ଡର ତୋଷାମଦି କରୁଥିବା ବନ୍ଧୁଙ୍କୁ ।"
– ଡେଲ୍ କାର୍ନେଗୀ



"ସେଇ ବହିଟି ମହତ୍ତ୍ୱପୂର୍ଣ୍ଣ, ଯାହା
ଆପଣଙ୍କ ପାଇଁ କିଛି ଅର୍ଥ ରଖେ ।"
– ୱିଲିୟମ୍ ସମରସେଟ୍ ମମ୍



"ପ୍ରଥମ ପ୍ରେମ ଯଥାର୍ଥ ପ୍ରେମ,
ତା'ପର ପ୍ରେମ ଆପଣାକୁ
ଭୁଲାଇବା ଓ ଭ୍ରମିତ କରିବା ।"
– ମନ୍ନୁ ଭଣ୍ଡାରୀ



"ହସ କୌତୁକଠୁଁ ବଳି ସଂକ୍ରାମକ
ପୃଥିବୀରେ ଆଉ କିଛି ନାହିଁ ।"
– ଚାର୍ଲସ୍ ଡିକେନ୍ସ



"ପୃଥିବୀରେ ଆମର ପ୍ରତି ପଦପାତ
ଆମକୁ ଏକ ନୂଆ ଦୁନିଆକୁ ନେଇଯାଏ ।"
– ଫେଡେରିକୋ ଗାର୍ସିଆ ଲୋର୍କା



"ପୁରୁଷ ଏଯାଏଁ ନାରୀ ସହ
ଶୋଇବା ଶିଖିଛି, ବଞ୍ଚିବା ଶିଖିନାହିଁ ।"
– ଅମ୍ରିତା ପ୍ରୀତମ୍



"ଶବ୍ଦସବୁ ହେଉଛନ୍ତି
ଗୁଳିଭରା ପିସ୍ତଲ ।"
– ଜାଁ ପଲ୍ ସାର୍ତ୍ରେ



"ଅନ୍ତର୍ଲୋକକୁ ଯାତ୍ରା ହିଁ
ଜୀବନର ଏକମାତ୍ର ଯାତ୍ରା ।"
– ରାଇନର ମାରିଆ ରିଲ୍କେ



"ଏକ ଶାନ୍ତ ମନ
ସବୁ ପ୍ରତିକୂଳତାକୁ ଜୟ କରେ ।"
– ଆର୍.କେ. ନାରାୟଣ



"ମଣିଷ ଜନ୍ମତଃ ଅଜ୍ଞାନ,
ମୂର୍ଖ ନୁହେଁ;
ଶିକ୍ଷା ତାକୁ ମୂର୍ଖ ବନାଏ ।"
–ବର୍ଟ୍ରାଣ୍ଡ ରସେଲ୍



"ସଂଘର୍ଷରୁ ଆରମ୍ଭ ପୁରୁଷର
ଜୀବନ, ସ୍ତ୍ରୀର ସମର୍ପଣରୁ ।"
– ମହାଦେବୀ ବର୍ମା



"ନିଜକୁ ସର୍ବଜ୍ଞ ମଣୁଥିବା ବ୍ୟକ୍ତି ନିର୍ବୋଧ,
ଜିଜ୍ଞାସାରେ ନିହିତ ଥାଏ ପ୍ରଜ୍ଞା ।"
– ମିଲାନ୍ କୁନ୍ଦେରା



"ଯଦି ଅନ୍ୟର ଗପ ତମ ମନକୁ
ପାଉନାହିଁ, ତେବେ ତମ ଗପ
ତମେ ନିଜେ ଲେଖ ।"
– ଚିନୁଆ ଆଚେବି



"ଥିଲାବାଲାଙ୍କର ନୈତିକତା,
ଆଉ ନ ଥିଲାବାଲାଙ୍କର ଧର୍ମ ।"
– ଖୁସୱନ୍ତ ସିଂହ




ଯୋଗାଯୋଗ: E-mail:dharitrisahityayana@gmail.com

# ଧରିତ୍ରୀ DHARITRI

ଧରିତ୍ରୀ 52 Years

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୭/୨୦୨୫ Bhubaneswar, Saturday, December 27/ 2025






କୋମଳ ଆଖିକୁ ରଖନ୍ତୁ STRAIN FREE

ସମ୍ପୂର୍ଣ୍ଣ ସ୍ୱଦେଶୀ, ସମ୍ପୂର୍ଣ୍ଣ ଆୟୁର୍ବେଦିକ

Clinically Tested*

#VocalforLocal

24x7 Helpline: 8196822222 • www.eyemantra.com • Available at all leading medical stores

12 ଗୁଣକାରୀ ଆୟୁର୍ବେଦିକ ଔଷଧ ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୁଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍‌ସ ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସକରି ତାହାକୁ ସୁସ୍ଥ ଓ ଶୀତଳ ରଖିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।

Dr. Juneja's ଆଇ ମନ୍ତ୍ରା ®

Ayurvedic Eye Relief Drops

• Eye Strain • Eye Dryness • Eye Tiredness • Eye Freshness • Eye Cleanliness


# ରାଜେଶଙ୍କ ହ୍ୟାଟ୍ରିକ୍: ଓଡ଼ିଶାର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୬ା୧୨ (ତପନ ସ୍ୱାଇଁ)**

ବେଙ୍ଗାଲୁରୁର ଅଲୁରଠାରେ ଶୁକ୍ରବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ ଟୁର୍ନାମେଣ୍ଟରେ ଓଡ଼ିଶା ୪ ଉଇକେଟରେ ସର୍ଭିସେସକୁ ପରାସ୍ତ କରିଛି। ଓଡ଼ିଶାର ପ୍ରଥମ ଖେଳାଳିଭାବେ ଦ୍ରୁତ ବୋଲର ରାଜେଶ ମହାନ୍ତି ଲିଷ୍ଟ-ଏ କ୍ରିକେଟରେ ହ୍ୟାଟ୍ରିକ ଅର୍ଜନ କରି ବିରଳ ସଫଳତା ପାଇଥିବାବେଳେ ସମ୍ବିତ ବରାଳଙ୍କ ଘାତକ ବୋଲିଂ କରି ଓଡ଼ିଶାକୁ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା

## ବିଜୟ ହଜାରେ ଟ୍ରଫି

ନିର୍ବାହ କରିଛନ୍ତି। ପ୍ରଥମ ମ୍ୟାଚରେ ସୌରାଷ୍ଟ୍ରଠାରୁ ହାରି ଯାଇଥିବା ଓଡ଼ିଶା ୨ ମ୍ୟାଚରୁ ପ୍ରଥମ ବିଜୟ ହାସଲ କରିଛି। ଓଡ଼ିଶା ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହିତ ୪ ପଏଣ୍ଟ ଅର୍ଜନ କରି ଏଲିଟ୍ ଗ୍ରୁପ୍-ଡି'ରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ହ୍ୟାଟ୍ରିକ୍ ଅର୍ଜନକାରୀ ରାଜେଶପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଛନ୍ତି ଓଡ଼ିଶା ଦଳ ଆସନ୍ତା ୨୯ ତାରିଖରେ ପରବର୍ତ୍ତୀ ମ୍ୟାଚ୍ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବ।




ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ରାଜେଶ ମହାନ୍ତି।

### ହ୍ୟାଟ୍ରିକ ନେବାରେ ରାଜେଶ ପ୍ରଥମ ଓଡ଼ିଆ

ଟସ୍ ଜିତି ଓଡ଼ିଶା ଦଳର ଅଧିନାୟକ ବିପ୍ଳବ ସାମନ୍ତରାୟ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ରାଜେଶ ମହାନ୍ତି ଇନିଂସର ୭ମ ଓଭରରେ ଉଇକେଟ ନେବାରେ ହ୍ୟାଟ୍ରିକ କରି ସର୍ଭିସେସକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ସେ ଏହି ଓଭରର ପ୍ରଥମ ବଲରେ ସାଗର ଦାହିୟା (୯)ଙ୍କୁ କ୍ଲିନ ବୋଲ୍ଡ କରିଥିବା ବେଳେ ଦ୍ୱିତୀୟ ବଲରେ ଅମିତ ଶୁକ୍ଳା(୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଓ ତୃତୀୟ ବଲରେ ରବି ଚୌହ୍ୱାନ(୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ହ୍ୟାଟ୍ରିକ ପୂରଣ କରିଥିଲେ। ରାଜେଶଙ୍କ ପରି ଚମତ୍କାର ବୋଲିଂ କରିଥିବା ସମ୍ବିତ କ୍ରମାଗତ ଓଭରରେ ୪ ଉଇକେଟ ନେଇ ସର୍ଭିସେସ୍‌ର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ୧୧.୨ ଓଭର ସୁଦ୍ଧା ସର୍ଭିସେସ ୩୫ ରନରେ ୭ ଉଇକେଟ ହରାଇ ସଙ୍କଟରେ ଥିଲା। ଏଭଳି ପରିସ୍ଥିତିରେ ପୁନମ ପୁନିଆ ଓ ଅର୍ଜୁନ ଶର୍ମା ଅଷ୍ଟମ ଉଇକେଟରେ ୨୯ ରନ ଯୋଡ଼ି ଦଳୀୟ ସ୍କୋରକୁ ୬୪ ରନରେ ପହଞ୍ଚାଇଥିଲେ। କ୍ରମାଗତ ବ୍ୟବଧାନରେ ଅନ୍ତିମ ଦୁଇ ଉଇକେଟ ପଡ଼ିବାରୁ ସର୍ଭିସେସ ୨୧.୫ ଓଭରରେ ୮୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଓଡ଼ିଶା ପାଇଁ ରାଜେଶ ଓ ସମ୍ବିତ ୪ଟି ଲେଖାଏ ଏବଂ ବାଦଲ ବିଶ୍ୱାଳ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ପ୍ରଥମ ଦୁଇ ଓଭରରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ଗତ ମ୍ୟାଚ୍‌ରେ ଦ୍ୱିଶତକୀୟ ଇନିଂସ ଖେଳିଥିବା ସ୍ୱସ୍ତିକ ସାମଲ ଖାତା ଖୋଲି ପାରି ନଥିବା ବେଳେ ଓମ୍ ଟି ମୁଣ୍ଡେ ୧ ରନ କରି ଆଉଟ୍ ହୋଇଥିଲେ। ଏହାପରେ ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ତୃତୀୟ ଉଇକେଟରେ ୩୭ ରନ ଯୋଡ଼ି ଦଳୀୟ ସ୍କୋରକୁ ୪୦ ରନରେ ପହଞ୍ଚାଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଗୋବିନ୍ଦ ପୋଦ୍ଦାର (୧୧), ସମ୍ବିତ ବରାଳ (୭), ଅଧିନାୟକ ବିପ୍ଳବ ସାମନ୍ତରାୟ (୪) ଓ ରାଜେଶ ମହାନ୍ତି(୧୨)ଙ୍କ ଉଇକେଟ ହରାଇଥିଲା। ପ୍ରୟାସ ସିଂ (୯ ରନ, ୧ ଚୌକା)ଙ୍କ ସହ ମିଶି ସନ୍ଦୀପ (୩୨ ରନ, ୪ ଚୌକା) ମ୍ୟାଚ୍ ଫିନିଶ୍ କରିଥିଲେ। ଓଡ଼ିଶା ୨୪.୩ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସର୍ଭିସେସ ପାଇଁ ପୁନମ ପୁନିଆ ୪ ଓ ନୀତୀନ ଯାଦବ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସର୍ଭିସେସ ୨୧.୫ ଓଭରରେ ୮୩/ଅଲଆଉଟ୍ (ପୁନମ ପୁନିଆ-୨୫, ରାଜେଶ ମହାନ୍ତି-୪/୨୫, ସମ୍ବିତ ଏସ୍ ବରାଳ-୪/୨୧)। ଓଡ଼ିଶା ୨୪.୩ ଓଭରରେ ୮୪/୬ (ସନ୍ଦୀପ ପଟ୍ଟନାୟକ-୩୨*, ପୁନମ ପୁନିଆ-୪/୨୭, ନୀତୀନ ଯାଦବ-୨/୨୦)।

# ଭାରତ ସିରିଜ ବିଜୟୀ

**ଥିରୁଭାନନ୍ତପୁରମ, ୨୬ା୧୨**

ରେଣୁକା ସିଂ ଓ ଦୀପ୍ତି ଶର୍ମାଙ୍କ ଚମତ୍କାର ବୋଲିଂ ପରେ ଶେଫାଳି ବର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଭାରତୀୟ ମହିଳା କ୍ରିକେଟ ଦଳ ଶୁକ୍ରବାର ୮ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଶ୍ରୀଲଙ୍କା ୨୦ ଓଭରରେ ୭ ଉଇକେଟ ହରାଇ ୧୧୨ ରନ କରିଥିବାବେଳେ ଭାରତ ୧୩.୨ ଓଭରରେ ୨ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରି ନେଇଥିଲା। ଏଥିସହ ୩-୦ରେ ଅଗ୍ରଣୀ ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ଆଗୁଆ ଜିତି ନେଇଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ଇନିଂସ ୧୧୨ରେ ସୀମିତ୍ ରହିଥିଲା। ଇମେଶା ଦୁଲାନି ସର୍ବାଧିକ ୨୭ ରନ କରିଥିଲେ। ଭାରତ ପକ୍ଷରୁ ରେଣୁକା ସିଂ ୪ଟି ଓ ଦୀପ୍ତି ଶର୍ମା ୩ଟି ଉଇକେଟ ନେଇଥିଲେ। ଜବାବରେ ଭାରତ ସ୍ମୃତି ମନ୍ଧାନା (୧)ଙ୍କ ଉଇକେଟ ଶୀଘ୍ର ହରାଇଥିଲେ ହେଁ ଶେଫାଳିଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଆହୁରି ୪୦ ବଲ୍ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଶେଫାଳି ୪୨ ବଲ୍‌ରୁ ୭୯ (୧୧ ଚୌକା, ୩ ଛକା) ଓ ଅଧିନାୟିକା ହରମନପ୍ରୀତ କୌର ୨୧ ରନରେ ଅପରାଜିତ ରହି ଦଳର ବିଜୟରେ ମୁଣ୍ଡି ମାରିଥିଲେ। ଶ୍ରୀଲଙ୍କା ପକ୍ଷରୁ କଭିଶା ଦିଲହାରି ୨ଟି ଯାକ ଉଇକେଟ ନେଇଥିଲେ। ମାତ୍ର ୨୧ ରନରେ ୪ ଉଇକେଟ ନେଇଥିବା ରେଣୁକା ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ରେଣୁକା ସିଂ।

# ମୁମ୍ବାଇ ବ୍ୟାଟର ରଘୁବଂଶୀ ହସ୍ପିଟାଲରେ

**ଜୟପୁର, ୨୬ା୧୨ (ପି.ଟି.):** ମୁମ୍ବାଇ ଓପନର ଅଙ୍ଗକ୍ରିଶ ରଘୁବଂଶୀଙ୍କର କାନ୍ଧ ଓ ବେକରେ ଆଘାତ ଲାଗିବାରୁ ତାଙ୍କ ମସ୍ତିଷ୍କରେ ସମସ୍ୟା ଦେଖାଦେଇଥିଲା। ଏଠାରେ ତାଙ୍କ ଦଳର ଉତ୍ତରାଖଣ୍ଡ ବିପକ୍ଷ ବିଜୟ ହଜାରେ ମ୍ୟାଚ୍‌ରେ ଏକ କଷ୍ଟସାଧ୍ୟ କ୍ୟାଚ ଧରିବା ଲାଗି ପ୍ରୟାସ କରୁଥିବା ବେଳେ ଆଘାତପ୍ରାପ୍ତ ହୋଇଛନ୍ତି। ୩୦ ତମ ଓଭରରେ ଅଫ୍-ସ୍ପିନର ତନୁଶ କୋଟିଆନ ବୋଲିଂ କରିଥିବା ବେଳେ ଏହି ଘଟଣା ଘଟିଥିଲା। ଡାହାଣହାତୀ ବ୍ୟାଟର ସୌରଭ ରାୱତ କୋଟିଆନଙ୍କ ଏକ ବଲ୍‌ରେ ଏକ ସ୍ଲଗ-ସୁଇପ୍ ଖେଳିବାକୁ ଯାଉଥିବା ବେଳେ ଡିପ୍ ମିଡ୍-ଉଇକେଟ ଅଞ୍ଚଳରେ ମୁତୟନ ଥିବା ରଘୁବଂଶୀ ଡିପ୍ ମିଡ୍-ଉଇକେଟ ଅଞ୍ଚଳରେ ଏକ କ୍ୟାଚ ଗୋଟିଏ ହାତରେ ଧରିବାକୁ ଉଦ୍ୟମ କରୁଥିବା ବେଳେ ତଳେ କଚାଡ଼ି ହୋଇ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଓ କାନ୍ଧ ଭୂମିରେ ମାଡ଼ ହୋଇଥିଲା। ମୁମ୍ବାଇ ଫିଜିଓ ତୁରନ୍ତ ପଡ଼ିଆ ମଝିକୁ ଯାଇ ରଘୁବଂଶୀଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ।

# ପ୍ରଥମ ଦିନରେ ୨୦ ଉଇକେଟ ପତନ

**ମେଲବୋର୍ନ, ୨୬ା୧୨(ଏପି)**

ସ୍ଥାନୀୟ ଏମ୍‌ସିଜି ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚତୁର୍ଥ ଆଶେସ ଟେଷ୍ଟ କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୭୫.୧ ଓଭରରେ ଉଭୟ ଦଳର ୨୦ ଉଇକେଟ ପତନ ଘଟିଛି। ଘରୋଇ ଅଷ୍ଟ୍ରେଲିଆ ୧୫୨ ରନରେ ଅଲଆଉଟ୍ ହେବା ପରେ ମଧ୍ୟ ପ୍ରଥମ ଇନିଂସରେ ୪୨ ରନର ଅଗ୍ରଣୀ ହାସଲ କରିଛି।

## ଚତୁର୍ଥ ଆଶେସ ଟେଷ୍ଟ

ଏହି ମ୍ୟାଚ୍ ଲାଗି ୯୪,୧୯୯ ସଂଖ୍ୟାରେ ଦର୍ଶକ ଯୋଗ ଦେଇଥିଲେ, ଯାହାକି ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ ଇତିହାସରେ ସର୍ବାଧିକ। ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ୨୦୧୫ ଦିନିକିଆ ବିଶ୍ୱକପ୍ ଫାଇନାଲ ଲାଗି ୯୩,୦୧୩ ସଂଖ୍ୟକ ଦର୍ଶକ ଯୋଗ ଦେଇଥିଲେ, ଯାହାକି ପୂର୍ବରୁ ରେକର୍ଡ ଥିଲା। ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ଅଷ୍ଟ୍ରେଲିଆ ତା'ର ଦ୍ୱିତୀୟ ଇନିଂସରେ ବିନା କ୍ଷତିରେ ୪ ରନ କରିଛି। ମ୍ୟାଚ୍‌ରେ ଆହୁରି ୪ ଦିନ ବାକି ଥିବା ବେଳେ ଅଷ୍ଟ୍ରେଲିଆ ହାତରେ ୧୦ ଉଇକେଟ ରଖି ୪୬ ରନ ଆଗରେ ରହିଛି। ବକ୍ସିଂ ଡେ'ର ଟେଷ୍ଟର ପ୍ରଥମ ଦିନରେ ୨୦ ଉଇକେଟ ପଡ଼ିବା ମଧ୍ୟ ଏକ ରେକର୍ଡ। ପୂର୍ବରୁ ୧୯୯୮ ବକ୍ସିଂ ଡେ' ଆଶେସ ଟେଷ୍ଟରେ ପ୍ରଥମ ଦିନରେ ୧୮ ଉଇକେଟ ପଡ଼ିଥିଲା। ତେବେ ଲର୍ଡ୍ସଠାରେ ଖେଳାଯାଇଥିବା ୧୮୮୮ ଆଶେସ ଟେଷ୍ଟର ପ୍ରଥମ ଦିନ ସର୍ବାଧିକ ୨୭ ଉଇକେଟର ପତନ ଘଟିଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୫୨/ଅଲଆଉଟ୍ (ମାଇକେଲ ନେସର-୩୫, ଉସମାନ ଖ୍ୱାଜା-୨୯, ଜୋଶ ଟଙ୍ଗ-୫/୪୫, ଗସ୍ ଆଟକିନସନ-୨/୨୮)। ଇଂଲଣ୍ଡ ପ୍ରଥମ ଇନିଂସ: ୧୧୦/ଅଲଆଉଟ୍ (ହ୍ୟାରୀ ବ୍ରୁକ-୪୧, ଗସ୍ ଆଟକିସନ-୨୮, ମାଇକେଲ ନେସର-୪/୪୫, ସ୍କଟ ବୋଲାଣ୍ଡ-୩/୩୦, ମିଚେଲ ଷ୍ଟାର୍କ-୨/୨୩)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୪/୦।

# ପ୍ରୀତିସ୍ମିତା, କାଳୁଚରଣଙ୍କୁ 'ଓସ୍‌ଜା' ପୁରସ୍କାର

**ଭୁବନେଶ୍ୱର, ୨୬ା୧୨ (ବିଜୟ ରଣା)**

ପ୍ରତିଭାସମ୍ପନ୍ନ ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଏବଂ ମହାନ ହକିପ୍ରଶିକ୍ଷକ କାଳୁଚରଣ ଚୌଧୁରୀଙ୍କୁ ମିଳିବ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ପୁରସ୍କାର। ପ୍ରୀତିସ୍ମିତାଙ୍କୁ ୨୦୨୫ ମସିହାର ଶ୍ରେଷ୍ଠ ଓଡ଼ିଶା ଖେଳାଳି ଏବଂ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ ପ୍ରଦାନ କରାଯିବ। ୨୦୨୬ ଜାନୁଆରୀ ୧୮ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କୁ 'ଓସ୍‌ଜା' ବାର୍ଷିକ ପୁରସ୍କାର ବାବଦରେ ନଗଦ ୨୫ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ପ୍ରଦାନ କରାଯିବ। 'ଓସ୍‌ଜା'ର ଏକ ୭ ଜଣିଆ ବିଚାରକମଣ୍ଡଳୀ ଉଭୟଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରିଛନ୍ତି।

ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିରନ୍ତର ପଦକ ହାସଲ କରୁଥିବା ପ୍ରୀତିସ୍ମିତା ଏସୀୟ ଯୁବ ଭାରୋତ୍ତୋଳନ, ବିଶ୍ୱ ଯୁବ ଭାରୋତ୍ତୋଳନରେ ବିଶ୍ୱ ରେକର୍ଡ ଏବଂ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ୩ ରେକର୍ଡ ସହ ୩ ସ୍ୱର୍ଣ୍ଣ ପଦକ ହାସଲ କରି ଚର୍ଚ୍ଚାରେ ରହିଥିଲେ। ସେହିଭଳି କ୍ରୀଡ଼ା ଓ ଯୁବସେବା ବିଭାଗରୁ ଅବସର ନେଇ ସାରିଥିବା ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ସାଢ଼େ ୩ ଦଶନ୍ଧି ଧରି ଡଜନେ ଅନ୍ତର୍ଜାତୀୟ ଖେଳାଳି ଗଢ଼ି ତୋଳିବା ସହ ଜାତୀୟ ସ୍ତରରେ ଓଡ଼ିଶାକୁ ଏକାଧିକ ଥର ପଦକ ବିଜେତା କରାଇଛନ୍ତି। ହକି ନିଶା ପାଇଁ ସେ ଏବେ ବି ରାଉରକେଲାରେ ହକି ପ୍ରଶିକ୍ଷଣ ସହିତ ଜଡ଼ିତ ରହି ନିଜ ସାଧନା ଜାରି ରଖିଛନ୍ତି।

ଅଲ୍ ଇଣ୍ଡିଆ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ସହ ଅନୁବନ୍ଧିତ 'ଓସ୍‌ଜା' ୨୦୧୮ ମସିହାରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି। ପ୍ରଥମ ବର୍ଷର ବିଜେତା ଥିଲେ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟ୍‌ବଲର ଦେବ ସିଂ ଓ ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ମୁଷ୍ଟିଯୁଦ୍ଧ ପ୍ରଶିକ୍ଷକ ବ୍ରିଜଭୂଷଣ ମହାନ୍ତି। ୨୦୨୦ରେ ପାରା-ଆଥଲେଟ୍ ପ୍ରମୋଦ ଭଗତ ଓ ବିଶିଷ୍ଟ ଆଥଲେଟିକ୍ସ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଆଥଲେଟିକ୍ସ ପ୍ରଶିକ୍ଷକ ଅରୁଣ ଦାସ, ୨୦୨୨ ମସିହାରେ ବିଶିଷ୍ଟ ବାସ୍କେଟବଲ୍ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା, ୨୦୨୩ ମସିହାରେ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଓ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ପୁରୁଷ ହକି ଖେଳାଳି ପିଟର ତିର୍କୀ, ୨୦୨୪ରେ ଜାଭେଲିନ୍ ତାରକା କିଶୋର କୁମାର ଜେନା ଓ ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ବିଜୟ ଶତପଥୀ ଏବଂ ୨୦୨୫ରେ ସଫଳ ସନ୍ତରଣକାରୀ ପ୍ରତ୍ୟାଶା ରାୟ ଓ ଫୁଟ୍‌ବଲ ପ୍ରଶିକ୍ଷକ ମହମ୍ମଦ ସାହିଦ୍ ଜବାର ଏହି ସମ୍ମାନ ପାଇଥିଲେ।



ପ୍ରୀତିସ୍ମିତା ଭୋଇ



କାଳୁଚରଣ ଚୌଧୁରୀ

# ସେମିରେ ରାମେଶ୍ୱର

**ଭୁବନେଶ୍ୱର, ୨୬ା୧୨(ଅନାଦି କର)**

ଚଳିତ ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରାମେଶ୍ୱର ସ୍ପୋର୍ଟିଂ ୯ ଉଇକେଟରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ୍ (ଆଇଆଇସି)କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଇଆଇସି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପାଇଁ ଏସ୍ କେ ରମଜାନ ୪୪, ସାଇ ସ୍ୱରୂପ ୩୫ ଓ ଫର୍ହାନ ଅଖତର ୩୩ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ସ୍ୱସ୍ତିକ ଘୋଷାଲ ୨ ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ୨୨.୫ ଓଭରରେ ୧ ଉଇକେଟ ହରାଇ ୧୫୨ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଲିଓନିଲ ମେହେର ୬୩ ବଲରେ ୮୪ ଓ କୁମାର ଆର୍ଯ୍ୟନ ସ୍ୱାଇଁ ୩୩ ରନ କରି ଅପରାଜିତ ରହିଥିଲେ। ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିବା ଆଲୋକ ମଙ୍ଗରାଜ ବିଜୟୀ ଦଳର ଲିଓନିଲ ମେହେରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ କଟକର ରାଇଜିଂ ଷ୍ଟୁଡେଣ୍ଟସ ଓ କ୍ଲବ ଦି ରେଡ୍ ଷ୍ଟାର ପରସ୍ପରକୁ ଭେଟିବେ।

# ବିଜୟ ସ୍ମାରକୀ ବାସ୍କେଟବଲ ଉଦ୍‌ଘାଟିତ




ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଭୁବନେଶ୍ୱର, ୨୬ା୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ (ବିବିଏ), ଖୋର୍ଦ୍ଧା ଜିଲା ବାସ୍କେଟ ବଲ ଆସୋସିଏଶନ୍ ଏବଂ ବାଦଲ ଭାଇ ସ୍ମୃତି କମିଟି ଆନୁକୂଲ୍ୟରେ ୧ମ ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ୟୁନିଟ୍-୧ ସ୍ଥିତ ବାସ୍କେଟବଲ ଗ୍ରାଉଣ୍ଡରେ ପ୍ରଥମ ଦିନ ଅନୁଷ୍ଠିତ ମହିଳା ବର୍ଗର ମ୍ୟାଚରେ ୟଙ୍ଗଷ୍ଟର୍ସ କ୍ଲବ୍ ବିଜୟୀ ହୋଇଥିବାବେଳେ ପୁରୁଷ ବର୍ଗରେ ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ମହିଳା ବର୍ଗର ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ ମ୍ୟାଚରେ ୟଙ୍ଗଷ୍ଟର୍ସ କ୍ଲବ୍ ୪୬-୪୪ ପଏଣ୍ଟ ବ୍ୟବଧାନରେ ବକ୍ସି ବାସ୍କେଟବଲ ଆସୋସିଏଶନକୁ ପରାସ୍ତ କରିଛି। ବିଜୟୀ ଦଳର ନଭ୍ୟା ସର୍ବାଧିକ ୨୨ ଏବଂ ବିପକ୍ଷ ଦଳର ସୋହନା ପାତ୍ର ୧୬ ପଏଣ୍ଟ ସ୍କୋର କରିଛନ୍ତି। ସେହିଭଳି ପୁରୁଷ ବର୍ଗର ମ୍ୟାଚରେ ୱିନର ଆସୋସିଏଶନ ୪୮-୪୩ ପଏଣ୍ଟ ବ୍ୟବଧାନରେ ୟଙ୍ଗଷ୍ଟର୍ସ ବାସ୍କେଟବଲ କ୍ଲବକୁ ହରାଇ ଦେଇଛି। ବିଜୟୀ ଦଳର ଶୁଭମ ବେହେରା ସର୍ବାଧିକ ୧୫ ଓ ୟଙ୍ଗଷ୍ଟର୍ସର ଅବିନାଶ ନାୟକ ୧୪ ପଏଣ୍ଟ ସ୍କୋର କରିଛନ୍ତି। ପରବର୍ତ୍ତୀ ମ୍ୟାଚରେ ଯୁବ ବାସ୍କେଟବଲ କ୍ଲବ ୬୪-୪୫ରେ ଉଲ୍‌ଭ୍ସ ପ୍ୟାକ୍‌କୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ବିଜୟୀ ଦଳର ସୁମନ ପାତ୍ର ୨୪ ଓ ଉଲ୍‌ଭ୍ସର ଜୀଶନ ୧୭ ପଏଣ୍ଟ ସ୍କୋର କରିଛନ୍ତି। ଏଥିସହିତ ପୁରୁଷ ବିଭାଗ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଶନିବାର ପ୍ରଥମ ସେମିଫାଇନାଲରେ କଳିଙ୍ଗ ବାସ୍କେଟବଲ କ୍ଲବ ଓ ଯୁବ ବାସ୍କେଟବଲ କ୍ଲବ ଏବଂ ଦ୍ୱିତୀୟ ସେମିରେ କଟକ ବାସ୍କେଟବଲ ଆସୋସିଏଶନ ଓ ୱିନର ଆସୋସିଏଶନ ମଧ୍ୟରେ ମୁକାବିଲା ହେବ। ମହିଳା ବର୍ଗରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଓ ଗ୍ଲୋବାଲ ଫିଜିଓ ସେଲ୍ ବାସ୍କେଟବଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ସୁଶାନ୍ତ ରାଉତ ଓ ଅନନ୍ତ ନାରାୟଣ ଜେନା, ବିବିଏ ସଭାପତି ମକବୁଲ ଅଲ୍ଲୀ ଏବଂ ଓଡ଼ିଶା ବାସ୍କେଟ ବଲ ଆସୋସିଏସନ ସଭାପତି ଜ୍ଞାନ ରଞ୍ଜନ ପରିଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଆଗାମୀ ୨୮ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ।

# ହାର୍ଦ୍ଦିକ ଏଚ୍ଆଇଏଲ୍ ଗଭର୍ନିଂ କାଉନ୍‌ସିଲ ଅଧିନାୟକ

**ନୂଆଦିଲ୍ଲୀ, ୨୬ା୧୨ (ପି.ଟି.)**

ଜାନୁଆରୀ ୩ରୁ ଚେନ୍ନାଇରେ ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଆରମ୍ଭ ହେବାକୁଥିବା ବେଳେ ଭାରତର ଷ୍ଟାର ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଏଚ୍‌ଆଇଏଲ୍ ଗଭର୍ନିଂ କାଉନ୍‌ସିଲ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ଦଳ ଜାନୁଆରୀ ୫ରେ ଚେନ୍ନାଇସ୍ଥିତ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଏସ୍‌ଜି ପାଇପର୍ସ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଦଳରେ ଲଳିତ ଉପାଧ୍ୟାୟ, ସାମ୍ ୱାର୍ଦ୍ଦ, ସୁରେନ୍ଦର କୁମାର ଓ କେନ୍ ରସେଲଙ୍କ ଭଳି ଅଭିଜ୍ଞ ଷ୍ଟଲୱାର୍ଟ ଖେଳାଳିମାନେ ରହିଛନ୍ତି। ନିକଟରେ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଭାରତୀୟ ଦଳର ଗୁରଜୋତ୍ ସିଂ, ମନମିତ ସିଂ ଟାଲେମ ପ୍ରିୟବ୍ରତ ପ୍ରମୁଖ ମଧ୍ୟ ଏଚ୍‌ଆଇଏଲ୍ ଗଭର୍ନିଂ କାଉନ୍‌ସିଲ ଦଳରେ ସ୍ଥାନ ପାଇଛନ୍ତି।

# ସନ୍ତୋଷ ଟ୍ରଫି: ଓଡ଼ିଶାର ହ୍ୟାଟ୍ରିକ ବିଜୟ




ଛତିଶଗଡ଼ ବିପକ୍ଷ ମ୍ୟାଚ ପୂର୍ବରୁ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୬ା୧୨ (ଅନାଦି କର)**

ଛତିଶଗଡ଼ର ନରେନପୁରରେ ଚାଲିଥିବା ୭୯ତମ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଶୁକ୍ରବାର ଖେଳାଯାଇଥିବା ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ଓଡ଼ିଶା ୩-୧ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି। ଏହି ବିଜୟ ସହ ଓଡ଼ିଶା ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଏହି ଉପଲବ୍ଧି ଲାଗି ଦଳୀୟ ଖେଳାଳିଙ୍କୁ ଝାରସୁଗୁଡ଼ା ବିଧାୟକ ତଥା ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସହ ଆସୋସିଏଶନର ଅନ୍ୟ ପଦାଧିକାରୀ ଅଭିନନ୍ଦନ ଜଣାଇଛନ୍ତି।

ମ୍ୟାଚ୍ ଆରମ୍ଭରୁ ଓଡ଼ିଶା ଆଟାକିଂ ରଣନୀତି ଆପଣେଇଥିଲା। ୩୨ତମ ମିନିଟ୍‌ରେ ଜିତୁ ମୁଦୁଲିଙ୍କ ଗୋଲ ବଳରେ ଓଡ଼ିଶା ଖାତା ଖୋଲିଥିଲା। ଏହାର ୫ ମିନିଟ୍ ପରେ ଚନ୍ଦ୍ର ମୋହନ ମୁର୍ମୁ (୩୭ତମ) ଦଳ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ଏହି ଦୁଇ ଗୋଲ ଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ଓଡ଼ିଶା ୨-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟ୍‌ରେ ଅଭିଷେକ କୁନଜାମ ଛତିଶଗଡ଼ ପାଇଁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହାପରେ ଓଡ଼ିଶାର ଅଧିନାୟକ କାର୍ତ୍ତିକ ହାନ୍ତଲ ୬୪ତମ ମିନିଟ୍‌ରେ ଓଡ଼ିଶା ପାଇଁ ତୃତୀୟ ଗୋଲ କରିଥିଲେ।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ